**ବିଶେଷ ସୂଚନା**

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା whatsapp ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804
odishanishabda@gmail.com

# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA

epaper.odishanishabda.com

ORORI/26/A4490

ODISHA NISHABDA LIVE ଓଡ଼ିଶା ନିଶବ୍ଦ

Follow Us: odishanishabda
odishanishabda

www.odishanishabda.com
epaper.odishanishabda.com

Vol–1 ■ Issue–10 ■ 3rd -9th Sept. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୦ ■ ୩-୯ ସେପ୍ଟେମ୍ବର ୨୦୨୬ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ■ ମୂଲ୍ୟ-୫.୦୦

### କୋର୍ଟ ନିର୍ଦ୍ଦେଶ ପରେ ବି ଦେଉନଥିଲେ ଭରଣପୋଷଣ

## ସରକାରୀ କର୍ମଚାରୀଙ୍କ ଦରମାରୁ କଟିବ ଟଙ୍କା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ବିବାହ ବିଚ୍ଛେଦ ପରେ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପତ୍ନୀ ଓ ସନ୍ତାନଙ୍କୁ ଭରଣପୋଷଣ ଦେଉନଥିବା ସରକାରୀ କର୍ମଚାରୀଙ୍କ ପାଇଁ କଡ଼ା ହେଲେ ରାଜ୍ୟ ସରକାର। ଏଣିକି ସଂପୃକ୍ତ ସରକାରୀ କର୍ମଚାରୀଙ୍କ ଦରମାରୁ ନିର୍ଦ୍ଧାରିତ ରାଶି କାଟି ପତ୍ନୀ ଓ ସନ୍ତାନଙ୍କ ଆକାଉଣ୍ଟରେ ଜମା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ସହ ନିର୍ଦ୍ଦେଶନାମା ଜାରି ହୋଇଛି ।

ବିବାହ ବିଚ୍ଛେଦ ପରେ କୋର୍ଟ ଧାର୍ଯ୍ୟ କରିଥିବା ଭରଣପୋଷଣ ଖର୍ଚ୍ଚ ପାଇବାରୁ ବଞ୍ଚିତ ହେଉଥିବା ମହିଳା ଓ ସନ୍ତାନଙ୍କ ପାଇଁ ଆସିଛି ବଡ଼ ଆଶ୍ୱସ୍ତି। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପତ୍ନୀ ଓ ପିଲାଙ୍କୁ ଭରଣପୋଷଣ ଦେଉନଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ସମୟରେ ଏଭଳି ୨ରୁ ୩ଟି ମାମଲା ସାମ୍ନାକୁ ଆସିବା ପରେ ଦରମାରୁ ଟଙ୍କା କାଟି ଭରଣପୋଷଣ ଖର୍ଚ୍ଚ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଛାଡ଼ପତ୍ର ପରେ କୋର୍ଟ ନିର୍ଦ୍ଧାରଣ କରିଥିବା



ଭରଣପୋଷଣ ରାଶି ଦେଉନଥିବା ଅଭିଯୋଗ ଏକାଧିକ ସରକାରୀ କର୍ମଚାରୀଙ୍କ ବିରୋଧରେ ଆସିଛି। ଏଭଳି ସ୍ଥିତିରେ କୋର୍ଟଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବା ଆଦୌ ଗ୍ରହଣୀୟ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହା ଅଦାଲତଙ୍କ ନିର୍ଦ୍ଦେଶର ଅବମାନନା ସହ ପତ୍ନୀ ଓ ସନ୍ତାନଙ୍କ ପ୍ରତି ଅନ୍ୟାୟ ବୋଲି କୁହାଯାଇଛି । ନୂଆ ନିର୍ଦ୍ଦେଶନାମା ଅନୁସାରେ, ଭରଣପୋଷଣ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ମିଳିବା ପରେ ସଂପୃକ୍ତ ସରକାରୀ କର୍ମଚାରୀଙ୍କ ନୂଆ ଦରମା ବିଲ୍ ପ୍ରସ୍ତୁତ କରାଯିବ। କୋର୍ଟ ଧାର୍ଯ୍ୟ କରିଥିବା ନିର୍ଦ୍ଧାରିତ ଅର୍ଥରାଶି କର୍ମଚାରୀଙ୍କ ଦରମାରୁ କାଟି ସିଧାସଳଖ ପତ୍ନୀ ଓ ସନ୍ତାନସନ୍ତତିଙ୍କ ଆକାଉଣ୍ଟରେ ଜମା କରାଯିବ ।

ଏହାସହ ଆଗାମୀ ଦିନରେ ସରକାରୀ କର୍ମଚାରୀଙ୍କ ଛାଡ଼ପତ୍ର ହେଲେ କୋର୍ଟ ଧାର୍ଯ୍ୟ କରିଥିବା ଭରଣପୋଷଣ ରାଶିକୁ ଐଜଗଝରେ ଯୋଡ଼ିବା ପାଇଁ ମଧ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଭରଣପୋଷଣ ରାଶି ପ୍ରଦାନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରାଯାଇପାରିବ । ବିବାହ ବିଚ୍ଛେଦ ପରେ ଆର୍ଥିକ ସମସ୍ୟାରେ ପଡୁଥିବା ମହିଳା ଓ ସନ୍ତାନଙ୍କ ପାଇଁ ସରକାରଙ୍କ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ନୂଆ ବ୍ୟବସ୍ଥା ଲାଗୁ ହେବା ପରେ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଭରଣପୋଷଣ ଖର୍ଚ୍ଚ ଫାଙ୍କୁଥିବା ସରକାରୀ କର୍ମଚାରୀଙ୍କ ଉପରେ ଲଗାମ ଲାଗିବା ସହ ପତ୍ନୀ ଓ ପିଲାଙ୍କ ଆର୍ଥିକ ସହାୟତା ସୁନିଶ୍ଚିତ ହୋଇପାରିବ।

## ସୂଚନା ଓ ଲୋକସମ୍ପର୍କ ବିଭାଗରେ ନୂତନ ନିର୍ଦ୍ଦେଶକଙ୍କ ଯୋଗଦାନ



**ଭୁବନେଶ୍ୱର:** ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଶ୍ରୀ ସଞ୍ଜୟ କୁମାର ବିଶ୍ୱାଳ ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଆଜି ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷଠାରେ ଶ୍ରୀ ବିଶ୍ୱାଳଙ୍କୁ ଅତିରିକ୍ତ ଶାସନ ସଚିବ ଶ୍ରୀ ଅଶୋକ କୁମାର ବେହୁରିଆ, ଯୁଗ୍ମ ଶାସନ ସଚିବ ଶ୍ରୀ କଲାମୁଦ୍ଦିନ୍ ?, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀମତୀ ସ୍ମିତା କର, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକଙ୍କୁ ତାଙ୍କର ନୂତନ କାର୍ଯ୍ୟଭାର ନେଇ ଶୁଭେଚ୍ଛା ଜଣାଇଥିଲେ । ବିଭାଗର ଅନ୍ୟ ଅଧିକାରୀମାନେ ମଧ୍ୟ ଶ୍ରୀ ବିଶ୍ୱାଳଙ୍କୁ ସ୍ୱାଗତ ଜଣାଇଥିଲେ। ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ବିଭାଗୀୟ କାର୍ଯ୍ୟର ସୂଚାରୁ ସମ୍ପାଦନ ନିମନ୍ତେ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ । ସୂଚନାଯୋଗ୍ୟ ଯେ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବାଣିଜ୍ୟ ଓ ପରିବହନ ବିଭାଗରେ ଅତିରିକ୍ତ ଶାସନ ସଚିବ ଭାବେ ଅବସ୍ଥାପିତ ଥିଲେ। ଓଡ଼ିଶା ରାଜ୍ୟ ପରିବହନ ନିଗମ, କୁଟ୍ ସମେତ ବିଭିନ୍ନ ବିଭାଗରେ ସେ ଜଣେ ପ୍ରଶାସନିକ ଅଧିକାରୀ ଭାବେ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

### ମଧପ୍ରାଚ୍ୟ ନିବେଶ ଉପରେ ନଜର

## ୨୦୨୨ରେ ଆସିଥିଲା ୨୧,୮୦୦ କୋଟି

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଦେଶରୁ ପୁଞ୍ଜିନିବେଶ ଆଣିବା ଲାଗି ୮-୯ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇ ଗସ୍ତ କରିବେ। ଦୁଇବର୍ଷ ପରେ ସେ ପୁଣି ଥରେ ବିଦେଶ ମାଟିରୁ ଓଡ଼ିଶା ପାଇଁ ନିବେଶ ଆଣିବାକୁ ଉଦ୍ୟମ କରିବେ। ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ୨୦୨୪ରେ ସେ ସିଙ୍ଗାପୁର ଗସ୍ତରେ ଯାଇଥିଲେ। ତାଙ୍କ ଆସନ୍ତା ଦୁବାଇ ଗସ୍ତର କେତେ ପୁଞ୍ଜିନିବେଶ ଆସିବ ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ଶେଷ ଥର ପାଇଁ ୨୦୨୨ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦୁବାଇରେ ଏକ ନିବେଶକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସେହି ସମ୍ମିଳନୀରୁ ୨୧ ହଜାର ୮୦୦ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଥିଲା। ଶୋଭା ରିଅଲିଟି, ଲୁଲୁ ଗ୍ରୁପ୍, ଟାବ୍ରିଡ୍, ଆରବ ଆଣ୍ଡ ଇଣ୍ଡିଆ ସ୍ପାଇସେସ୍, ସରାଫ ଗ୍ରୁପ୍, ଟ୍ୱେଣ୍ଟି୧୪ ହୋଲ୍ଡିଂ ଭଳି ସଂସ୍ଥା ରାଜ୍ୟରେ ନିବେଶ କରିବାକୁ ପ୍ରସ୍ତାବ ଦେଇଥିଲେ। ସୋଭା ରିଅଲିଟି ୫୦୦୦ କୋଟି ଟଙ୍କା ଏବଂ ଲୁଲୁ ଗ୍ରୁପ୍ ସପିଙ୍ଗ ମଲ୍ କରିବାରେ ୧୫୦୦ କୋଟି ଟଙ୍କା ନିବେଶ କରିବାକୁ କହିଥିଲା। ସେହି ପ୍ରସ୍ତାବଗୁଡ଼ିକୁ ବାସ୍ତବ କାର୍ଯ୍ୟକାରିତା ଏବେବି ପ୍ରଶ୍ନବାଚୀ ହୋଇରହିଛି।

ଚାରି ବର୍ଷର ବ୍ୟବଧାନ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୮-୯ ତାରିଖ ଦୁବାଇ ନିବେଶକ ସମ୍ମିଳନୀରେ ଭାଗ ନେବେ। ସେ ଧାତବ, ପେଟ୍ରୋରସାୟନ, ଖାଦ୍ୟ ପ୍ରକ୍ରିୟାକରଣ, ସବୁଜ ଶକ୍ତି, ଗ୍ରିନ ହାଇଡ୍ରୋଜେନ ଓ ଗ୍ରିନ୍ ଆମୋନିଆ, ବୟନ, ପୋଷାକ, ସେମିକଣ୍ଡକ୍ଟର, ବନ୍ଦର ଓ ଲଜିଷ୍ଟିକ୍ସ କ୍ଷେତ୍ର ଲାଗି ପୁଞ୍ଜିନିବେଶ ଆଣିବା ପାଇଁ ଉଦ୍ୟମ କରିବେ। ନିକଟରେ ୟୁଏଇର ସଂସ୍ଥା ଇଣ୍ଟରନ୍ୟାସନାଲ୍ ? ହୋଲ୍ଡିଂ କମ୍ପାନୀ (ଆଇଏଚ୍ସି) ଆଦାନୀ ଗ୍ରୁପ୍ ସହିତ ମିଶି ଓଡ଼ିଶାରେ ବକ୍ସାଇଟ୍ ଖଣି, ଆଲୁମିନା ବିଶୋଧନାଗାର, ଆଲୁମିନିୟମ ସ୍ମେଲଟର, ପାୱାର ପ୍ଲାଣ୍ଟ୍ ଆଦିରେ ୧.୧୦ଲକ୍ଷ କୋଟି ଟଙ୍କା ନିବେଶ କରିବା ଲାଗି ରାଜ୍ୟ ସରକାରଙ୍କ ସହ ବୁଝାମଣା କରିଥିଲା। ତେଣୁ ଶ୍ରୀ ମାଝୀଙ୍କ



ଦୁବାଇ ନିବେଶକ ସମ୍ମିଳନୀରୁ ବିପୁଳ ନିବେଶ ଆସିବା ଆଶା ରହିବା ସ୍ୱାଭାବିକ। ଗତ ପାଞ୍ଚ ବର୍ଷ ମଧରେ ରାଜ୍ୟ ସରକାର ୨୦୨୨ରେ ଦୁବାଇ/ୟୁଏଇ, ୨୦୨୩ରେ ଜାପାନ ଓ ୨୦୨୪ରେ ସିଙ୍ଗାପୁରରେ ରୋଡ୍ସୋ ଆୟୋଜନ କରିଥିଲେ। ଜାପାନ ନିବେଶକ ସମ୍ମିଳନୀରୁ ରାଜ୍ୟ ସରକାର ୨୬ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ କରିଥିଲେ। ଗ୍ରିନ୍ ହାଇଡ୍ରୋଜେନ୍ ଓ ଗ୍ରିନ ଆମୋନିଆ, ସୂଚନା ପ୍ରଯୁକ୍ତି, ଲଜିଷ୍ଟିକ୍ସ, ଧାତବ, ଇସ୍ପାତ ଆଦି କ୍ଷେତ୍ର ପାଇଁ ସରକାର ନିବେଶ ପ୍ରସ୍ତାବ ଆସିଥିଲା। ୨୦୨୪ର ସିଙ୍ଗାପୁର ରୋଡ୍ ସୋ ସମୟରେ ଏମ୍ଏଏସ୍ ହୋଲ୍ଡିଂ, ଲିଣ୍ଡେ, ସେମ୍ବକର୍ପ, ଭୋପାକ୍ ଓ ଏପି ମୋଲର ମାଏର୍ସକ ଭଳି ସଂସ୍ଥା ଓଡ଼ିଶାରେ ନିବେଶ କରିବାକୁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମାଝୀଙ୍କ ସରକାର ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ବିଦେଶୀ ପୁଞ୍ଜି ହାସଲ କରିବାକୁ ଲକ୍ଷ୍ୟ ରଖିଥିବାରୁ ତାଙ୍କ ଦୁବାଇ ଗସ୍ତର ବେଶ ଗୁରୁତ୍ୱ ରହିଛି। କିନ୍ତୁ ଓଡ଼ିଶାର ବିଦେଶୀ ନିବେଶକ ଅଭିଯାନର ସଫଳତା ଦୁଇଟି ମାପଦଣ୍ଡ ଉପରେ ନିର୍ଭର କରିବ। କେତେ ନିବେଶ ପ୍ରସ୍ତାବ ଆସିଲା ଓ କେତେ ବାସ୍ତବରେ କାର୍ଯ୍ୟକାରୀ ହେଲା।

## ୧୭ତମ ଦିନରେ ୮ଘଣ୍ଟା ୨୩ ମିନିଟ୍ ଗଣତି: ସବୁ ରତ୍ନର ଫଟୋଗ୍ରାଫି, ଭିଡିଓଗ୍ରାଫି, ସହ କାଟଲଗ୍ ପ୍ରସ୍ତୁତ

ପୁରୀ : ୧୭ତମ ଦିନରେ ମଧ ଲମ୍ବା ସମୟ ଧରି ଭିତର ଭଣ୍ଡାରରେ ରତ୍ନ ଗଣତି ହୋଇଛି। ପ୍ରାୟ ୮ଘଣ୍ଟା ୨୩ ମିନିଟ୍ ? ଧରି ଚାଲିଥିବା ଏହି ଗଣତିରେ ହୀରା, ନୀଳା, ମୋତି, ମାଣିକ୍ୟ ପ୍ରଭୃତି ମୂଲ୍ୟବାନ ରତ୍ନ ୧୯୭୮ ତାଲିକା ଅନୁଯାୟୀ ସମ୍ପୂର୍ଣ୍ଣ ମେଳକ ହୋଇଛି। ମହାପ୍ରଭୁଙ୍କୁ କୃପାରୁ ଏହା ଅତ୍ୟନ୍ତ ସ୍ୱଚ୍ଛତାର ସହ କରାଯାଉଛି। ପରବର୍ତ୍ତୀ ପର୍ଯ୍ୟାୟ କେବେ ଆରମ୍ଭ ହେବ ପରେ ଜଣାଇ ଦିଆଯିବ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ସକାଳ ଧୂପ ପରେ ୧୧ଟା ୩୦ ମିନିଟ୍ ?ରେ ସ୍ୱତନ୍ତ୍ର ଦଳ ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। ସଂଧ୍ୟା ୭ଟା ୫୩ ମିନିଟ୍ ?ରେ ଗଣତି ଶେଷ ହୋଇଥିଲା। ଭିତରେ ଥିବା ୬ଟି ଆଲମାରିରୁ ଏବେ ପଞ୍ଚମ ଆଲମାରି ରତ୍ନ ଗଣତି ଚାଲିଛି। ସବୁ ରତ୍ନର ଫଟୋଗ୍ରାଫି, ଭିଡିଓଗ୍ରାଫି, ଥ୍ରିଡି ମ୍ୟାପିଂ ସହ କାଟଲଗ୍ ? ପ୍ରସ୍ତୁତ କରାଯାଉଛି। ରତ୍ନ ବିଶାରଦଙ୍କ ଦ୍ୱାରା ରତ୍ନପଥରଗୁଡ଼ିକ ଚିହ୍ନଟ ହେଉଥିବାରୁ ଗୋଟିଏ ଗୋଟିଏ ରତ୍ନ ପରୀକ୍ଷା କରି ଗଣତି କରିବାକୁ ଘଣ୍ଟାଏ ଲାଗୁଛି। ଅତିରିକ୍ତ ବ୍ୟବସ୍ଥାବଳୀ ଆଧାରରେ ସମ୍ପୂର୍ଣ୍ଣ ନିର୍ଭୁଲ ଭାବରେ ପ୍ରକ୍ରିୟା ଜାରି ରହିଥିବା ସେ କହିଛନ୍ତି। ରତ୍ନଭଣ୍ଡାର ଭିତରେ ଥିବା ତିନିଟି କାଠବାକ୍ସର ମାପ ନିଆଯାଇଥିଲା। ସେହି ମାପରେ ନୂଆ ବାକ୍ସ ତିଆରି ହେବ। କାଠବାକ୍ସରୁ ରତ୍ନ ଗଣା ସରିବା ପରେ ନୂଆ ବାକ୍ସରେ ରଖାଯିବ। ଆଲମାରିରୁ ଗଣତି ସରିଯିବା ପରେ ଏହି କାଠବାକ୍ସ ଖୋଲାଯିବ। କାଠବାକ୍ସକୁ ଖୋଲି ଅଳଙ୍କାର ଗଣତି କରିବା ଭିତର ରତ୍ନଭଣ୍ଡାରର ସୀମିତ ଜାଗାରେ ସମ୍ଭବ ନ ଥିବାରୁ ଏହାକୁ ଖଟଶେଜ ଘରେ ଗଣତି କରାଯିବ। ଏଣୁ ଏହି ଖଟଶେଜ ଘରକୁ ତା ପୂର୍ବରୁ ପ୍ରସ୍ତୁତ କରାଯାଉଛି। ଏହି ପ୍ରକ୍ରିୟାରେ ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଡ. ଜଷ୍ଟିସ୍ ବିଶ୍ୱନାଥ ରଥ, ଅଧିକୃତ ସେବକ, ଛତିଶା ନିଯୋଗ ନାୟକ, ତଢ଼ଉକରଣ, ଦେଉଳକରଣ, ଭଣ୍ଡାର ମେକାପ ସେବକ, ପରିଚାଳନା କମିଟି ସଦସ୍ୟ ଓ ଯେଉଁମାନେ ଅଧିକୃତ ବ୍ୟକ୍ତିବିଶେଷ ଅଛନ୍ତି; ସମସ୍ତେ ସମର୍ପଣ ଭାବ ନେଇ ସହଯୋଗ କରୁଛନ୍ତି ବୋଲି କହିଛନ୍ତି ଡ. ପାଢ଼ୀ।

### ■ ଅକ୍ଟୋବର ୨୬ରୁ ଘରକୁ ଘର ସର୍ଭେ

## ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ

**ଭୁବନେଶ୍ୱର:** ସହରାଞ୍ଚଳରେ ଥିବା ଅଧିକାଂଶ ବିଧାନସଭା ବୁଥ୍ ?ଗୁଡ଼ିକର କୌଣସି ନିର୍ଦ୍ଦିଷ୍ଟ ଭୌଗୋଳିକ ପରିସୀମା ନାହିଁ। ଫଳରେ ଗୋଟିଏ ବୁଥ୍‌ରେ ୧୦ରୁ ୧୨ଟି ଅଲଗା ଅଲଗା ଅଞ୍ଚଳର ଭୋଟର ସାମିଲ ହୋଇ ରହୁଛନ୍ତି। ଏପରିକି ଗୋଟିଏ ୱାର୍ଡର ଭୋଟରଙ୍କୁ ଅନ୍ୟ ଏକ ୱାର୍ଡରେ ଭୋଟ୍ ଦେବାକୁ ପଡୁଛି। ଯାହାଫଳରେ ଅନେକ ଭୋଟର ମତଦାନ କେନ୍ଦ୍ରକୁ ଯିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଗ୍ରାମାଞ୍ଚଳରେ ବି କେତେକ ସ୍ଥାନରେ ଭୋଟରଙ୍କର ବୁଥ୍ ପରିବର୍ତ୍ତନ ହୋଇଯାଉଛି। ଭୋଟର ତାଲିକାରେ ଥିବା ତ୍ରୁଟିକୁ ସଂଶୋଧନ କରିବାକୁ ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ଘରକୁ ଘର ବୁଲି ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଯେଉଁ ୱାର୍ଡର ଯେତେ ଭୋଟର ଥିବେ ସେମାନଙ୍କୁ ସେହି ୱାର୍ଡରେ ମତଦାନ କରିବାର ସୁଯୋଗ ମିଳିବ। ବିଶେଷକରି ପରିବାରର ସମସ୍ତ ସଦସ୍ୟ ଗୋଟିଏ ବୁଥ୍‌ରେ ମତଦାନ କରିବାର ଅଧିକାର ପାଇବେ।

ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନକୁ ନଜରରେ ରଖି ରାଜ୍ୟ ନିର୍ବାଚନ କମିସନଙ୍କ ପକ୍ଷରୁ ଅକ୍ଟୋବର ୨୬ରୁ ଘରକୁ ଘର ବୁଲି ଭୋଟର ତାଲିକାରେ ସଂଶୋଧନ କରିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ଉପରୋକ୍ତ ଦୁଇଟି ନିର୍ବାଚନକୁ ସ୍ୱଚ୍ଛ, ନିର୍ଭୁଲ, ବ୍ୟବସ୍ଥିତ କରାଯାଇପାରିବ। ଏହାସହ ମତଦାନ ହାର ବଢ଼ିବ ବୋଲି କୁହାଯାଇଛି। ସେହିପରି ରାଜ୍ୟବ୍ୟାପୀ ସର୍ଭେ ହେବା ପୂର୍ବରୁ ସବୁଠୁ ଅଧିକ ଅବ୍ୟବସ୍ଥିତ ଭୋଟର ତାଲିକା ଥିବା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ତିନିଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ପାଇଲଟ୍ ସର୍ଭେ କରିବାକୁ ନିଷ୍ପତ୍ତି ହୋଇଛି। ସେପ୍ଟେମ୍ବର ୩ରୁ ୧୧ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ହେବ। ଏଥିରେ



ଭୁବନେଶ୍ୱର-ଉତ୍ତର ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୧୦, ଭୁବନେଶ୍ୱର ମଧ ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୩୫ ଏବଂ ଭୁବନେଶ୍ୱର -ଏକାମ୍ର ବିଧାନସଭା କ୍ଷେତ୍ରର ୱାର୍ଡ ନଂ-୫୨ରେ ଘରକୁ ଘର ସର୍ଭେ ହେବ।

ଏହି ସର୍ଭେ କାର୍ଯ୍ୟରେ ନିୟୋଜିତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନେଇ ହୋଇଥିବା ଟିମ୍‌କୁ ଠିକ୍ ତଥ୍ୟ ପ୍ରଦାନ କରି ପୂର୍ଣ୍ଣ ସହଯୋଗ କରିବାକୁ ରାଜ୍ୟ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ଏହି ଅଭିଯାନ ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ, ନିର୍ଭୁଲ ତଥା ବ୍ୟବସ୍ଥିତ ଭୋଟର ତାଲିକା ପ୍ରସ୍ତୁତ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିସନର ମଧୁସୂଦନ ପାଢ଼ୀ କହିଛନ୍ତି।

## ୧୦ମାସ ପରେ ଜେଲରୁ ମୁକୁଳିଲେ ବିକ୍ରମ ପଣ୍ଡା

### ହଜାର ହଜାର ସମର୍ଥକଙ୍କ ଭିଡ଼, ପୁଷ୍ପବୃଷ୍ଟିରେ ସ୍ୱାଗତ; ବିରାଟ ଶୋଭାଯାତ୍ରାରେ ଘରକୁ ଫେରିଲେ



**(ବ୍ରହ୍ମପୁର: / ରିପୋର୍ଟର- ପ୍ରେମାନନ୍ଦ ପୁଜାରୀ) :** ଦୀର୍ଘ ୧୦ ମାସର ଜେଲ ଜୀବନ ପରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ମୁକୁଳିଛନ୍ତି ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ସେ ପ୍ରାୟ ୧୦ ମାସ ଧରି ବିଚାରାଧୀନ ବନ୍ଦୀ ଭାବେ ଜେଲରେ ଥିଲେ। ହାଇକୋର୍ଟ ଗତକାଲି ତାଙ୍କୁ ଜାମିନ ମଞ୍ଜୁର କରିବା ପରେ ଆଜି ଆବଶ୍ୟକ ପ୍ରକ୍ରିୟା ଶେଷ ହେବା ପରେ ସେ ଜେଲରୁ ବାହାରିଛନ୍ତି।

ବିକ୍ରମଙ୍କ ମୁକ୍ତି ଖବର ପାଇ ତାଙ୍କ ସମର୍ଥକ, ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିଲା। ତାଙ୍କୁ ସ୍ୱାଗତ କରିବା ପାଇଁ ଜେଲ ସମ୍ମୁଖରେ ହଜାର ହଜାର ସମର୍ଥକଙ୍କ ଭିଡ଼ ଜମିଥିଲା। ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା କର୍ମୀମାନେ ବିକ୍ରମ ଜେଲରୁ ବାହାରିବା ପରେ ପୁଷ୍ପବୃଷ୍ଟି କରି ତାଙ୍କୁ ସ୍ୱାଗତ କରିଥିଲେ।

ଏହି ଅବସରରେ ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ। ସଞ୍ଜୟ ଦାସବର୍ମା, ଦେବୀ ପ୍ରସାଦ ମିଶ୍ର, ସାଂସଦ ମାନସ ମଙ୍ଗରାଜ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ପ୍ରତାପ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ଗନ୍ତାୟତ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ ବିଡିଏ ଅଧକ୍ଷ ସୁବାସ ମହାରଣା, କୈଳାସ ରଣା, ସରୋଜ ସାବତ, ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ବେହେରା ଓ କବିସୂର୍ଯ୍ୟନଗରର ପୂର୍ବତନ ବିଧାୟିକା ଲତିକା ପ୍ରଧାନଙ୍କ ସମେତ ବ୍ରହ୍ମପୁର



ମହାନଗର ନିଗମର ବିଜେଡି କର୍ପୋରେଟର, ଛାତ୍ର, ଯୁବ ଓ ମହିଳା ବିଜେଡିର ନେତା ଓ କର୍ମୀ ଉପସ୍ଥିତ ଥିଲେ। ଜେଲରୁ ବାହାରିବା ପରେ ବିକ୍ରମଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗଜପତି ନଗରସ୍ଥିତ ତାଙ୍କ ବାସଭବନକୁ ନିଆଯାଇଥିଲା। ଶୋଭାଯାତ୍ରାରେ ବିପୁଳ ସଂଖ୍ୟକ ସମର୍ଥକ ସାମିଲ ହୋଇଥିବାରୁ ସହରରେ ରାଜନୈତିକ ଚର୍ଚ୍ଚା ଜୋର ଧରିଥିଲା।

**'ଦୀର୍ଘ ୧୦ ମାସର ପ୍ରତୀକ୍ଷାର ଅନ୍ତ'**

ବିକ୍ରମଙ୍କ ମା' କହିଛନ୍ତି, ଦୀର୍ଘ ୧୦ ମାସ ଧରି ପରିବାର ଯେଉଁ ପ୍ରତୀକ୍ଷାରେ ଥିଲା, ଆଜି ତାହାର ଅନ୍ତ ଘଟିଛି। ପୁଅ ଘରକୁ ଫେରିଥିବାରୁ ପରିବାର ଭାବବିହ୍ୱଳ ହୋଇପଡ଼ିଛି।

ବିକ୍ରମଙ୍କ ବାପା କହିଛନ୍ତି ଯେ, ତାଙ୍କର ଓଡ଼ିଶା ନ୍ୟାୟପାଳିକା ଉପରେ ଦୃଢ଼ ବିଶ୍ୱାସ ଥିଲା। ତାଙ୍କ ପୁଅକୁ ବିନା ଦୋଷରେ ଜେଲ ପଠାଯାଇଥିବା ସେ ଦାବି କରିଛନ୍ତି।

**'ମୁଁ ନିର୍ଦ୍ଦୋଷ, ହତ୍ୟାକାଣ୍ଡରେ ମୋର ସମ୍ପୃକ୍ତି ନାହିଁ'**

ଜେଲରୁ ବାହାରିବା ପରେ ବିକ୍ରମ ପଣ୍ଡା କହିଛନ୍ତି, ସେ ନିର୍ଦ୍ଦୋଷ ଏବଂ ପୀତବାସ ପଣ୍ଡା ହତ୍ୟାକାଣ୍ଡରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ। ନ୍ୟାୟପାଳିକା ଉପରେ ତାଙ୍କର ବିଶ୍ୱାସ ଥିଲା ଏବଂ ଆଗକୁ ମଧ ନ୍ୟାୟ ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଏଥିସହ ରାଜନୈତିକ ଉଦ୍ଦେଶ୍ୟ ରଖି ତାଙ୍କୁ ଜାଣିଶୁଣି ବିଜେପି ସରକାର ଜେଲ ପଠାଇଥିବା ବିକ୍ରମ ଅଭିଯୋଗ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦ ଓ ସମର୍ଥକଙ୍କ ଭଲପାଇବା ଯୋଗୁଁ ସେ ଆଜି ଜେଲରୁ ବାହାରିପାରିଥିବା ବିକ୍ରମ କହିଛନ୍ତି।

ତେବେ ମାମଲାର ଆଇନଗତ ପ୍ରକ୍ରିୟା ଜାରି ରହିଥିବା ବେଳେ ଜାମିନରେ ବାହାରିବା ପରେ ବିକ୍ରମଙ୍କ ଏହି ଭବ୍ୟ ସ୍ୱାଗତ ବ୍ରହ୍ମପୁର ରାଜନୀତିରେ ନୂଆ ଚର୍ଚ୍ଚାକୁ ଜନ୍ମ ଦେଇଛି।









## ୟୁରୋପରେ ରାଜକୁମାରୀଙ୍କୁ ବିବାହ କରିବେ ବିଲାୱଲ ଭୁଟ୍ଟୋ



**ନୂଆଦିଲ୍ଲୀ:** ପାକିସ୍ତାନ ନେତା ବିଲାୱାଲ ଭୁଟ୍ଟୋ - ଜର୍ଦ୍ଦାରୀ ଜଣେ ୟୁରୋପୀୟ ରାଜକୁମାରୀଙ୍କୁ ବିବାହ କରିବାକୁ ପ୍ରସ୍ତୁତ ହେଉଥିବା ପାକିସ୍ତାନର ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଛି। ଭାଇରାଲ ପୋଷ୍ଟଗୁଡ଼ିକରେ ଦାବି କରାଯାଇଛି ଯେ, ୩୮ ବର୍ଷୀୟ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ମୁଖ୍ୟ ଅଷ୍ଟ୍ରିଆର ଶେଷ ସମ୍ରାଟ ଚାର୍ଲ୍ସ ପ୍ରଥମଙ୍କ ପ୍ରପୌତ୍ରିଙ୍କୁ ବିବାହ କରିବେ। ବିଲାୱାଲଙ୍କ ବାପା ତଥା ପାକିସ୍ତାନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରୀ ସାତ ଦିନିଆ ବ୍ୟକ୍ତିଗତ ଗସ୍ତରେ ଅଷ୍ଟ୍ରିଆରେ ପହଞ୍ଚିବା ପରେ ଏହି କଳ୍ପନାଜଳ୍ପନା ଜୋର ଧରିଛି। ସୋସିଆଲ ମିଡିଆୟୁଜରମାନେ ଜର୍ଦ୍ଦାରୀଙ୍କ ଅଷ୍ଟ୍ରିଆ ଯାତ୍ରାକୁ କଥିତ ବିବାହ ସହିତ ଯୋଡ଼ିଥିଲେ। କିଛି ଲୋକ ଦାବି କରିଥିଲେ ଯେ, ବିବାହ ଆଲୋଚନା ଚାଲିଛି ଓ ଖୁବ୍ ଶୀଘ୍ର ଏନେଇ ଏକ ତାରିଖ ଚୂଡ଼ାନ୍ତ ହୋଇପାରେ। ତେବେ ପିପିପି ଏହି ବିବାହ ଚର୍ଚ୍ଚା ଉପରେ ବିରାମ ଲଗାଇଛି ଓ ବିଲାୱାଲଙ୍କ ନିର୍ବନ୍ଧ ଓ ବିବାହ ବିଷୟରେ ରିପୋର୍ଟକୁ 'ଭୁଲ ଓ ଭିତ୍ତିହୀନ' ବୋଲି କହିଛି।

■ଏସ୍-୪୦୦ ପାଇଁ ମେଗା ଡିଲ୍

## ଖର୍ଚ୍ଚ ହେବ ପ୍ରାୟ ୫୦ହଜାର କୋଟି



**ନୂଆଦିଲ୍ଲୀ :** ଭାରତୀୟ ବାୟୁସେନାର ଆକାଶ ପ୍ରତିରକ୍ଷା କବଚ ହେବ ଆହୁରି ଅଭେଦ୍ୟ । ରୁଷିଆ ଠାରୁ ଆଉ ୫ଟି ଶକ୍ତିଶାଳୀ ଏସ୍-୪୦୦ ସୁଦର୍ଶନ ଏୟାର ଡିଫେନ୍ସ ସିଷ୍ଟମ ସ୍କ୍ୱାଡ୍ରନ କିଣିବାକୁ ଯାଉଛି ଭାରତ । ପ୍ରାୟ ୫୦ ହଜାର କୋଟି ଟଙ୍କାର ଏହି ମେଗା ଡିଲ୍ ପାଇଁ ଭାରତ ଜାରି କରିଥିବା ଟେଣ୍ଡର ଉପରେ ରୁଷିଆ ନିଜର ବିସ୍ତୃତ ପ୍ରସ୍ତାବ ପ୍ରଦାନ କରିଛି । ସୂଚନା ଅନୁସାରେ, ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜାରି ଟେଣ୍ଡର ଉପରେ ରୁଷିଆ ସରକାରୀ ସ୍ତରରେ ସବୁଜ ସଙ୍କେତ ଦେଇ ପ୍ରସ୍ତାବ ଦାଖଲ କରିଛି। ବର୍ତ୍ତମାନ ଏହି ପ୍ରସ୍ତାବର ଯାଞ୍ଚ ଓ ମୂଲ୍ୟାୟନ ପ୍ରକ୍ରିୟା ଚାଲିଛି। ଚୁକ୍ତି ସ୍ୱାକ୍ଷରିତ ହେବାର ପ୍ରାୟ ୩ ବର୍ଷ ମଧ୍ୟରେ ଏହି ନୂତନ ସ୍କ୍ୱାଡ୍ରନଗୁଡ଼ିକର ଯୋଗାଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି।

ପୂର୍ବରୁ ୨୦୧୮ରେ ହୋଇଥିବା ଚୁକ୍ତି ମୁତାବକ ଭାରତକୁ ମିଳିବାକୁ ଥିବା ୫ଟି ସ୍କ୍ୱାଡ୍ରନ ମଧ୍ୟରୁ ୪ଟି ମିଳିସାରିଛି ଏବଂ ଶେଷ ସ୍କ୍ୱାଡ୍ରନଟି ଖୁବ୍‌ଶୀଘ୍ର ପହଞ୍ଚିବାକୁ ଯାଉଛି। ନୂତନ ଭାବେ ଆସୁଥିବା ୫ଟି ଅତିରିକ୍ତ ଏସ୍-୪୦୦ ସ୍କ୍ୱାଡ୍ରନକୁ ପୂର୍ବ ଏବଂ ପଶ୍ଚିମ ମୋର୍ଚ୍ଚାରେ ମୁତୟନ କରି ଭାରତ ନିଜର ଦୀର୍ଘ ଦୂରଗାମୀ ଏୟାର ଡିଫେନ୍ସକୁ ଆହୁରି ମଜଭୁତ କରିବ । ଏହା ବ୍ୟତୀତ ମିସାଇଲ୍ ଷ୍ଟକ୍ ବୃଦ୍ଧି ପାଇଁ ୨୮୦ରୁ ଊର୍ଦ୍ଧ୍ୱ ଅତିରିକ୍ତ କ୍ଷେପଣାସ୍ତ୍ର ମଧ୍ୟ ସାମିଲ କରିବାକୁ ଯୋଜନା ରହିଛି। ୪୦୦ କିଲୋମିଟର ପର୍ଯ୍ୟନ୍ତ ଶତ୍ରୁପକ୍ଷର ଲଢୁଆ ବିମାନ, କ୍ରୁଜ୍ ମିସାଇଲ୍ ଏବଂ ଡ୍ରୋନକୁ ଆକାଶ ମାର୍ଗରେ ହିଁ ଧ୍ୱଂସ କରିବାରେ ଏସ୍-୪୦୦ ବେଶ୍ ପାରଙ୍ଗମ, ଯାହା ଭାରତୀୟ ସୀମାକୁ ସମ୍ପୂର୍ଣ୍ଣ ଅଭେଦ୍ୟ କରି ଗଢ଼ି ତୋଳିବ।

## ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧି



**ନୂଆଦିଲ୍ଲୀ:** ସେପ୍ଟେମ୍ବର ମାସର ପ୍ରଥମ ଦିନରେ ଜନସାଧାରଣଙ୍କୁ ଆଉ ଏକ ଝଟକା ଲାଗିଛି। ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ବୃଦ୍ଧି ପାଇଛି। ସରକାରୀ ତେଲ ମାର୍କେଟିଂ କମ୍ପାନୀ IOC, HPCL, ଏବଂ BPCL ୧୯ କିଲୋଗ୍ରାମ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବୃଦ୍ଧି କରିଛନ୍ତି। ଏହି ସିଲିଣ୍ଡର ମୂଲ୍ୟରେ ଦିଲ୍ଲୀ ସମେତ ସାରା ଦେଶରେ ୯ଟଙ୍କା ୫୦ ପଇସାକୁ ବୃଦ୍ଧି ପାଇଛି। ଏହି ମୂଲ୍ୟ କେବଳ ବାଣିଜ୍ୟିକ ସିଲିଣ୍ଡର ପାଇଁ। ଏହି ୧୯ କିଲୋଗ୍ରାମ ସିଲିଣ୍ଡର ଦୋକାନୀ, ରେଷ୍ଟୁରାଣ୍ଟ ଏବଂ ବ୍ୟବସାୟ ଦ୍ୱାରା ବ୍ୟବହୃତ ହୁଏ। ଘରୋଇ ସିଲିଣ୍ଡର ମୂଲ୍ୟ ଅପରିବର୍ତ୍ତିତ ରହିଛି। ବାଣିଜ୍ୟିକ ସିଲିଣ୍ଡରର ବର୍ଦ୍ଧିତ ମୂଲ୍ୟ ଆଜିଠାରୁ ଦେଶବ୍ୟାପୀ କାର୍ଯ୍ୟକାରୀ ହେଉଛି। ଦିଲ୍ଲୀରେ ୯ଟଙ୍କା ୫୦ ପଇସା ବୃଦ୍ଧି ପରେ ଏକ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୨୭୪୭ ଟଙ୍କା ୫୦ ପଇସାରେ ପହଞ୍ଚିଛି। ଅଗଷ୍ଟରେ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ହ୍ରାସ କରାଯାଇଥିଲା। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ମୂଲ୍ୟ ୧୯୨ ଟଙ୍କା ହ୍ରାସ କରିଥିଲେ। ପରବର୍ତ୍ତୀ ସମୟରେ ଦିଲ୍ଲୀରେ ଏକ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ୨୯୩୦ରୁ ୨୭୩୮ ଟଙ୍କାକୁ ହ୍ରାସ ପାଇଥିଲା। ଏହା ସହିତ ଜୁଲାଇ ୨୦୨୬ରେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟ ମଧ୍ୟ ହ୍ରାସ ପାଇଥିଲା। ସେହି ସମୟରେ ୧୯ କିଲୋଗ୍ରାମ ସିଲିଣ୍ଡରର ମୂଲ୍ୟ ୧୮୩.୫୦ ଟଙ୍କା ହ୍ରାସ ପାଇଥିଲା।

# ଭାରତ-ଉଜବେକିସ୍ତାନ ସମ୍ପର୍କକୁ ମିଳିଲା ନୂଆ ଦିଗ



**ନୂଆଦିଲ୍ଲୀ :** ଉଜବେକିସ୍ତାନ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ । ଭାରତ-ଉଜବେକିସ୍ତାନ ସମ୍ପର୍କକୁ ମିଳିଲା ନୂଆ ଦିଗ । ରାଜଧାନୀ ତାସକେଣ୍ଟର କୁକ୍‌ସାରୋୟ ରାଷ୍ଟ୍ରପତି ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଆଯାଇଛି ଭବ୍ୟ ଓ ରାଜକୀୟ ସ୍ୱାଗତ । ଏହାପରେ ଉଜବେକିସ୍ତାନ ରାଷ୍ଟ୍ରପତି ଶଭକାତ୍ ମିର୍ଜିୟୋୟେଭଙ୍କ ସହ ମୋଦୀ କରିଛନ୍ତି ଦ୍ୱିପାକ୍ଷିକ ଆଲୋଚନା । ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ସହଭାଗିତାକୁ ଆହୁରି ମଜବୁତ କରିବା ଦିଗରେ ହୋଇଛି ବଡ଼ ନିଷ୍ପତ୍ତି । ଭାରତ-ଉଜବେକିସ୍ତାନ ସମ୍ପର୍କକୁ 'ବ୍ୟାପକ ରଣନୈତିକ ସହଭାଗିତା'କୁ ଉନ୍ନୀତ କରିବା ସହ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ୫ ବିଲିୟନ୍ ଡଲାରର ବାଣିଜ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଉଜବେକିସ୍ତାନର ୩୫ତମ ସ୍ୱାଧୀନତା ଦିବସ ଅବସରରେ ସେଠାକାର ନାଗରିକଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ।

ପ୍ରତିନିଧିମଣ୍ଡଳ ସ୍ତରୀୟ ଆଲୋଚନାରେ ବାଣିଜ୍ୟ ଓ ନିବେଶ ସହ ଷ୍ଟାର୍ଟଅପ୍, UPI, ପ୍ରତିରକ୍ଷା, ସ୍ୱାସ୍ଥ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ, ଶିକ୍ଷା ଏବଂ ମହାକାଶ ଗବେଷଣା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି । ଭାରତକୁ ୟୁରାନିୟମ୍ ଯୋଗାଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ମଧ୍ୟ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଛନ୍ତି । ଏହା ଭାରତର ଶକ୍ତି ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଚାର କରାଯାଉଛି। ସେହିପରି ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ସ୍ମୃତିରେ ଉଜବେକିସ୍ତାନର ଛାତ୍ରଛାତ୍ରୀଙ୍କ ପାଇଁ 'ହିନ୍ଦୀ ଭାଷା ଛାତ୍ରବୃତ୍ତି' ଘୋଷଣା କରାଯାଇଛି । ଏହାସହ ଆରାଲ୍ ସାଗର ପରିବେଶ ପୁନରୁଦ୍ଧାର ପ୍ରକଳ୍ପ ପାଇଁ ଭାରତ ପକ୍ଷରୁ ୧ ମିଲିୟନ୍ ଆମେରିକୀୟ ଡଲାରର ଅନୁଦାନ ଘୋଷଣା କରାଯାଇଛି । ଦୁଇ ନେତା ରାଷ୍ଟ୍ରପତି ଭବନର ଉଦ୍ୟାନରେ ମିଳିତ ଭାବେ ବୃକ୍ଷରୋପଣ କରି ଦୁଇ ଦେଶର ମୈତ୍ରୀର ବାର୍ତ୍ତା ଦେଇଛନ୍ତି । ବୈଠକ ପରେ ଉଚ୍ଚଶିକ୍ଷା, ସଂସ୍କୃତି, ପର୍ଯ୍ୟଟନ, ଆୟୁର୍ବେଦ ଏବଂ ଖଣି ସମେତ ବିଭିନ୍ନ କ୍ଷେତ୍ରରେ ଏକାଧିକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇଛି । ଉଜବେକିସ୍ତାନର ପ୍ରାଚୀନ ବୌଦ୍ଧ ସ୍ଥଳୀ 'ଫାୟାଜ୍ ଟେପା' ଓ 'କାରା ଟେପା'ର ପୁନରୁଦ୍ଧାର ପାଇଁ ମଧ୍ୟ ସହମତି ପ୍ରକାଶ ପାଇଛି । ଏହାସହ ତାସକେଣ୍ଟ ଷ୍ଟେଟ୍ ୟୁନିଭର୍ସିଟିରେ 'ସଂସ୍କୃତ ଚେୟାର' ପ୍ରତିଷ୍ଠା ପାଇଁ ଦୁଇ ଦେଶ ରାଜି ହୋଇଛନ୍ତି । ଗସ୍ତ ଶେଷରେ ରାଷ୍ଟ୍ରପତି ଶଭକାତ୍ ମିର୍ଜିୟୋୟେଭଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ମୋଦୀଙ୍କ ଏହି ଗସ୍ତ ଭାରତ-ଉଜବେକିସ୍ତାନ ସମ୍ପର୍କକୁ ଅର୍ଥନୀତି, ପ୍ରତିରକ୍ଷା, ଶିକ୍ଷା, ସଂସ୍କୃତି ଓ ରଣନୈତିକ ସହଯୋଗ କ୍ଷେତ୍ରରେ ଆହୁରି ମଜବୁତ କରିବ ବୋଲି ଆଶା କରାଯାଉଛି ।

## ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ପ୍ରସଙ୍ଗକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ଆଭିମୁଖ୍ୟ



**ନୂଆଦିଲ୍ଲୀ:** ରାଜନୈତିକ ଦଳଗୁଡ଼ିକ ଦ୍ୱାରା ପ୍ରାପ୍ତ ନଗଦ ଚାନ୍ଦା ସମ୍ପର୍କରେ ସୁପ୍ରିମକୋର୍ଟ ଆଜି ଏକ ଆବେଦନର ଶୁଣାଣି କରିବେ। ଆବେଦନଟି ଆୟକର ଆଇନରେ ରାଜନୈତିକ ଦଳଗୁଡ଼ିକୁ ୨୦୦୦ ଟଙ୍କାରୁ କମ୍ ମୂଲ୍ୟର ବେନାମୀ ନଗଦ ଚାନ୍ଦା ଗ୍ରହଣ କରିବାକୁ ଅନୁମତି ଦେଉଥିବା ଏକ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରୁଛି।

ଆବେଦନରେ କୁହାଯାଇଛି ଯେ ସ୍ୱଚ୍ଛତାର ଅଭାବ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତାକୁ ଦୁର୍ବଳ କରୁଛି। ଭୋଟରମାନଙ୍କୁ ଦାତା ଏବଂ ସେମାନଙ୍କର ଉଦ୍ଦେଶ୍ୟ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନାରୁ ବଞ୍ଚିତ କରୁଛି। ଏହା ସେମାନଙ୍କୁ ଭୋଟ ଦେବା ସମୟରେ ଯୁକ୍ତିଯୁକ୍ତ, ବିଚକ୍ଷଣ ଏବଂ ସୂଚିତ ନିଷ୍ପତ୍ତି ନେବାରୁ ବାଧା ଦିଏ। ସୁପ୍ରିମକୋର୍ଟରେ ଶୁଣାଣି ପାଇଁ ଆସୁଥିବା ଆବେଦନଗୁଡ଼ିକର ତାଲିକା ଅନୁଯାୟୀ, ବିଚାରପତି ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିବାର ସମ୍ଭାବନା ଅଛି। କୋର୍ଟ ପୂର୍ବରୁ କେନ୍ଦ୍ର, ନିର୍ବାଚନ କମିଶନ ଏବଂ ଅନ୍ୟମାନଙ୍କ ନିକଟକୁ ଏହି ମାମଲାରେ ଜବାବ ମାଗି ନୋଟିସ୍ ଜାରି କରିଥିଲେ। ଖେମ ସିଂହ ଭାଟିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନରେ ଅନୁରୋଧ କରାଯାଇଛି ଯେ ନିର୍ବାଚନ କମିସନଙ୍କୁ ରାଜନୈତିକ ଦଳର ପଞ୍ଜୀକରଣ ଏବଂ ନିର୍ବାଚନ ଚିହ୍ନ ଆବଣ୍ଟନ ପାଇଁ ଏକ ସର୍ତ୍ତ ରଖିବାକୁ ନିର୍ଦ୍ଦେଶ ଦିଆଯାଉ ଯେ କୌଣସି ରାଜନୈତିକ ଦଳ ନଗଦ ଆକାରରେ କୌଣସି ଦେୟ ଗ୍ରହଣ କରିପାରିବ ନାହିଁ।

ଆବେଦନରେ ଆୟକର ଆଇନ ୧୯୬୧ର ଧାରା ୧୩ଏର ଉପ-ଧାରା (ଡି)କୁ ଅସାମ୍ବିଧାନିକ ବୋଲି କୁହାଯାଇଛି ଏବଂ ଏହାକୁ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ଏଥିରେ ସୁପ୍ରିମକୋର୍ଟଙ୍କ ୨୦୨୪ ମସିହାର ରାୟକୁ ମଧ୍ୟ ଉଲ୍ଲେଖ କରାଯାଇଛି ଯାହା ନିର୍ବାଚନୀ ବଣ୍ଡ ଯୋଜନାକୁ ରଦ୍ଦ କରିଥିଲା।

## ନେପାଳରେ ବନ୍ୟା ଆତଙ୍କ: ଦିନ ଗଡୁଛି, ଚିନ୍ତା ବଢୁଛି



**କାଠମାଣ୍ଡୁ:** ନେପାଳ ଓ ତିବ୍ବତରେ ବ୍ୟାପକ ଧ୍ୱଂସଲୀଳା ଘଟାଇଥିବା ବନ୍ୟାରେ ମୃତ୍ୟୁସଂଖ୍ୟା ୯୦୩ରେ ପହଞ୍ଚିଛି। ନିଖୋଜଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇ ୪,୨୪୭ରେ ପହଞ୍ଚିଛି। ସମସ୍ତ ପ୍ରଭାବିତ ୮ ଜିଲ୍ଲାରୁ ଉଦ୍ଧାର ଅପରେସନ୍ ଜାରି ରହିଥିବାବେଳେ ଜୀବିତଙ୍କ ସନ୍ଧାନ ପାଇଁ ଜୋରଦାର ପ୍ରୟାସ କରାଯାଉଛି। ନିଖୋଜଙ୍କୁ ଖୋଜିବାପାଇଁ ଉଦ୍ଧାରକାରୀ ଦଳ ସମସ୍ତ ଉଦ୍ୟମ ଚଳାଇଛନ୍ତି। ବନ୍ୟାରେ ଏଯାବତ୍ ୯୦୩ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ବୋଲି ନେପାଳର ଏନ୍‌ଡିଆରଆରଏମ୍‌ଏ (ଜାତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା କର୍ତ୍ତୃପକ୍ଷ) କହିଛି। ଚିତୱନରୁ ୨୭୨ଟି, ନାୱାଲପରାସୀ ପୂର୍ବରୁ ୨୦୭ଟି, ନାୱାଲପରାସୀ ପଶ୍ଚିମରୁ ୧୫୧ଟି ଓ ଗୋରଖାରୁ ୬୨ଟି ମୃତଦେହ ମିଳିଛି। ଏହା ବ୍ୟତୀତ ନୁୱାକୋଟରୁ ୯୫ଟି, ଧାଦିଙ୍ଗରୁ ୫୫ଟି, ତାନାହୁଁରୁ ୩୭ଟି ଓ ରାସୁୱାରୁ ୨୪ଟି ମୃତଦେହ ଉଦ୍ଧାର ହୋଇଛି। ଏନ୍‌ଡିଆରଆରଏମ୍‌ଏ ଅନୁଯାୟୀ ନେପାଳରେ ଏବେ ବି ୪,୨୪୭ ଜଣ ନିଖୋଜ ଅଛନ୍ତି। ସେମାନଙ୍କ ମଧ୍ୟରେ ୮୫ ଜଣ ସୁରକ୍ଷାକର୍ମୀ ଏବଂ ୩୨୦ ଜଣ ବିଦେଶୀ ନାଗରିକ ଅଛନ୍ତି। ନେପାଳ ଓ ତିବ୍ବତକୁ ମିଶାଇ ନିଖୋଜ ଲୋକଙ୍କ ସଂଖ୍ୟା ପ୍ରାୟ ୫,୦୦୦ରେ ପହଞ୍ଚିଛି।

### ମୃତ୍ୟୁସଂଖ୍ୟା ୯୦୦ ଟପିଲା, ନିଖୋଜଙ୍କ ସଂଖ୍ୟା ୪ ହଜାର ଟପିଲାଣି

ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକରେ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉଛି। ସେଠାରେ ଶତାଧିକ ଶ୍ରମିକଙ୍କର ଏପର୍ଯ୍ୟନ୍ତ କୌଣସି ସନ୍ଧାନ ମିଳିନାହିଁ। ନେପାଳ କର୍ତ୍ତୃପକ୍ଷଙ୍କ ଆଶଙ୍କା ଯେ ଅନେକ ସୁଡ଼ଙ୍ଗ ଭିତରେ ପ୍ରାୟ ୧୦୦ ଶ୍ରମିକ ଏବେ ବି ଜୀବିତ ଥାଇପାରନ୍ତି। ମୋଟ ୯୩୩ ଜଣ ଜଳବିଦ୍ୟୁତ୍ କର୍ମଚାରୀ ନିଖୋଜ ଥିବା ତାଲିକାଭୁକ୍ତ ହୋଇଛନ୍ତି। କଠିନ ଓ ବିପଜ୍ଜନକ ପରିସ୍ଥିତି ସତ୍ତ୍ୱେ ଉଦ୍ଧାରକାରୀ ଦଳ ଲଗାତାର କାମ କରୁଛନ୍ତି। ଚୀନ୍, ଭାରତ ଓ ଦକ୍ଷିଣ କୋରିଆର ଉଦ୍ଧାରକାରୀ ଦଳ ମଧ୍ୟ ନେପାଳ କର୍ତ୍ତୃପକ୍ଷଙ୍କୁ ଏଥିରେ ସହଯୋଗ କରୁଛନ୍ତି। ଏପର୍ଯ୍ୟନ୍ତ ଦୁଇଟି ସୁଡ଼ଙ୍ଗରୁ ୩ଟି ମୃତଦେହ ମିଳିଛି। ବନ୍ୟାରେ ରାସ୍ତା ଧୋଇଯାଇଛି, ବିଦ୍ୟୁତ୍ କେନ୍ଦ୍ର ଧ୍ୱଂସ ହୋଇଛି ଏବଂ ଅନେକ ସେତୁ ଭାଙ୍ଗିଯାଇଛି। ଫଳରେ ଅଞ୍ଚଳଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି ଏବଂ ହଜାର ହଜାର ଲୋକ ବାସହୀନ ହୋଇଛନ୍ତି। ଲୋକମାନେ ହସ୍ପିଟାଲରୁ ହସ୍ପିଟାଲକୁ ଦୌଡ଼ୁଛନ୍ତି ପରିଜନ ଖୋଜିବା ପାଇଁ।



## ଆବର୍ଜନାରୁ ଉଦ୍ଭାବନାର ସ୍ୱପ୍ନ ଦେଖନ୍ତି ମାନ୍ୟା



ଆମେ ଯାହାକୁ 'ଆବର୍ଜନା' କହି ଫିଙ୍ଗିଦେଉ, ମାନ୍ୟା ସେଥିରେ ଦେଖନ୍ତି ଏକ ନୂଆ ସମ୍ଭାବନା। ଜେଜେମା'ଙ୍କ ପୁରୁଣା ଶାଢ଼ିରୁ ଆରମ୍ଭ ହୋଇଥିବା ତାଙ୍କ ଅଭିଯାନ ଆଜି ପିଆଜ ଚୋପାକୁ କାଗଜରେ ପରିଣତ କରିବାରେ ପହଞ୍ଚିଛି। ୧୫ ବର୍ଷୀୟା ମାନ୍ୟା ହର୍ଷାଙ୍କ ସଫଳତା ପଛରେ ଥିଲା ପ୍ରଶ୍ନଟିଏ- "ଯାହାକୁ ଆମେ ଫିଙ୍ଗି ଦେଉଛୁ, ସେଥିରୁ ଆଉ କିଛି ନୂଆ ତିଆରି ହୋଇପାରିବ କି?" ଏହି ପ୍ରଶ୍ନର ଉତ୍ତର ଖୋଜି ବେଙ୍ଗାଲୁରୁର ଏହି କିଶୋରୀ ଆଜି ଆବର୍ଜନାକୁ ନୂଆ ରୂପ ଦେବାର ପ୍ରୟାସ ଜାରି ରଖିଛନ୍ତି।

ମାନ୍ୟାଙ୍କ ଜେଜେମା ଭି. ରୁଦ୍ରମ୍ମା ପୁରୁଣା ଶାଢ଼ି କିମ୍ବା କପଡ଼ାକୁ କେବେ ଫିଙ୍ଗି ଦେଉ ନଥିଲେ। ପୁରୁଣା କପଡ଼ାକୁ ସିଲେଇ କରି ସେଥିରୁ ବ୍ୟାଗ୍ ତିଆରି କରୁଥିଲେ ଏବଂ ସେହି ବ୍ୟାଗ୍ ନେଇ ବଜାରକୁ ଯାଉଥିଲେ। ଛୋଟବେଳେ ଜେଜେମା'ଙ୍କ ଏହି ଅଭ୍ୟାସକୁ ଦେଖିଦେଖି ମାନ୍ୟାଙ୍କ ମନରେ ପରିବେଶ ପ୍ରତି ଏକ ଭିନ୍ନ ଚେତନାର ମଞ୍ଜି ବୁଣି ହୋଇଥିଲା। ୨୦୨୩ରେ ଜେଜେମା'ଙ୍କ ଦେହାନ୍ତ ପରେ ସେହି ସ୍ମୃତିକୁ କେବଳ ମନରେ ରଖି ନଥିଲେ ମାନ୍ୟା, ତାହାକୁ ଏକ ଅଭିଯାନର ରୂପ ଦେଇ ଆରମ୍ଭ କଲେ 'ଗ୍ରାଣ୍ଡମା'ସ୍ ଗ୍ରିନ୍ ୱିଭ୍'। ଏହି ଅଭିଯାନ ମାଧ୍ୟମରେ ପୁରୁଣା ଶାଢ଼ି ଓ ବେଡ୍‌ସିଟ୍ ସଂଗ୍ରହ କରାଯାଇଥିଲା। ପରେ ସ୍ଥାନୀୟ ଦର୍ଜୀମାନଙ୍କ ସହଯୋଗରେ ସେଗୁଡ଼ିକୁ ପୁନଃବ୍ୟବହାରଯୋଗ୍ୟ ବ୍ୟାଗ୍‌ରେ ପରିଣତ କରାଗଲା।

ଏହି ପ୍ରୟାସରେ ଏପର୍ଯ୍ୟନ୍ତ ୨,୨୦୦ରୁ ଅଧିକ ଶାଢ଼ି ଓ ୨୩୦ଟି ବେଡ୍‌ସିଟ୍ ସଂଗ୍ରହ ହୋଇଛି। ସେଥିରୁ ୨୮,୦୦୦ରୁ ଅଧିକ କପଡ଼ା ବ୍ୟାଗ୍ ତିଆରି ହୋଇଛି। ପ୍ରାୟ ୧.୨ ଟନ୍ କପଡ଼ାକୁ ଅପଚୟ ହେବାରୁ ରୋକିବା ସହ ପ୍ରାୟ ୨.୪୫ ଲକ୍ଷ ପ୍ଲାଷ୍ଟିକ୍ ବ୍ୟାଗର ବ୍ୟବହାର ଏଡ଼ାଇବାରେ ମଧ୍ୟ ଏହି ଅଭିଯାନ ସହାୟକ ହୋଇଛି। କିନ୍ତୁ ମାନ୍ୟାଙ୍କ ପାଇଁ 'ଆବର୍ଜନା'ର ସୀମା କେବଳ ପୁରୁଣା କପଡ଼ାରେ ଅଟକି ନାହିଁ। ରୋଷେଇ ଘରେ ପଡ଼ିଥିବା ପିଆଜ ଚୋପାକୁ ଦେଖି ଦିନେ ତାଙ୍କ ମନରେ ଆସିଲା ଏକ ସରଳ, କିନ୍ତୁ ଅସାଧାରଣ ପ୍ରଶ୍ନ "ପିଆଜ ଚୋପାରୁ କାଗଜ ତିଆରି ହୋଇପାରିବ କି?" ପାଣି, କାଗଜ ମଣ୍ଡ ଓ ଏକ ଚାଲୁଣୀ ନେଇ ମାନ୍ୟା ଆରମ୍ଭ କଲେ ନିଜର ପରୀକ୍ଷଣ। ପିଆଜ ଚୋପା ପରେ ତାଙ୍କ ପରୀକ୍ଷାର ତାଲିକାରେ ଯୋଡ଼ିହେଲା ରସୁଣ, ମକା, ମଟର, ନଡ଼ିଆ, ଧନିଆ ଡାଳ ଓ ସାଇଟ୍ରସ୍ ଚୋପା।

କୋଭିଡ୍ ଲକଡାଉନ୍ ସମୟରେ ଆରମ୍ଭ ହୋଇଥିବା ଏହି ଛୋଟ ପରୀକ୍ଷଣ ଧୀରେଧୀରେ ମାନ୍ୟାଙ୍କ ଜୀବନଦର୍ଶନରେ ପରିଣତ ହୋଇଛି। ମାତ୍ର ଆଠ ବର୍ଷ ବୟସରୁ ସେ ପରିବେଶ ସୁରକ୍ଷା ନେଇ କହିଆସୁଛନ୍ତି।

# ଓଡ଼ିଶାରେ ପ୍ରବଳ, ଦେଶରେ କମ୍: ଦେଶରେ ୧୪% ନିଅଣ୍ଟିଆ

**ନୂଆଦିଲ୍ଲୀ:** ମୌସୁମୀ ସମୟ(ଜୁନ୍ ୧ରୁ ସେପ୍ଟେମ୍ବର ୩୦) ପୂରଣ ହେବାର ଗୋଟିଏ ମାସ ପୂର୍ବରୁ ଓଡ଼ିଶାରେ ମୌସୁମୀ ବର୍ଷା ହୋଇସାରିଛି। ଜୁନ୍ ମାସରେ ୪୭% ନିଅଣ୍ଟିଆ ବର୍ଷା ହେବା ସତ୍ତ୍ୱେ ଓଡ଼ିଶା ଏହି ଲକ୍ଷ୍ୟ ହାସଲ କରିଛି। ବଙ୍ଗୋପସାଗରରେ ବାରମ୍ବାର ଘୂର୍ଣ୍ଣିବଳୟ ସୃଷ୍ଟି ସହ ଲଘୁଚାପ କ୍ଷେତ୍ରରେ ପରିଣତ ହେବା ଦ୍ୱାରା ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ଚଳିତବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହେଉଛି। ଏପରିକି ଅଗଷ୍ଟ ମାସରେ ନିଅଣ୍ଟିଆ ହେବା ନେଇ ପାଣିପାଗ ବିଶେଷଜ୍ଞମାନେ ଯେଉଁ ଆକଳନ କରିଥିଲେ ତାହା ମଧ୍ୟ ଭୁଲ୍ ପ୍ରମାଣିତ ହୋଇଛି। ଜୁଲାଇ ଓ ଅଗଷ୍ଟ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ସେପ୍ଟେମ୍ବରରେ ବି ରାଜ୍ୟରେ ବର୍ଷାରୁ ନିସ୍ତାର ମିଳିବା ସମ୍ଭାବନା କ୍ଷୀଣ। ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ଆକଳନ ହୋଇଥିବା ବେଳେ ଓଡ଼ିଶାରେ କିନ୍ତୁ ସ୍ୱାଭାବିକ କିମ୍ବା ତା'ଠାରୁ ଅଧିକ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।



ପାଣିପାଗ ବିଭାଗ ତଥ୍ୟ ଅନୁଯାୟୀ ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ଓଡ଼ିଶାରେ ସ୍ୱାଭାବିକ ଭାବେ ୧୧୫୦.୨ ମିମି ବର୍ଷା ହୋଇଥାଏ। ହେଲେ ଚଳିତବର୍ଷ ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ରାଜ୍ୟରେ ୧୧୫୪.୩ ମିମି ବର୍ଷା ରେକର୍ଡ ହୋଇଛି, ଯାହାକି ସ୍ୱାଭାବିକ ବର୍ଷାଠାରୁ ୨୬% ଅଧିକ। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ଓଡ଼ିଶାରେ ମୌସୁମୀ ବର୍ଷା ପରିମାଣ ସ୍ୱାଭାବିକ ଭାବେ ୯୧୪.୫ ମିମି ରହିଥାଏ। ଓଡ଼ିଶାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ଦେଶରେ ନିଅଣ୍ଟିଆ ସ୍ଥିତି ଲାଗିରହିଛି। ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ସ୍ୱାଭାବିକ ବର୍ଷା ପରିମାଣ ୭୦୦.୭ ମିମି ହେବା କଥା। ମାତ୍ର ଏବେ ସୁଦ୍ଧା ୬୦୩.୭ ମିମି ବର୍ଷା ହୋଇଛି, ଯାହାକି ସ୍ୱାଭାବିକଠାରୁ ୧୪% ନିଅଣ୍ଟିଆ। ମୌସୁମୀ ଆଗମନକୁ ୩ ମାସ ବିତିଯାଇଥିଲେ ମଧ୍ୟ କେରଳ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ପୁଡୁଚେରି, ଲାକ୍ଷାଦ୍ୱୀପରେ ସ୍ୱାଭାବିକ ବର୍ଷା ହୋଇପାରି ନ ଥିବା ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସମାନ ଅଞ୍ଚଳରେ ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଉତ୍ତର ଓଡ଼ିଶା-ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏଥିସହ ୩ଟି ଟ୍ରଫ୍ ଲାଇନ୍ ଉତ୍ତର ଓଡ଼ିଶା ସଂଲଗ୍ନ ସୁଦୃଶ୍ୟ ଲଘୁଚାପ କ୍ଷେତ୍ର ସହ ଜଡ଼ିତ ରହିଛି। ପ୍ରଭାବରେ ମଙ୍ଗଳବାର ପୂର୍ବାହ୍ଣ ସୁଦ୍ଧା ସୁନ୍ଦରଗଡ଼, କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ରେଡ୍ ୱାର୍ଣ୍ଣିଂ ଏବଂ ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ପରବର୍ତ୍ତୀ ୨୪ ଘଣ୍ଟାରେ ବର୍ଷା ପରିମାଣ କମିବ। ବରଗଡ଼ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାକୁ ଥିବାରୁ ଅରେଞ୍ଜ ଏବଂ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର, ନୂଆପଡ଼ା, ବଲାଙ୍ଗୀର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାକୁ ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

## ସ୍ୱାୟତ୍ତ ଶାସନ ଦିବସରେ ଅସନ୍ତୋଷ ଝାଡ଼ିଲେ ମୁଖ୍ୟମନ୍ତ୍ରୀ

# ଲୋକଙ୍କୁ ବାରମ୍ବାର ଦୌଡ଼ାଇବା ଅଭ୍ୟାସ ଛାଡ଼

**ଭୁବନେଶ୍ୱର:** କେହି ଅଭିଯୋଗ କଲେ, ବାରମ୍ବାର ଦୌଡ଼ାଯାଉଛି। ତଥାପି ନିରାଶ ହେବାକୁ ପଡୁଛି। ଜନସେବାରେ ଏଭଳି ବିଳମ୍ବ, ଅଭ୍ୟାସରେ ପରିଣତ ହୋଇଗଲାଣି। ଏ ଅଭ୍ୟାସ ଛାଡ଼। ପ୍ରଥମ ଅଭିଯୋଗରେ ହିଁ ସମାଧାନକୁ ଗୁରୁତ୍ୱ ଦିଅ। ସେବାକୁ ଅତ୍ୟାଧୁନିକ ବୈଷୟିକ ବ୍ୟବସ୍ଥା ସହ ଯୋଡ଼। ଆବଶ୍ୟକ ପଡ଼ିଲେ, ଅନ୍‌ଲାଇନ୍‌ରେ ସମସ୍ୟାର ସମାଧାନ କର। ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ସରକାରୀ ଅଧିକାରୀ, କର୍ମଚାରୀଙ୍କୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଲୋକଙ୍କ ସେବା ସର୍ବୋପରି, ନାଗରିକ ସେବାରେ ଊଣା କରିବାନି ଆଦି ୭ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆଜି ରାଜ୍ୟସ୍ତରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରୁ ଭିଡିଓ କନ୍‌ଫରେନ୍ସିଂରେ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ଜନପ୍ରତିନିଧି, ସରକାରୀ ଅଧିକାରୀମାନେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ନବଗଠିତ ୨୮ଟି ଏନ୍‌ଏସି ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି। ଏଥିରୁ ପ୍ରତି ଏନ୍‌ଏସିକୁ ୨୦ କୋଟି ଟଙ୍କା ପ୍ରଦାନ କରାଯିବ। ଅନୁଦାନ ସମ୍ପୃକ୍ତ ଅଞ୍ଚଳରେ ନୂଆ ଏନ୍‌ଏସି ଗୃହ, ରାସ୍ତା, ଡ୍ରେନ୍, ବଜାର ଓ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶରେ ଖର୍ଚ୍ଚ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ୬୨ଟି ପୌରାଞ୍ଚଳ ପାଇଁ ୩୨୩ କୋଟି ଟଙ୍କାରେ ୫୯୩ଟି ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରିଛନ୍ତି। ଏଥିରୁ ୧୦୨ କୋଟି ଟଙ୍କାର ୪୨୩ଟି ପ୍ରକଳ୍ପର ଶୁଭାରମ୍ଭ ଓ ୨୨୧ କୋଟି ଟଙ୍କାର ୧୭୦ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ପଡ଼ିଛି। ଭିଡିଓ କନ୍‌ଫରେନ୍ସିଂରେ ଯୋଡ଼ିବାକୁ ରାଜ୍ୟର ୧୧୫ଟି ସହରାଞ୍ଚଳକୁ ଓସ୍ୱାନ ଭିଡିଓ କନ୍‌ଫରେନ୍ସିଂ ସୁବିଧା ଯୋଗାଇ ଦିଆଯାଇଛି। ଆଜି ମୁଖ୍ୟମନ୍ତ୍ରୀ ଏହାର ଶୁଭାରମ୍ଭ କରିଛନ୍ତି।







ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ବନ୍ଧୁ, ଯାତ୍ରୀଙ୍କ ସୁରକ୍ଷା ପାଇଁ ଓଡ଼ିଶା ଯାତ୍ରୀ ଏସ୍‌ଓଏସ୍ ଆପ୍‌ର ଶୁଭାରମ୍ଭ କରିଛନ୍ତି। ପୌର ସଂସ୍ଥାଗୁଡ଼ିକର ଦକ୍ଷତାବୃଦ୍ଧି ପାଇଁ ଓଡ଼ିଶା ଅର୍ବାନ ଏକାଡେମୀ ସହିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, ଇଣ୍ଡିଆନ୍ ସ୍କୁଲ ଅଫ୍ ବିଜିନେସ୍ ଓ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଆଫେୟାର୍ସର ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଆମ ବସ୍ ସେବାରେ ଉନ୍ନତି ପାଇଁ କ୍ଲଟ୍ ସହ ଶ୍ରୀ ଶ୍ରୀବିଶ୍ୱବିଦ୍ୟାଳୟର ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅର୍ଥନୈତିକ କରିଡର କରି ରାଜ୍ୟକୁ ଅର୍ଥନୈତିକ ଦୃଷ୍ଟିରୁ ସୁଦୃଢ଼ କରିବା ସହ ନୂଆ ଆଶା ଆଣିଦେବାକୁ ଯାଉଛନ୍ତି। ଶିଳ୍ପକୁ ବି ଗୁରୁତ୍ୱ ଦିଆଯାଉଛି। ଯଦ୍ୱାରା ସହରାଞ୍ଚଳର ବିକାଶ ହେବ, ଗ୍ରେଟର ଭୁବନେଶ୍ୱର ଲକ୍ଷ୍ୟ ପୂରଣ ହେବ। ସହର ବିକାଶ ହେଲେ ଗ୍ରାମାଞ୍ଚଳ ବିକାଶ ବି ଆଗକୁ ବଢ଼ିବ। ଲୋକଙ୍କ ସହିତ ରହି, ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାମ କରିବାକୁ ସହରାଞ୍ଚଳର ଜନପ୍ରତିନିଧିଙ୍କୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ)-ବନ୍ଧୁ ହିତାଧିକାରୀ କନ୍ଧମାଳର ରୁନୁ ପ୍ରଧାନଙ୍କ ସହ କଥା ହୋଇଥିଲେ। ଶ୍ରେଷ୍ଠ ସହରାଞ୍ଚଳ ଭାବେ ଓଡ଼ଗାଁ, ପଦ୍ମପୁର, ଚୌଦ୍ୱାର, ନୂଆପଡ଼ା, ରେମୁଣା, ରଣପୁର, ହିନ୍ଦୋଳ, ଗଞ୍ଜାମ, ଗୁଡ଼ାରି ୨ କୋଟି ଟଙ୍କା ଲେଖାଏଁ, ଆଠମଲ୍ଲିକ, ଆଠଗଡ଼ ଓ ବଲାଙ୍ଗୀରକୁ ୧ କୋଟି ଟଙ୍କା ଲେଖାଏଁ ଏବଂ କୁଚିଣ୍ଡା, ଆନନ୍ଦପୁର ଓ ସୋରକୁ ୫୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ।

ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ, ରାଜ୍ୟରେ ବିଜେପି ସରକାର ଆସିବା ପରେ ସହରାଞ୍ଚଳ ବିକାଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ରାଜ୍ୟରେ ନୂଆ ୨୮ଟି ଏନ୍‌ଏସି, ୭ଟି ପୌର ପରିଷଦ ଗଠନ ହୋଇଛି। ପୁରୀକୁ ମହାନଗର ନିଗମର ମାନ୍ୟତା ମିଳିଛି। ସହରାଞ୍ଚଳ ବିକାଶକୁ ଗତି ଦେବା ସହ ସ୍ୱଚ୍ଛ ଓଡ଼ିଶା, ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସେ ଆହ୍ୱାନ ଜଣାଇଥିଲେ। ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଭୁବନେଶ୍ୱରର ୩୬ଟି ୱାର୍ଡବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦୟା ୱେଷ୍ଟ କେନାଲ୍ ପୁନରୁଦ୍ଧାର ଦାବି ଉଠାଇଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ ନିକଟରେ ସହରାଞ୍ଚଳ ବିକାଶ ପାଇଁ ସମ୍ବିଧାନ ସହରାଞ୍ଚଳକୁ ଯେଉଁ ୧୮ଟି କ୍ଷମତା ପ୍ରଦାନ କରିଛି, ତାକୁ ଲାଗୁ କରିବାକୁ ଦାବି ରଖିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସହରାଞ୍ଚଳର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢୀ ସ୍ୱାଗତ ଭାଷଣ ଓ ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଧନ୍ୟବାଦ ଦେଇଥିଲେ।

## ୬ ଓଡ଼ିଆଙ୍କୁ ଅଲ୍‌ଟ୍ରାମ୍ୟାନ୍ ପଦକ




**ଭୁବନେଶ୍ୱର:** ଇତିମଧ୍ୟରେ ଓଡ଼ିଶାର ୬ ଜଣ ଦୁଃସାହସୀ ବ୍ୟକ୍ତି ଅଲ୍‌ଟ୍ରାମ୍ୟାନ୍ ପଦକ ଜିତିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ହେଲ୍ ରେସ୍ ପକ୍ଷରୁ ଆୟୋଜିତ ଗୋଆ ଅଲ୍‌ଟ୍ରା ଅଭିଯାନରେ ସାମିଲ ହୋଇ ଓଡ଼ିଶାର ଡକ୍ଟର ସରିତ ଶେଖର ପଟ୍ଟନାୟକ, ଡକ୍ଟର ହରିପଦ ମାଝୀ, ଡକ୍ଟର ସ୍ୱଦେଶ କୁମାର ଦାଶ, ପର୍ଶୁରାମ ପଣ୍ଡା, ରୂପକୁମାର ମାରାଣ୍ଡି ଏବଂ ଅଭିଜିତ୍ ମିଶ୍ର ଏହି ଗୌ?ରବ ଆଣିଛନ୍ତି। ଗୋଆର ପାଲୋଲେମ୍‌ଠାରୁ ନେତ୍ରାବଳୀ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟ ଦେଇ ୯୦୦ ମିଟର ଉଚ୍ଚରେ ଥିବା ସାଙ୍ଗୁଏମ୍ ପର୍ଯ୍ୟନ୍ତ ୬୨ କିଲୋମିଟର ବିଶିଷ୍ଟ ଅଲଟ୍ରାଦୌଡ଼କୁ ସଫଳତାର ସହ ଶେଷ କରିଥିଲେ। ସମସ୍ତ ୬ ଜଣଙ୍କୁ ଅଲ୍‌ଟ୍ରାମ୍ୟାନ୍ ପଦକ ମଧ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ୨୦୨୫ ମସିହାରେ ଏହି ୬ ଜଣିଆ ଦଳ ବିଶ୍ୱର ସର୍ବୋଚ୍ଚ 'ଲଦାଖ ମାରାଥନ୍'ରେ ୪୨.୨ କିଲୋମିଟର ଅତିକ୍ରମ କରି ମଧ୍ୟ ପଦକ ହାସଲ କରିଥିଲେ।

## କେନ୍ଦ୍ରାପଡ଼ା ଜାହାଜ ନିର୍ମାଣ କ୍ଲଷ୍ଟର ମଞ୍ଜୁର

# କେନ୍ଦ୍ରର ଅନୁମୋଦନ, ୨୪,୭୦୦ କୋଟିର ନିବେଶ

**ଜଗତସିଂହପୁର/ଭୁବନେଶ୍ୱର:** କେନ୍ଦ୍ରାପଡ଼ାରେ ନିର୍ମାଣ ହେବାକୁ ଥିବା ଜାହାଜ ନିର୍ମାଣ କ୍ଲଷ୍ଟର ପ୍ରକଳ୍ପକୁ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ମଞ୍ଜୁର କରିଛି। ଏହି ପ୍ରକଳ୍ପକୁ 'ଦି ନ୍ୟାସନାଲ୍ ସିପ୍‌ବିଲ୍‌ଡିଂ ଆଣ୍ଡ ହେଭି ଇଣ୍ଡଷ୍ଟ୍ରିଜ୍ ପାର୍କ ଓଡ଼ିଶା ଲିମିଟେଡ୍' ନାମକ ସଂସ୍ଥା ବିକାଶ କରିବ। ଏଥିରେ ୨୪,୭୦୦ କୋଟି ଟଙ୍କା ନିବେଶ ହେବ। ଏଥିପାଇଁ ଗତ ଜୁଲାଇ ୩୦ରେ କମ୍ପାନି କେନ୍ଦ୍ରର ଅନୁମୋଦନ ପାଇଁ ଆବେଦନ କରିଥିଲା। ପାରାଦୀପରେ ଥିବା ଇଫ୍‌କୋ କାରଖାନାର ଅପର ପାର୍ଶ୍ୱରେ ମହାନଦୀ କୂଳରେ ଏହି ପ୍ରକଳ୍ପ ହେବାକୁ ଯାଉଛି। ସେହି ସ୍ଥାନରେ ଜାହାଜ ନିର୍ମାଣ, ମରାମତି ଓ ତତ୍ ସଂକ୍ରାନ୍ତୀୟ ଭାରି ଶିଳ୍ପଗୁଡ଼ିକ ରହିବ। ଓଡ଼ିଶା ମାରିଟାଇମ୍ ବୋର୍ଡ ଓ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଗଠନ କରାଯାଇଥିବା ସ୍ପେସିଆଲ୍ ପରପସ୍ ଭେଇକିଲ୍ ଏହି ପ୍ରକଳ୍ପ ବିକାଶ କରିବ।

ଜାତୀୟ ଜାହାଜ ନିର୍ମାଣ ମିସନର ଜାହାଜ ନିର୍ମାଣ ପାଇଁ ଗଠିତ ଆନ୍ତଃ-ମନ୍ତ୍ରୀ ଗୋଷ୍ଠୀର ଷଷ୍ଠ ବୈଠକର ସୁପାରିସ ଆଧାରରେ କେନ୍ଦ୍ରାପଡ଼ା ଜାହାଜ ନିର୍ମାଣ କ୍ଲଷ୍ଟରକୁ କେନ୍ଦ୍ର ସରକାର ମଞ୍ଜୁର କରିଛନ୍ତି। ପ୍ରାରମ୍ଭିକ ଯୋଜନା ଅନୁସାରେ



ଏହି ପ୍ରକଳ୍ପରେ ବାର୍ଷିକ ୧.୨ ନିୟୁତ ଗ୍ରସ୍ ଟନ୍‌ର ଜାହାଜ ନିର୍ମାଣ କ୍ଷମତା ପାଇଁ ଏକ କିମ୍ବା ଏକାଧିକ ବୃହତ୍ ସିପ୍‌ୟାର୍ଡ ରହିବ। ୨୦୦୦-୨୫୦୦ ଏକରର ଜମି ଅଞ୍ଚଳ ଓ ଦୁଇରୁ ଅଢ଼େଇ କିମି ବିଶିଷ୍ଟ ଏକ ଉତ୍ସର୍ଗୀକୃତ ନଦୀସମ୍ମୁଖ ଅଞ୍ଚଳ ରହିବ। ପ୍ରସ୍ତାବିତ କ୍ଲଷ୍ଟରରେ ଇଞ୍ଜିନି ନିର୍ମାଣ, ଇସ୍ପାତ ଫେବ୍ରିକେସନ ଓ ମେରାଇନ ଉପକରଣ ଯୋଗାଣକାରୀ, ତାଲିମ କେନ୍ଦ୍ର ଏବଂ ଗବେଷଣା ଓ ବିକାଶ କେନ୍ଦ୍ର ଭଳି ସୁବିଧା ରହିବ।

# ରାଜଧାନୀରେ ସ୍ଥାପନା ହେବ ଆଉ ୨୫ଟି ସ୍ମାର୍ଟ ବେଞ୍ଚ

**ଭୁବନେଶ୍ୱର:** କିଛି ମାସ ହେବ ଜନପଥରେ ଉଭୟ ବିଏମ୍‌ସି ଓ ବିଡିଏ ଦ୍ୱାରା ସ୍ଥାପିତ ସ୍ମାର୍ଟ ବେଞ୍ଚ ସହରବାସୀଙ୍କ ଆକର୍ଷଣ ପାଲଟିଛି। ଏଥିରେ ଲାଗିଥିବା ଆକର୍ଷଣୀୟ ଏଲ୍‌ଇଡି ଲାଇଟ୍ ସହିତ ଚାର୍ଜିଂର ସୁବିଧା ଲୋକମାନଙ୍କୁ ବେଞ୍ଚ ପାଖକୁ ଟାଣିଆଣୁଛି। ବିଶେଷ କରି ସଂଧ୍ୟାରେ ଏଠାରେ ବସିବା ପାଇଁ ଯୁବପିଢ଼ିଙ୍କ ଭିତରେ ଯେଭଳି ପ୍ରତିଯୋଗିତା ଚାଲିଛି। ଏହାର ଲୋକପ୍ରିୟତା ଦେଖି ଏହି ସ୍ମାର୍ଟ ବେଞ୍ଚ ସଂଖ୍ୟା ବଢ଼ାଇବାକୁ ବିଏମ୍‌ସି ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ସହରର ବିଭିନ୍ନ ପାର୍କ, ବସ୍ ରହଣିସ୍ଥଳ, ଧାର୍ମିକସ୍ଥଳ ତଥା ଅନ୍ୟ ଜନଗଳିପୂର୍ଣ୍ଣ ଅଞ୍ଚଳରେ ୨୫ଟି ସ୍ମାର୍ଟ ବେଞ୍ଚ ସ୍ଥାପନା ପାଇଁ ବିଏମ୍‌ସି ପକ୍ଷରୁ ଟେଣ୍ଡର ଡକା ଯାଇଛି। ଏନେଇ ଗତ ୧୨ ତାରିଖରେ ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରିଚାଳନା ନେବାକୁ ଥିବା ଏଜେନ୍ସି ୫ ବର୍ଷ ପାଇଁ ଏହାର ଦାୟିତ୍ୱ ନେବ ବୋଲି କୁହାଯାଇଛି।

ପ୍ରାୟ ତିନି ମାସ ପୂର୍ବରୁ ଗ୍ରିନ୍ ସିଟି ମିସନ ଅଧୀନରେ ବିଏମ୍‌ସି ଓ ବିଡିଏ ପକ୍ଷରୁ ପରୀକ୍ଷାମୂଳକ ଭାବେ ଜନପଥରେ ଦୁଇଟି ଭିନ୍ନ ଡିଜାଇନ୍‌ର ସ୍ମାର୍ଟ ବେଞ୍ଚ ସ୍ଥାପନ କରାଯାଇଥିଲା। ବିଡିଏ କରିଥିବା ସ୍ମାର୍ଟ ବେଞ୍ଚ ସେଡ୍ ଆକୃତିର ହୋଇଥିବାବେଳେ ବିଏମ୍‌ସି ଘର ଆକୃତିର କରିଛି। ବେଞ୍ଚ ଉପରେ ଛାୟାପ୍ରଦ ସେଡ୍ ରହିଛି, ଯେଉଁଥିରେ ସୋଲାର ପ୍ୟାନେଲ୍ ଖଞ୍ଜାଯାଇଛି। ଦିନରେ ଏହା ସୂର୍ଯ୍ୟ କିରଣରେ ଚାର୍ଜିଂ ହେଉଛି। ଉଭୟ ସ୍ମାର୍ଟ



ବେଞ୍ଚରେ ଦୁଇଜଣ ବସି ପାରିବା ଭଳି ଜାଗା ରହିଛି। ଏଥିସହିତ ଏକାଧିକ ମୋବାଇଲ୍ ଚାର୍ଜିଂ ପଏଣ୍ଟ ରହିଛି। ନୂତନ ଭାବରେ ସ୍ଥାପନା ହେବାକୁ ଥିବା ୨୫ଟି ବେଞ୍ଚ ସମାନ ଶୈଳୀରେ ନିର୍ମିତ ହେବାକୁ ଯାଉଛି। ଏଥିରେ ମୋବାଇଲ୍ ଚାର୍ଜିଂ ସହିତ ୟୁଏସ୍‌ବି ଚାର୍ଜିଂ, ୱାଇଫାଇ, ଏଲ୍‌ଇଡି ଲାଇଟ୍ ଆଦି ବ୍ୟବସ୍ଥା ରହିବ। ଏନେଇ ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି ଯେ ପରୀକ୍ଷାମୂଳକ ଭାବେ ବସାଯାଇଥିବା ସ୍ମାର୍ଟ ବେଞ୍ଚକୁ ଲୋକେ ବେଶ୍ ଆଦର କରୁଛନ୍ତି। ଏକ୍ସରେ ମଧ୍ୟ ଲୋକ ବିଭିନ୍ନ ସ୍ଥାନର ପୋଷ୍ଟ କରୁଛନ୍ତି। ବର୍ତ୍ତମାନ ଟେଣ୍ଡର ପ୍ରସ୍ତାବ ପଡ଼ିଛି। ଖୁବ୍‌ଶୀଘ୍ର ସହରରେ ଏଗୁଡ଼ିକୁ ସ୍ଥାପନା କରାଯିବ ବୋଲି ସେ କହିଛନ୍ତି।

# ହାଇକୋର୍ଟରେ ୬ଶହ ମିସନ୍ ଶକ୍ତି ମାମଲାର ଶୁଣାଣି ଶେଷ:ପୁନର୍ଗଠନ ମାର୍ଗଦର୍ଶିକାକୁ ଚ୍ୟାଲେଞ୍ଜ



**କଟକ:** ଏସ୍‌ଏଚ୍‌ଜି ଓ ଅନ୍ୟ ଗୋଷ୍ଠୀ ଅନୁଷ୍ଠାନଗୁଡ଼ିକର କମିଟି ପୁନର୍ଗଠନ ପାଇଁ ମିସନ୍ ଶକ୍ତି ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ବିରୋଧରେ ହାଇକୋର୍ଟରେ ବିଚାରାଧୀନ ପ୍ରାୟ ୬ଶହ ମାମଲାର ଆଜି ଶୁଣାଣି ଶେଷ ହୋଇଛି। ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଉଭୟପକ୍ଷଙ୍କ ତରଫରୁ ଚୂଡ଼ାନ୍ତ ପର୍ଯ୍ୟାୟ ଯୁକ୍ତି ଉପସ୍ଥାପନ ହୋଇଥିଲା। ହାଇକୋର୍ଟ ମାମଲାଗୁଡ଼ିକର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ମିସନ୍ ଶକ୍ତି ବିଭାଗ କମିସନର ତଥା ସଚିବଙ୍କ ତରଫରୁ ଏସ୍‌ଏଚ୍‌ଜି, ସିଏଲ୍‌ଏଫ୍, ଜିପିଏଲ୍‌ଏଫ୍, ବିଏଲ୍‌ଏଫ୍ ଓ ଡିଏଲ୍‌ଏଫ୍‌ର ପରିଷଦ/କମିଟି/ସବ୍-କମିଟି ପୁନର୍ଗଠନ ପ୍ରସଙ୍ଗରେ ଜାରି ମାର୍ଗଦର୍ଶିକା ନେଇ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ୨୦୨୫ ଜାନୁଆରୀ ୨୨ରେ ଚିଠି ଲେଖାଯାଇଥିଲା। ଜଣେ ସଦସ୍ୟ ଦୁଇ ଥର ଅଫିସ ବିଅରର ହୋଇପାରିବେ ନାହିଁ ବୋଲି ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇଥିଲା।

ଏପରି ମାର୍ଗଦର୍ଶିକା ବେଆଇନ ବୋଲି ଦର୍ଶାଇ ହାଇକୋର୍ଟରେ ଶତାଧିକ ମାମଲା ରୁଜୁ ହୋଇଥିଲା। ୨୦୨୫ ଏପ୍ରିଲ ୨୨ରେ ହାଇକୋର୍ଟ ମାମଲାର ପ୍ରାରମ୍ଭିକ ଶୁଣାଣି କରି ମିସନ୍ ଶକ୍ତି ବିଭାଗ କମିସନର ତଥା ସଚିବଙ୍କ ତରଫରୁ ସମସ୍ତ ଜିଲ୍ଲାପାଳଙ୍କୁ ଲେଖାଯାଇଥିବା ଚିଠି ସହିତ ସଂଲଗ୍ନ ମାର୍ଗଦର୍ଶିକାର ନିର୍ଦ୍ଦିଷ୍ଟ ସର୍ତ୍ତ (୫.୧୦ , ୫.୧୧, ୬.୪(ଏକ୍ସ)) ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ସୁବିର ପାଲିତ, ଆଇନଜୀବୀ ସୁକାନ୍ତ କୁମାର ଦଳାଇ, ସରକାରଙ୍କ ତରଫରୁ ଏଜିଏ ଚନ୍ଦ୍ରକାନ୍ତ ପ୍ରଧାନ ମାମଲା ପରିଚାଳନା କରୁଛନ୍ତି।

# ଚିନି ଷ୍ଟକ୍ ଲିମିଟ୍ ୨୦୦୦ କ୍ୱିଣ୍ଟାଲକୁ କମିଲା

**ନୂଆଦିଲ୍ଲୀ:** ଦେଶରେ ଚିନି ଦରକୁ ନିୟନ୍ତ୍ରିତ କରିବା ଲାଗି ସରକାର ଆଜି ଆଉ ଏକ ପଦକ୍ଷେପ ନେଇଛନ୍ତି। ଡିଲରମାନଙ୍କ ପାଇଁ ଷ୍ଟକ୍ ଲିମିଟ୍ ୨୦୦୦ କ୍ୱିଣ୍ଟାଲକୁ କମାଇ ଦେଇଛନ୍ତି। ଆସନ୍ତା ୧୫ ତାରିଖରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ଅଗଷ୍ଟ ପହିଲାରୁ ଏହି ସୀମା ୪ ହଜାର କ୍ୱିଣ୍ଟାଲ ରହିଛି। ସରକାର ଆଜି କରିଥିବା ନୂଆ ନିୟମ ଅନୁଯାୟୀ, ଡିଲରମାନେ ୩୦ ଦିନରୁ ଅଧିକ ଦିନ ପାଇଁ ଷ୍ଟକ୍ ରଖିପାରିବେ ନାହିଁ।

ସେହିଭଳି କୌଣସି ସମୟରେ ୨୦୦୦ କ୍ୱିଣ୍ଟାଲରୁ ଅଧିକ ଚିନି ରଖିପାରିବେ ନାହିଁ। କିନ୍ତୁ କୋଲକାତା ଓ ଏହି ମହାନଗରର ସମ୍ପ୍ରସାରିତ ଅଞ୍ଚଳରେ ଷ୍ଟକ୍ ଲିମିଟ୍ ସୀମା ୪୦୦୦ କ୍ୱିଣ୍ଟାଲ ରଖାଯାଇଛି। ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରୁ ଚିନି ଆସିଥାଏ ଏବଂ ସେଠାରୁ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଇଥାଏ। ତାହାକୁ ଦୃଷ୍ଟିରେ ରଖି କୋଲକାତା ପାଇଁ ନିୟମ କୋହଳ କରାଯାଇଛି। ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଫଳରେ ଗତ କିଛିଦିନ ମଧ୍ୟରେ ଚିନିକଳରେ ଚିନି ଦର ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି ବୋଲି କୁହାଯାଇଛି।

# ଫ୍ରୋଜେନ୍ ଫୁଡ୍‌କୁ ନେଇ ରାଜଧାନୀରେ ରେଡ୍ !

**ଭୁବନେଶ୍ୱର :** ରାଜଧାନୀରେ ଫୁଡ୍ ସେଫ୍ଟି ବିଭାଗର ବଡ଼ ଆକ୍ସନ୍। ବର୍ଗର କିଙ୍ଗ ଓ କରଉରେ ଅତର୍କିତ ଚଢ଼ାଉ କରିଛି ଫୁଡ୍ ସେଫ୍ଟି ଟିମ୍ । ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ପାଲ୍ ହାଇଟ୍ସ ମଲ୍ ଭିତରେ ଥିବା ବର୍ଗର କିଙ୍ଗରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରାଯାଇଛି । ଫୁଡ୍ ସେଫ୍ଟି ଅଫିସର ସତ୍ୟଜିତ ପଟେଲଙ୍କ ନେତୃତ୍ୱରେ ଏହି ଯାଞ୍ଚ କରାଯାଇଛି । କେବଳ ବର୍ଗର କିଙ୍ଗ ନୁହେଁ, ରାଜଧାନୀର ବିଭିନ୍ନ ଫ୍ରୋଜେନ୍ ଫୁଡ୍ ବିକ୍ରି ହେଉଥିବା ସ୍ଥାନରେ ମଧ୍ୟ ଚାଲିଛି ଚେକିଂ। ଏଥିପାଇଁ ୩ଟି ଟିମ୍ ଗଠନ କରାଯାଇ ଏକାସାଙ୍ଗରେ ବିଭିନ୍ନ ସ୍ଥାନରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି । ସେହିପରି କରଉରେ ମଧ୍ୟ ଗୋଟିଏ ଟିମ୍ ପହଞ୍ଚି ଯାଞ୍ଚ କରିଛି । ଯାଞ୍ଚ ସମୟରେ କରଉରୁ ପ୍ରାୟ ୬ କେଜି ବାସି ଫ୍ରୋଜେନ୍ ନନ୍‌ଭେଜ୍ ମିଳିଥିବା ବେଳେ ବର୍ଗର କିଙ୍ଗରୁ ପ୍ରାୟ



୧ କେଜି ଅଖାଦ୍ୟ ସାମଗ୍ରୀ ଚିହ୍ନଟ ହୋଇଥିବା ସୂଚନା ରହିଛି। ରାଜଧାନୀରେ ଫ୍ରୋଜେନ୍ ଫୁଡ୍‌ର ଗୁଣବତ୍ତା ଓ ଖାଦ୍ୟ ସୁରକ୍ଷାକୁ ନେଇ ଏହି ଯାଞ୍ଚ ଅଭିଯାନ କରାଯାଇଛି ।

## ଆଇଆଇଏମ୍‌ଟିରେ ମୁକ୍ତାକାଶ ବ୍ୟାୟାମଶାଳା ଉଦଘାଟିତ

# କ୍ୟାମ୍ପସ ପରିଦର୍ଶନ କଲେ ଆଇପିଏସ୍ ସାର୍ଥକ ଷଡଙ୍ଗୀ

**ଭୁବନେଶ୍ୱର:** ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସକୁ ଡକ୍ଟର ସାର୍ଥକ ଷଡଙ୍ଗୀ ଆଇପିଏସ୍, ଆଇଜି ପୁଲିସ (କ୍ରାଇମ୍ ବ୍ରାଞ୍ଚ) ପରିଦର୍ଶନ କରିଛନ୍ତି। ଏହି ଅବସରରେ ପ୍ରତିଷ୍ଠାନ ପରିସରରେ ନୂତନ ଭାବରେ ପ୍ରତିଷ୍ଠିତ ମୁକ୍ତାକାଶ ବ୍ୟାୟାମଶାଳାକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଏବଂ ଇଞ୍ଜିନିୟର ବିଭୁ ପ୍ରସାଦ ରାଉତରାୟଙ୍କ ଉପସ୍ଥିତିରେ ଆଇଆଇଏମଟି ଭୁବନେଶ୍ୱରର ଅଧ୍ୟାପକ ଏବଂ ଛାତ୍ରମାନେ ଡକ୍ଟର ଷଡଙ୍ଗୀଙ୍କୁ ସ୍ୱାଗତ କରିଥିଲେ। ତାଙ୍କର ଗସ୍ତ ପ୍ରତିଷ୍ଠାନର ଶିକ୍ଷା ସମ୍ପ୍ରଦାୟ ସହିତ ପାରସ୍ପରିକ କ୍ରିୟା ଏବଂ ଏହାର ବିଭିନ୍ନ ପଦକ୍ଷେପ ଏବଂ ସୁବିଧାଗୁଡ଼ିକର ପ୍ରତ୍ୟକ୍ଷ ସମୀକ୍ଷା ପାଇଁ ଏକ ସୁଯୋଗ ପ୍ରଦାନ କରିଥିଲା। ପରିଦର୍ଶନ ସମୟରେ ମୁକ୍ତାକାଶ ବ୍ୟାୟାମଶାଳା ଡକ୍ଟର ଷଡଙ୍ଗୀ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଏବଂ ସୁସ୍ଥ ଜୀବନଶୈଳୀକୁ ଉତ୍ସାହିତ କରିବା ପାଇଁ ଏକ ପ୍ରୟାସ ବୋଲି ସେ କହିଥିଲେ। ଏହି ସୁବିଧା ଆଇଆଇଏମଟି ସମ୍ପ୍ରଦାୟକୁ କ୍ୟାମ୍ପସରେ ନିୟମିତ ବ୍ୟାୟାମ ଏବଂ ଫିଟନେସ୍ କାର୍ଯ୍ୟକଳାପ ପାଇଁ ଏକ ସୁଗମ ସ୍ଥାନ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଡକ୍ଟର ଷଡଙ୍ଗୀ ପ୍ରତିଷ୍ଠାନର ଯୋଗ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ ଏବଂ ଏହାର କାର୍ଯ୍ୟକାରିତା ଏବଂ ଚାଲୁଥିବା କାର୍ଯ୍ୟକଳାପ ସମୀକ୍ଷା କରିଥିଲେ। ଛାତ୍ର ଏବଂ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ଯୋଗ, ସୁସ୍ଥତା, ମନନଶୀଳତା ଏବଂ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ କେନ୍ଦ୍ରର ଭୂମିକା ବିଷୟରେ ତାଙ୍କୁ ସୂଚନା ଦିଆଯାଇଥିଲା। ପରେ ସେ ବୌଦ୍ଧିକ ସମ୍ପତ୍ତି ପାଠାଗାର ପରିଦର୍ଶନ କରିଥିଲେ। ଯେଉଁଠାରେ ତାଙ୍କୁ ଏହି ସୁବିଧା ଏବଂ ବୌଦ୍ଧିକ ସମ୍ପତ୍ତି ଅଧିକାର, ଗବେଷଣା, ନବସୃଜନ ଏବଂ ଜ୍ଞାନ ସୃଷ୍ଟି ସମ୍ପର୍କରେ ସଚେତନତାକୁ ସମର୍ଥନ କରିବାରେ ଏହାର ଭୂମିକା ବିଷୟରେ ଅବଗତ କରାଯାଇଥିଲା। ଏହି ପରିଦର୍ଶନରେ ନବସୃଜନକୁ ପ୍ରୋତ୍ସାହିତ କରୁଥିବା ଏକ ଶୈକ୍ଷିକ ପରିବେଶକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । ବୌଦ୍ଧିକ ଅବଦାନର ସୁରକ୍ଷା କରାଯାଇଥିଲା। ଡକ୍ଟର ଷଡଙ୍ଗୀ ନୂତନ ଭାବରେ ଖୋଲାଯାଇଥିବା ୟୁନିଭର୍ସାଲ ହ୍ୟୁମାନ୍ ମୂଲ୍ୟବୋଧ ନୋଡାଲ୍ ସେଣ୍ଟର ମଧ୍ୟ ପରିଦର୍ଶନ କରିଥିଲେ। ତାଙ୍କୁ କେନ୍ଦ୍ରର ଉଦ୍ଦେଶ୍ୟ ଏବଂ କାର୍ଯ୍ୟକଳାପ ବିଷୟରେ ସୂଚନା ଦିଆଯାଇଥିଲା, ଯାହା ମାନବିକ ମୂଲ୍ୟବୋଧ, ନୈତିକ ଆଚରଣ, ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ଛାତ୍ର ଏବଂ ଅଧ୍ୟାପକ ସଦସ୍ୟଙ୍କ ମଧ୍ୟରେ ସୁସଜ୍ଜିତ ସମ୍ପର୍କ ପ୍ରତି ସଚେତନତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଏ। ପରିଦର୍ଶନର ଏକ ଅଂଶ ଭାବରେ, ଡକ୍ଟର ଷଡଙ୍ଗୀ ଆଇଆଇଏମଟି ଭୁବନେଶ୍ୱର କ୍ୟାମ୍ପସ ପରିଦର୍ଶନ କରିଥିଲେ ଏବଂ ଏହାର ବିଭିନ୍ନ ଶୈକ୍ଷିକ ଏବଂ ଛାତ୍ର-ମୁଖୀ ସୁବିଧାଗୁଡିକ ପର୍ଯ୍ୟବେକ୍ଷଣ କରିଥିଲେ। କ୍ୟାମ୍ପସ ଗସ୍ତ ସମୟରେ ସେ ଅଧ୍ୟାପକ ଏବଂ ଛାତ୍ରମାନଙ୍କ ସହିତ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ଅଧ୍ୟକ୍ଷ ପ୍ରଫେସର (ଡକ୍ଟର) ଶ୍ରୀକାନ୍ତ ପଟ୍ଟନାୟକ, ନିର୍ଦ୍ଦେଶକ ପ୍ରଫେସର (ଡକ୍ଟର) ଜୟଦେବ କର ଏବଂ ବିଭୁ ପ୍ରସାଦ ରାଉତରାୟ ତାଙ୍କ ସହିତ ଥିଲେ।






# ହିମାଳୟର କୋପ

ମନେ ରହିବା ଉଚିତ ଯେ ହିମାଳୟରୁ ଅତଡ଼ା ଖସିବା ଏକ ସାଧାରଣ କଥା ଏବଂ ଏହା ଏକ ଭୂମିକମ୍ପପ୍ରବଣ ଭୂଖଣ୍ଡ ଉପରେ ଦଣ୍ଡାୟମାନ ହୋଇଥିବାରୁ ନଦୀବନ୍ଧ ନିର୍ମାଣ ବା ପାହାଡ଼ କାଟି ବିଶାଳ ଟନେଲ, ପ୍ରଶସ୍ତ ରାଜପଥ, ହୋଟେଲ ଆଦିର ନିର୍ମାଣ ଦୁଃସାହସିକ ପଦକ୍ଷେପ। ନିକଟରେ ଯେଉଁ ଅପ୍ରତ୍ୟାଶିତ ଜଳପ୍ରଳୟ ସୃଷ୍ଟି ଯୋଗୁ ବିପୁଳ ଧନଜନଜୀବନ ହାନି ହେଲା, ତାହା ସମସ୍ତଙ୍କୁ ହତବାକ୍ କରିଦେବା କରିଦେଇଛି। ଯାହା ନୂଆ ନୁହେଁ; ତହିଁରେ ବିରାମ ଲଗାଇବା ବୋଧହୁଏ ଏକ ଅସମ୍ଭବ ବ୍ୟାପାର !

ନେପାଳରେ ହୋଇଥିବା ଏହି ଟ୍ରାଜେଡି ୪.୪ ରିକ୍ଟର ସ୍କେଲରେ ହୋଇଥିବା ଏକ ମୃଦୁ ଭୂମିକମ୍ପରେ ଏକ 'ହିମବାହ ହ୍ରଦ'ର ପ୍ରାକୃତିକ ପ୍ରାଚୀର ଭୁଶୁଡ଼ି ପଡ଼ିଥିଲା, ଯଦ୍ଦ୍ୱାରା ତହିଁରେ ଗଚ୍ଛିତ ଥିବା ଅପରିମେୟ ଜଳରାଶି ବିସ୍ଫୋରକ ବେଗରେ ବହି ଆସି ନିମିଷକେ ସବୁ କିଛି ଭସାଇ ନେଲା। ଏଠାରେ ସ୍ମରଣଯୋଗ୍ୟ ଯେ ୨୦୨୩ ମସିହାରେ, ସିକ୍କିମରେ ମଧ୍ୟ 'ଗ୍ଲେସିଅର ଲେକ୍'ର ପ୍ରାଚୀର ଭାଙ୍ଗିଯିବା ହେତୁ ହଠାତ୍ ପ୍ରଳୟଙ୍କରୀ ବନ୍ୟା ବିପ୍ଳାତ ଘଟିଥିଲା, ତାହାର କାରଣ ଥିଲା ବାଦଲଫଟା ବୃଷ୍ଟି। 'ଗ୍ଲେସିଅର ଲେକ୍'ର ପ୍ରାଚୀର, ଶୂନ ତାପମାତ୍ରାରେ, ପ୍ରାକୃତିକ ଭାବେ ଗଢ଼ି ହୋଇଯାଇଥାଏ, ଯହିଁରେ ପଥର, କାଦୁଅ ଓ ତୁଷାର ହିମୀକୃତ ହୋଇ କଂକ୍ରିଟ ଭଳି ଶକ୍ତ ହୋଇଥାଆନ୍ତି ! କିନ୍ତୁ ସମସ୍ୟା ହେଲା ଜଳବାୟୁ ପରିବର୍ତ୍ତନଜନିତ ବାତାବରଣ ଉତ୍ତପ୍ତ କାରଣରୁ ଅନେକ 'ଗ୍ଲେସିଅର ଲେକ୍'ର ପ୍ରାଚୀର ତରଳି ଦୁର୍ବଳ ହେବାରେ ଲାଗୁଛି। କେବଳ ସେତିକି ନୁହେଁ, ହିମାଳୟର ବକ୍ଷ ଭେଦ କରି ବିଶାଳ ଟନେଲ ଓ ରାଜପଥ ନିର୍ମାଣ ତଥା ଅନ୍ୟାନ୍ୟ ଭାରି ଭିତ୍ତିଭୂମି ବିକାଶ କାର୍ଯ୍ୟ ଚାଲୁ ରହି ଯେଉଁ କଂପନ ସୃଷ୍ଟି କରୁଛନ୍ତି, ତହିଁରେ ପ୍ରାଚୀରରେ ଫାଟ ସୃଷ୍ଟି ହେଉଛି ଏବଂ ବିନା କୌଣସି ସତର୍କ ସୂଚନାରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତି ସୃଷ୍ଟି କରୁଛି। ଉପଗ୍ରହ ଫଟୋଚିତ୍ରରୁ ଜଣାପଡ଼ିଥାଏ ଯେ ସମୁଦାୟ ହିମାଳୟ ପାର୍ବତ୍ୟାଞ୍ଚଳରେ ପ୍ରାୟ ୨୪,୪୪୦ଟି 'ଗ୍ଲେସିଅର ଲେକ୍' ରହିଛି, ଯହିଁରୁ ଭାରତ ପାର୍ଶ୍ୱରେ ଥିବା ହିମାଳୟରେ ଏହି ସଂଖ୍ୟା ହେଉଛି ୭,୬୧୭। ଜଣାପଡ଼ିଛି ଯେ କୋଶୀ, ଗଣ୍ଡୁକୀ ଓ କାର୍ନାଲି ନଦୀ ଅବବାହିକାରେ ଥିବା ଅନ୍ତତଃ ୪୭ଟି 'ଗ୍ଲେସିଅର ଲେକ୍' ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ରହିଛି। ଏଭଳି ସ୍ଥଳେ ଧନ ଓ ଜୀବନର କ୍ଷତିକୁ ଯତ୍‌ସମ୍ଭବ ସଂକୁଚିତ କରି ରଖିବା ସକାଶେ ଯାହା ଅବଶ୍ୟକ, ତାହା ହେଲା ହିମାଳୟ କ୍ରୋଡ଼ରେ ଥିବା ୧୩ଟି ଯାକ ରାଜ୍ୟର ପର୍ଯ୍ୟଟକ ଆକର୍ଷଣକାରୀ ସହରଗୁଡ଼ିକରେ ହେଉଥିବା ଅକଳ୍ପନୀୟ ଜନସମାଗମକୁ ନିୟନ୍ତ୍ରଣାଧୀନ କରିବା ବା ତହିଁରେ ହ୍ରାସ ଘଟାଇବା। କିନ୍ତୁ, ତାହା କ'ଣ ସମ୍ଭବ ? ଉଲ୍ଲେଖଯୋଗ୍ୟ ଯେ ପ୍ରତିକୂଳ ଋତୁଗୁଡ଼ିକରେ ହିମାଳୟସ୍ଥିତ ଅନେକ ତୀର୍ଥ ସ୍ଥଳକୁ ବନ୍ଦ ରଖାଯାଇଥାଏ; କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା, ପର୍ଯ୍ୟଟନ ସକାଶେ ଏକ ଅନୁକୂଳ ବାତାବରଣ ଥିବା ସମୟରେ ମଧ୍ୟ ଅତର୍କିତ ଭାବେ ଦାରୁଣ ଦୁର୍ବିପାକମାନ ଘଟି ଯାଉଛି, ଯେମିତି ନେପାଳରେ ଏହି ପ୍ରଳୟ ଦେଖିବାକୁ ମିଳିଛି ! ଗଲା କିଛି ବର୍ଷ ଧରି ହିମାଳୟ କୋଳରେ ଘଟି ଚାଲିଥିବା କ୍ଷୁଦ୍ର ଓ ବୃହତ୍ ଦୁର୍ଘଟଣାମାନ ପରିପ୍ରେକ୍ଷୀରେ ପର୍ଯ୍ୟଟନ ଓ ତୀର୍ଥ ସ୍ଥଳଗୁଡ଼ିକର 'ଧାରଣକ୍ଷମତା' ଭଳି ବିଷୟ ଆଲୋଚନାର ପରିସରକୁ ଆସୁଛି। ପ୍ରକାଶ ଥାଉ କି ୨୦୨୩ ମସିହାରେ, 'ଯୋଶୀ ମଠ' ସହର ଭୂ-ଗର୍ଭସାତ ହୋଇଯିବାର ବିପର୍ଯ୍ୟୟ ହଠାତ୍ ଉଜାଗର ହୋଇଯିବା ପରେ ୧୯୭୫ ମସିହାରୁ ମହେଶ ମିଶ୍ର କମିଟି ରିପୋର୍ଟ ଏଭଳି ଏକ ସ୍ଥିତି ନେଇ ସତର୍କ କରାଇ ସାରିଥିଲା।

ହିମାଳୟ କୋଳରେ, ହିମାଚଳପ୍ରଦେଶର ଏହି ଜିଲ୍ଲା, ଏକ ଶୀତଳ ମରୁ। ସେହି ସମୟରେ ସେଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ଥିଲା ଅତ୍ୟନ୍ତ ସୀମିତ; ଅଞ୍ଚଳବାସୀଙ୍କ ମୁଖ୍ୟ ଅଭିଯୋଗ ଥିଲା ଯେ ସେମାନେ ବିକାଶର ଆଲୋକରୁ ସଂପୂର୍ଣ୍ଣ ବଞ୍ଚିତ। ସ୍ଥାନୀୟ ବାସିନ୍ଦା ଆର୍ଥିକ ଭାବେ ଉପକୃତ ହେଉଛନ୍ତି, ଭିତ୍ତିଭୂମିର ବିକାଶ ଘଟିଛି, କିନ୍ତୁ କ୍ୱଚିତ୍ କେହି ଅନୁଧ୍ୟାନ କରୁଥିବେ ଯେ ସେହି ବୃଦ୍ଧ କହିଥିବା ଭଳି 'ସବୁ କିଛି ସରିଯିବା' ଭଳି କିଛି ସନ୍ତର୍ପଣରେ ଘଟି ଯାଉନାହିଁ ତ ? ତେଣୁ ବିପର୍ଯ୍ୟୟ ଘଟିସାରିଲା ପରେ ଚେତା ପଶୁଛି ! ତା' ପରେ ଉଦ୍‌ବେଗର ବିସ୍ଫୋରଣ, କିଛି ଦିନର ସଘନ ଆଲୋଚନା ଏବଂ ଶେଷରେ ଆଉ ଏକ ବିପର୍ଯ୍ୟୟ ନ ଘଟିବା ପର୍ଯ୍ୟନ୍ତ ଆରାମପ୍ରଦ ବିସ୍ମରଣ ! ତେଣୁ ଉପକ୍ରମରେ କୁହାଯାଇଥିବା ଭଳି ଦୁର୍ବିପାକର ଚକ୍ର ଘୂରି ଚାଲିବ ଏବଂ ବାରମ୍ବାର ଆସି ଆମ ଆଗରେ ଛିଡ଼ା ହେବ।

# ଦେଶବତ୍ସଳ କୃଷ୍ଣମୋହନ

କୃଷ୍ଣଚନ୍ଦ୍ର ସୁଆର

ଜାତୀୟ ମୁକ୍ତି ସଂଗ୍ରାମରେ ଆତ୍ମୋତ୍ସର୍ଗ କରିଥିବା ବିରଳ ବ୍ୟକ୍ତିତ୍ୱମାନଙ୍କ ମଧ୍ୟରେ ସ୍ୱର୍ଗତଃ କୃଷ୍ଣମୋହନ ରାଉତରାୟ ଥିଲେ ଅନ୍ୟତମ । ସେ ଥିଲେ ଏକାଧାରରେ ଜଣେ ସ୍ୱାଧୀନଚେତା, ଦୁଃସାହସୀ, ଅସୀମ ତ୍ୟାଗୀ, ଦକ୍ଷ ସଂଗଠନ, ପ୍ରଭାବଶାଳୀ ବକ୍ତା, ସଂଗ୍ରାମୀ ଓ ଦେଶପ୍ରାଣ ନେତା ତଥା ବହୁମୁଖୀ ପ୍ରତିଭାର ଅଧିକାର ।

ଗାନ୍ଧିଜୀଙ୍କ ଆଦର୍ଶରେ ସେ ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ । ଲୋକଙ୍କ ଦୁଃଖ ସୁଖରେ ସେ ଭାଗିଦାର ହେଉଥିଲେ । ଜନସାଧାରଣଙ୍କର ତାଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ଅକୁଣ୍ଠ ସମର୍ଥନ ରହିଥିଲା । ଅସହଯୋଗ ଆନ୍ଦୋଳନଠାରୁ ବ୍ୟକ୍ତିଗତ ସତ୍ୟାଗ୍ରହ, ବିଦେଶୀ ଜିନିଷ ବର୍ଜନ, ଲବଣ ସତ୍ୟାଗ୍ରହ ଓ ଭାରତଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ସେ ସବୁଥିରେ ଭାଗ ନେଇଥିଲେ । ଆନ୍ଦୋଳନ ସମୟରେ ଓଡ଼ିଶାର ଆଗଧାଡ଼ିର ନେତା ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ, ବିନୋଦ କାନୁନ୍‌ଗୋ, ଯଦୁମଣି ମଂଗରାଜ, ସୁରେନ୍ଦ୍ରନାଥ ଦ୍ୱିବେଦୀ ପ୍ରଭୃତିଙ୍କ ସହ ତାଙ୍କର ପ୍ରତ୍ୟକ୍ଷ ଯୋଗାଯୋଗ ରହିଥିଲା । ସେ ଜଣେ ସର୍ବମାନ୍ୟ ନେତା ଥିଲେ । ପ୍ରତ୍ୟେକ ସଂଗ୍ରାମ ଓ ଆନ୍ଦୋଳନରେ ନିବିଡ଼ ଭାବେ ଜଡ଼ିତ ରହିବା ଯୋଗୁଁ ଦୀର୍ଘ ୨୨ ବର୍ଷ ୬ ମାସ କାଳ ତାଙ୍କୁ କାରାଦଣ୍ଡରେ ଦଣ୍ଡିତ ହେବାକୁ ପଡ଼ିଥିଲା, ଯାହା ଓଡ଼ିଶା କାହିଁକି ଜାତୀୟ ଆନ୍ଦୋଳନ ଇତିହାସରେ ବିରଳ ।

ଏହି ମହନ ବିପ୍ଳବୀ ବୀରଙ୍କ ଆବିର୍ଭାବ ହୁଏ ଏକ ସଂକ୍ରାନ୍ତ ମଧ୍ୟବିତ୍ତ ଖଣ୍ଡାୟତ ପରିବାରରେ ୧୮୯୯ ମସିହା ଜନ୍ମ ମାସ ୨୮ ତାରିଖରେ ବଡ଼ଚଣା ଥାନାର ଏକ ଅଜ୍ଞାତ ନିପଟ ପଲ୍ଲୀ ତିଗିରିଆ ଗ୍ରାମରେ । ତାଙ୍କ ପିତାଙ୍କ ନାମ ଆନନ୍ଦ ଚନ୍ଦ୍ର ରାଉତରାୟ ଓ ମାତାଙ୍କ ନାମ ଚମ୍ପାବତୀ ଦେବୀ । ଆନନ୍ଦ ଚନ୍ଦ୍ର ରାଜକନିକା ଇଷ୍ଟେଟ୍‌ରେ (ଗୁମାସ୍ତା) ରାଜ କର୍ମଚାରୀଭାବେ କାର୍ଯ୍ୟ କରୁଥିଲେ ଏବଂ କନିକାର ଗିରିଆ-ମଠ ଥିଲା ତାଙ୍କ କର୍ମସ୍ଥଳୀ । ଗାଁ ଚାଟଶାଳୀରେ ତାଙ୍କର ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା । ତତ୍‌ପରେ ତାଙ୍କ ବାପା ତାଙ୍କୁ ନିଜ କର୍ମସ୍ଥଳୀକୁ ନେଇଯାଇ ସେଠାର ଇଂରାଜୀ ବିଦ୍ୟାଳୟରେ ଉଚ୍ଚଶିକ୍ଷା ନିମନ୍ତେ ନାମ ଲେଖାଇଥିଲେ । ସେହି ସମୟରେ ରାଜକନିକାରେ ପ୍ରଜାମାନଙ୍କ ଉପରେ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେଓଙ୍କ ଅତ୍ୟାଚାର ପ୍ରବଳ ରୂପ ଧାରଣ କରିଥିଲା । ସେ ନିଜ ରାଜ୍ୟରେ ଚଉଷଠି ପ୍ରକାରର କର ଆଦାୟ କରୁଥିଲେ । ଚାଷ କରୁଥିବା ଜମିରେ ପ୍ରଜାର ମାଲିକାନା ସତ୍ତ୍ୱ ନଥିଲା । ଜମିଦାରମାନେ ଖଜଣା ନେଉଥିଲେ । ପ୍ରଜାଙ୍କୁ ପାଉତି ଦେଉନଥିଲେ । ପ୍ରଜାମାନଙ୍କୁ ଯୋଡ଼ି ବେତରେ ପ୍ରହାର କରିବା, ଘରେ ଭର୍ତ୍ତିକରି ଲଙ୍କା ମରିଚ ଧୂଆଁ ଦେବା, ଧାନ ଅମାର ଲୁଟ୍ କରିନେବା, ସବାରି କାନ୍ଧେଇବା ପାଇଁ ମାଡ଼ ମାରିବା ପ୍ରଭୃତି ନିର୍ମମ ଓ ନିଷ୍ଠୁର ଅତ୍ୟାଚାର କରୁଥିଲେ । ଫଳରେ ୧୯୨୦ ମସିହାରେ କନିକାରେ ପ୍ରଜା ଆନ୍ଦୋଳନ ମୁଣ୍ଡ ଟେକିଥିଲା । ସେତେବେଳେ 'ସମାଜ'ରେ ଦୁଃଖିନୀ କନିକାର ଅଜସ୍ର ଦୁଃଖର କଥାକୁ ପଣ୍ଡିତ ଗୋପବନ୍ଧୁ ପ୍ରକାଶ କରିଥିଲେ । ମଧ୍ୟ-ଇଂରାଜୀ ବିଦ୍ୟାଳୟର ଛାତ୍ର କୃଷ୍ଣମୋହନଙ୍କ ମନରେ ଏଭଳି ମର୍ମନ୍ତୁଦ ଅତ୍ୟାଚାର, ଶୋଷଣର କଥା ଖୁବ୍ ପ୍ରଭାବ ପକାଇଥିଲା । ସେ ଅନ୍ୟ ଛାତ୍ରମାନଙ୍କ ସହ ପାଠ ପଢ଼ା ଛାଡ଼ି କନିକା ପ୍ରଜା ଆନ୍ଦୋଳନରେ ସାମିଲ ହୋଇଥିଲେ । ତାଙ୍କ ନେତୃତ୍ୱରେ ସମଗ୍ର ବଡ଼ଚଣାରେ ଯୁବଗୋଷ୍ଠୀ ସଂଗଠିତ ହୋଇ ବ୍ରିଟିଶ ଶାସନ ବିରୁଦ୍ଧରେ ତଥା ରାଜା, ଜମିଦାର ଓ ସାହୁକାରମାନଙ୍କ ବିରୁଦ୍ଧରେ ଦୃଢ଼ ସଂଗଠନ ଗଢ଼ିଥିଲେ । ବିଶେଷକରି ସେ ଜଣେ ରାଜ କର୍ମଚାରୀଙ୍କ ପୁତ୍ର ହୋଇ ରାଜାଙ୍କ ବିରୁଦ୍ଧରେ ପ୍ରଜା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଶୋଭାଯାତ୍ରାରେ ଦୃଢ଼ ସ୍ୱର ଉତ୍ତୋଳନ କରିବାରୁ ରାଜ ଦରବାର ଦୃଷ୍ଟିକୁ ଆସିଥିଲା ଏବଂ ତାଙ୍କ ପିତାଙ୍କୁ ଏଥିପାଇଁ ସତର୍କତା ଅବଲମ୍ବନ କରିବା ସହିତ କଠୋର ତାଗିଦ କରାଯାଇଥିଲା ଓ ଏଥିରୁ ନିବୃତ୍ତ ହେଲେ କନିକା ଇଷ୍ଟେଟରେ ଚାକିରି ଦେବାର ପ୍ରଲୋଭନ ମଧ୍ୟ ଦିଆଯାଇଥିଲା କିନ୍ତୁ ସେ ପ୍ରଜା ଆନ୍ଦୋଳନରେ ଘନିଷ୍ଠ ଭାବରେ ଜଡ଼ିତ ହେବା ଯୋଗୁଁ ଆନନ୍ଦଚନ୍ଦ୍ର ରାଜଦଣ୍ଡ ଭୟରେ ତାଙ୍କୁ ଗାଁରେ ଛାଡ଼ି ଦେଇଥିଲେ । ସ୍କୁଲ ଶିକ୍ଷାରୁ ବଂଚିତ ହେବା ପରେ ତାଙ୍କ ସାରା ଜୀବନ ହିଁ ଅବିରାମ ସଂଗ୍ରାମ ଭିତରେ ଗତି କରିଥିଲା । ୧୯୨୦ରେ ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନର ଶୁଭ ଦିଆଯାଇଥିଲା । ମହାତ୍ମା ଗାନ୍ଧୀ ନିଜେ ଆସି କଟକ କାଠଯୋଡ଼ି ନଈ ବାଲିରେ ଏକ ସଭାରେ ଏହାର ତାତ୍ପର୍ଯ୍ୟ ବୁଝାଇଥିଲେ । ଓଡ଼ିଶାର ଖ୍ୟାତନାମା ସଂଗ୍ରାମମାନଙ୍କ ଗହଣରେ କୃଷ୍ଣ ମୋହନ ମଧ୍ୟ ଏଥିରେ ଝାସ ଦେଇଥିଲେ । ହେଲେ ଅନ୍ୟମାନଙ୍କ କାର୍ଯ୍ୟ ଓ ସଂଗ୍ରାମର ଅବଦାନ ଯେପରି ଭାବରେ ଜନମାନସରେ ପ୍ରଘଟ ହୋଇଛି କୃଷ୍ଣ ମୋହନଙ୍କ ତ୍ୟାଗ କାହାରିଠାରୁ ଊଣା ନହେଲେ ମଧ୍ୟ ଦୁଃଖର କଥା ତାଙ୍କର କୃତି କୀର୍ତ୍ତି ଅଜଣା ଓ ଅଶୁଣା ହୋଇ ରହିଛି ।

୧୯୪୨ ଭାରତ ଛାଡ଼ ଆନ୍ଦୋଳନ ବେଳେ ବ୍ରିଟିଶ ଶାସନର ରକ୍ତ ମୁହାଁ ପୋଲିସକୁ ମୁକାବିଲା କରିବା ନିମନ୍ତେ କଳ କଳାଠାରୁ କୋଲତାଗିରି ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରୁ ଶତାଧିକ ସଂଗ୍ରାମୀକୁ ନେଇ ଭରତପୁର ନାଗା ମଠରେ ବୈଠକ, ଶାସନ ବ୍ୟବସ୍ଥାକୁ ଅଚଳ କରିବା ନିମନ୍ତେ ମରଣ ସେନା ବାହିନୀ ଗଠନ ଓ ତାଙ୍କ ନେତୃତ୍ୱରେ ଟେଲିଗ୍ରାମ ଲାଇନ୍ ତାର କାଟିବା, ପୋଲ ଭାଙ୍ଗିଦେଇ ଯୋଗାଯୋଗ ବିଚ୍ଛିନ୍ନ କରିବା, ରେଳ ଲାଇନ୍‌କୁ ଅଚଳ କରିବା ପ୍ରଭୃତି ଦୃଢ଼ ନିଷ୍ପତ୍ତି ନେଇଥିଲେ । ବରୀ ନିକଟସ୍ଥ କାଇମାଟିଠାରେ ସଂଗ୍ରାମୀମାନଙ୍କ ସହିତ ପୋଲିସ ମୁହାଁମୁହିଁ ହେବା ଫଳରେ ପୋଲିସର ୨୮ ରାଉଣ୍ଡ ଗୁଳି ଚାଳନାରେ ବହୁ ସଂଗ୍ରାମୀ ସହିଦ ହେବା ସଂଗେ ମାଟି ରକ୍ତ ରଂଜିତ ହୋଇଥିଲା ଓ କେତେକ ଗୁରୁତର ଆହତ, କ୍ଷତ ବିକ୍ଷତ ହୋଇଥିଲେ । ଏହା ଇତିହାସ ପୃଷ୍ଠାରେ ଏକ ଲୋମ ହର୍ଷଣକାରୀ ଘଟଣା ହୋଇ ରହିଛି । ତାଙ୍କ ନେତୃତ୍ୱରେ ବାଲିଚନ୍ଦ୍ରପୁର ଡାକଘର, ଗଂଜେ ଅଫିମ ଦୋକାନ, ଥାନା, କଚେରୀ, ଖମାର, ଜଳକର ଅଫିସ୍, କୁଆଁପାଳ ପୋଷ୍ଟ ଅଫିସ, କୁମୁଡ଼ା ହାଟ ଅବକାରୀ ଦୋକାନ, ରାମଦାସପୁର କଚେରୀ ଓ ବିଦେଶୀ ବସ୍ତ୍ର ସର୍ବ ସମ୍ମୁଖରେ ପୋଡ଼ିବା ସମେତ ବାଲିପଡ଼ିଆ ଜମିଦାରର ଖମାର ଲୁଟ୍ କରାଯାଇଥିଲା । ତାଙ୍କର ଏତାଦୃଶ ବ୍ରିଟିଶ ଶାସନ ବିରୋଧୀ ରକ୍ତାପ୍ଳୁତ ଧ୍ୱଂସମୁଖୀ ଦୁର୍ବାର ବୈପ୍ଳବାତ୍ମ କାର୍ଯ୍ୟକଳାପ ପାଇଁ ସେ ବ୍ରିଟିଶ ଶାସନର ବିଷ ଦୃଷ୍ଟିରେ ପଡ଼ିଥିଲେ । ତେଣୁ କୃଷ୍ଣମୋହନଙ୍କ ବିରୋଧରେ "ଦେଖିବା ମାତ୍ରେ ଗୁଳିକର" ପରୱାନା ବା ଫତୁଆ ଜାରି କରିଥିଲେ । ପୁନଶ୍ଚ ଯେ ତାଙ୍କୁ ଜୀବନ୍ତ ଧରାଇ ଦେଇ ବ୍ରିଟିଶ ପୋଲିସ ଜିମା ଦେବ ତାଙ୍କୁ ୫୦୦ ଟଙ୍କାର ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବ ବୋଲି ଆଦେଶନାମା ଜାରି ହୋଇଥିଲା । ଏହି ଫତୁଆ ଜାରି ନାମା ଥିଲା - "ସୁଟ୍ ଆଟ ଦି ସାଇଟ୍" ଝଷକ୍ଷକ୍ଷଘ ବଘ ଘଷଘର ଝସଶକ୍ଷଘ ବା "ଦେଖିବା ମାତ୍ରେ ଗୁଳିକର" । ଇତ୍ୟବସରରେ ତାଙ୍କର ଅନ୍ତରଙ୍ଗ ସହଯୋଗୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ମୁସଲମାନ ବେଶରେ ଧୂଆଁପତ୍ର ବିକାଳୀ ହୋଇ ପହଞ୍ଚି ତାଙ୍କୁ ଆତ୍ମ ସମର୍ପଣ ପାଇଁ ପରାମର୍ଶ ଦେଇଥିଲେ । ୧୯୪୨ ସେପ୍ଟେମ୍ବର ୮ ତାରିଖ ନିଶାର୍ଦ୍ଧରେ କୋଲଣଗିରି ମଠରେ ଅନ୍ତିମ ଗୁପ୍ତ ବୈଠକରେ ସେ ଆତ୍ମ ସମର୍ପଣ ପାଇଁ ନିଷ୍ପତ୍ତି ଶୁଣାଇଥିଲେ । କାରର ତାଙ୍କରି କୃତକର୍ମ ପାଇଁ ଓ ତାଙ୍କୁ ଧରିବାକୁ ଯାଇ ବିଫଳ ପୋଲିସ ମାନଙ୍କର ଦୁର୍ଦ୍ଦଶା, ଦଣ୍ଡର ଅନ୍ତ ନଥିଲା । ପରିଶେଷରେ ସେ ବରଦା ଗ୍ରାମର ଦଫାଦାର ବାସୁଦେବ ସାମଲଙ୍କ ମାଧମରେ ବଡ଼ଚଣା ପୋଲିସ ଅଧିକାରୀଙ୍କ ଦ୍ୱାରା ଗୋପାଳପୁର ଡ଼ାକ ବଙ୍ଗଳାରେ ଗିଫ ହୋଇ କଟକ ଜେଲରେ ରାଜବନ୍ଦୀ (ବି-ଗ୍ରେଡ୍) ଭାବେ ରହିଥିଲେ । ତାଙ୍କ ବିରୋଧରେ ରାଜଦ୍ରୋହ ଷଡ଼ଯନ୍ତ୍ର, ପୋଡ଼ାଜଳା ଏବଂ ସନ୍ତ୍ରାସବାଦ ପ୍ରଭୃତି ଗୁରୁତର ଅପରାଧ ଅଭିଯୋଗରେ ଅଭିଯୁକ୍ତ କରାଯାଇ ସର୍ବାଧିକ ୨୨ ବର୍ଷ ୬ ମାସ କାରାଦଣ୍ଡାଦେଶ କରାଯାଇଥିଲା । ସେ ବନ୍ଦୀ ଜୀବନ କଟାଉଥିବା ସମୟରେ ଅତ୍ୟାଚାରୀ ଜମିଦାରଙ୍କ ଚକ୍ରାନ୍ତରେ ତିଗିରିଆ ଗ୍ରାମ ନିକଯସ୍ଥ ତାଙ୍କ ବାସଗୃହରେ ଅଗ୍ନି ସଂଯୋଗ କରାଯାଇଥିଲା । ଅସହାୟ ଭାବରେ ତାଙ୍କର ବୃଦ୍ଧା ଜନନୀ, ନିଃସନ୍ତାନ ବୟସ୍କ ଦାଦା ଓ ଖୁଡ଼ୀଙ୍କର ଗୃହ ଦାହରେ ମୃତ୍ୟୁ ହୋଇଥିଲା । ସେ ୩ବର୍ଷ ୭ ମାସ କାରାଦଣ୍ଡ ଭୋଗ କରିବା ପରେ ଅର୍ଥାତ୍ ୨୩.୦୪.୧୯୪୬ ରେ କାରାମୁକ୍ତ ହୋଇଥିଲେ । ମାତୃଭୂମି ଭାରତ ବର୍ଷ ୧୯୪୭ ଅଗଷ୍ଟ ୧୫ରେ ସ୍ୱାଧୀନ ହେବାର ଦେଖି ସେ ଆତ୍ମସନ୍ତୋଷ ଲାଭ କରିଥିଲେ । ତା ୧୮.୦୯.୧୯୫୦ରେ ସେ ବମ୍ୱେସ୍ଥ ନାସିକ୍ କଂଗ୍ରେସ ଅଧିବେଶନରେ ଯୋଗଦାନ କରିବା ଥିଲା ବାସ୍ତବରେ ଅତ୍ୟନ୍ତ ଗର୍ବ ଓ ଗୌରବ । ସେଠାରୁ ପ୍ରତ୍ୟାବର୍ତ୍ତନ କରି ସେ ନିଜ ଅଞ୍ଚଳରେ କେତେକ ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ । ଶିକ୍ଷାର ପ୍ରସାର ପାଇଁ ଦେକୁରୀ ଗ୍ରାମରେ ପ୍ରାଇମେରୀ ବିଦ୍ୟାଳୟ, ଖଡ଼ଗପୁର ବିଦ୍ୟାଳୟ ସ୍ଥାପନ, ସ୍ୱାସ୍ଥ୍ୟରକ୍ଷା ପାଇଁ ବରଦାଠାରେ କବିରାଜ ଖାନା, ଖଡ଼ଗପୁରଠାରେ ସ୍ୱରାଜ ଆଶ୍ରମ ପ୍ରତିଷ୍ଠା ଓ ଗମନାଗମନ ପାଇଁ ବରଦା ବାଉଜଙ୍ଗ ରାସ୍ତାନିର୍ମାଣ କରିଥିଲେ । ଗତ ତା ୯.୦୨.୧୯୫୧ ମସିହାରେ ତାଙ୍କର ବିୟୋଗ ହୋଇଥିଲା । ସେ ଆଜି ନାହାନ୍ତି ସତ, ହେଲେ ରଖିବଦେଇ ଯାଇଛନ୍ତି ଚିରନ୍ତନ ସ୍ମୃତି । କେବଳ ବ୍ରିଟିଶମାନଙ୍କୁ ଦେଶରୁ ତଡ଼ିବାକୁ ନୁହେଁ, ଅନ୍ୟାୟ, ଅତ୍ୟାଚାରର ଘୋର ବିରୋଧି ଥିଲେ ସେ। ଯାଜପୁର ସମେତ ବଡ଼ଚଣା ମାଟିରେ ଭାଗନେଇ ଜୀବନକୁ ଉତ୍ସର୍ଗ କରିଥିଲେ । ସେ ଥିଲେ ବିପ୍ଳବର ଅନ୍ୟତମ କର୍ଣ୍ଣଧାର । ତାଙ୍କ ପରି ଗାନ୍ଧିବାଦୀ, ମହାନ୍ ତ୍ୟାଗୀ, ଦେଶ ପ୍ରେମୀ ଓ ବିପ୍ଳବୀ ମଣିଷ ବାସ୍ତବରେ ବିରଳ ।

# ଦୁଷ୍ଟ ଉଦ୍ଧାରି ସନ୍ଥ ପାଳୁ

କଳ୍ପନା କୁମାରୀ ଦେବୀ

ବେଦ କହେ

"ହେ ପରମେଶ୍ୱର । ଆପଣ କେବଳ ଜନମାନଙ୍କର ବନ୍ଧୁ ତଥା ପ୍ରିୟ ମିତ୍ର ଅଟନ୍ତି । ଆପଣଙ୍କ ସହିତ ମିତ୍ରତା କରିବା ବ୍ୟକ୍ତି ନିମିତ୍ତ ଆପଣ ହିତକାରୀ ତଥା ମିତ୍ର ଅଟନ୍ତି ।"

ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବବ୍ୟାପକ ପରମାତ୍ମା ପରମେଶ୍ୱର ଯୁଗେଯୁଗେ ପୃଥିବୀର ଭାରା ନିବାରଣ କରିବା ନିମନ୍ତେ ଅବତାର ନିଅନ୍ତି । ଯେତେବେଳେ ଧର୍ମ ପରିବର୍ତ୍ତେ ଅଧର୍ମ, ନ୍ୟାୟ ପରିବର୍ତ୍ତେ ଅନ୍ୟାୟ, ସତ ପରିବର୍ତ୍ତେ ଅସତ୍ୟ ରାଜତ୍ୱ କରନ୍ତି ସେହି ସମୟରେ ନିରାକାର ପରମେଶ୍ୱର ସାକାର ରୂପେ ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି । ସେ ଦଣ୍ଡନୀୟ ବ୍ୟକ୍ତିଙ୍କର ଦଣ୍ଡଦାତା, ଦୁଷ୍ଟମାନଙ୍କ ଠାରେ କ୍ଷୋଭ ଉତ୍ପନ୍ନକର୍ତ୍ତା । ଯେ ସୃଷ୍ଟିକର୍ତ୍ତା ସେ ତାଙ୍କ ସୃଷ୍ଟିର ବିଶୃଙ୍ଖଳା ସହି ପାରନ୍ତି ନାହିଁ । ବିଭିନ୍ନ ଯୁଗରେ ଅବତାରି ପୁରୁଷ ଭିନ୍ନ ଭିନ୍ନ ରୂପ ନେଇ ବହୁ ବିଶୃଙ୍ଖଳିତ ଅସୁରମାନଙ୍କୁବଧ କରିଛନ୍ତି ଏବଂ ଧର୍ମର ଧ୍ୱଜା ଉଡ଼ାଇଅଛନ୍ତି ।

ଦ୍ୱାପର ଯୁଗରେ ଜରାସନ୍ଧ ବଧପରେ ଯୁଧିଷ୍ଠିର ଏକ ଯଜ୍ଞର ଆୟୋଜନ କରିଥିଲେ । ମୁନି, ଋଷି, ଦେବତା, ବେଦଜ୍ଞ ବ୍ରାହ୍ମଣ ସମସ୍ତ ଦେଶର ରାଜାମାନେ ନିମନ୍ତ୍ରିତ ହୋଇଥିଲେ । ସ୍ୱୟଂ ଶ୍ରୀକୃଷ୍ଣ ତଥା ତାଙ୍କର ପରିବାରବର୍ଗ ଉପସ୍ଥିତ ଥିଲେ । କୃଷ୍ଣ ରୁକ୍ମିଣୀଙ୍କୁ ହରଣ କରି ଆଣିଥିବାରୁ ଶିଶୁପାଳ ଅପମାନିତ ହୋଇଥିଲେ। ସେହି ଅପମାନର ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ କୃଷ୍ଣଙ୍କୁ ତଥା ତାଙ୍କ ପକ୍ଷର ଲୋକମାନଙ୍କୁ କଟୁଭାଷାରେ ଭର୍ତ୍ସନା କଲା । ଯେଉଁଠାରେ ସମସ୍ତେ ପାଣ୍ଡବ ପାଞ୍ଚଭାଇଙ୍କ ପରିବାର, ବନ୍ଧୁ, ଦୁର୍ଯ୍ୟୋଧନ, ମୁନି ଋଷି, ଦେବାଦେବୀ ସମସ୍ତ ଦେଶର ରାଜା ଉପସ୍ଥିତ ଥିଲେ । କୃଷ୍ଣଙ୍କୁ ଏକାଧିକବାର ଶିଶୁପାଳ ଭର୍ତ୍ସନା କରିବାରୁ ପାଣ୍ଡବ ପାଞ୍ଚଭାଇ ଅସ୍ତ୍ରଧାରଣ କରି ଶିଶୁପାଳ ନିକଟକୁ ଆସିଲେ। ଶିଶୁପାଳ ମଧ୍ୟ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଯୁଦ୍ଧ କରିବାକୁ ତିଆର ହୋଇଗଲା । ତା'ର ରଣନୀତି ଦେଖି କୃଷ୍ଣ ପାଣ୍ଡବମାନଙ୍କୁ ପଛକୁ ହଟାଇ ମାଡ଼ିଗଲେ ଶିଶୁପାଳ ଆଡ଼କୁ ଏବଂ ସୁଦର୍ଶନ ଚକ୍ରଦ୍ୱାରା ତାଙ୍କୁ ନିହତ କଲେ । ଶିଶୁପାଳର ଆତ୍ମା ପରମାତ୍ମାଙ୍କ ଦେହରେ ମିଶିଗଲା ।

ଯୁଧିଷ୍ଠିରଙ୍କ ଯଜ୍ଞଶାଳରେ ଶିଶୁପାଳ ନିହତ ହେବା ଦେଖି ଶିଶୁପାଳର ସଖା ଶାଲ୍ୱ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ଯାଦବ ବିହୀନ ଧରଣୀ କରିବ ବୋଲି ଗର୍ବର ସହ ପ୍ରତିଜ୍ଞା କଲା । ଗହନବନକୁ ଯାଇ ନଦୀକୂଳରେ ଶଙ୍କର ଗୌରୀଙ୍କୁ ପୂଜାକରି କଠୋର ତପସ୍ୟା କଲା । ଏକବର୍ଷ ତପସ୍ୟା କରିବା ପରେ ଶଙ୍କର ପ୍ରସନ୍ନ ହୋଇ ବର ମାଗିବାକୁ କହିଲେ । ଶାଲ୍ୱ ମାଗିଥିଲା ମାୟା ବିମାନ ଯାହା ସ୍ଥୂଳ, ସୂକ୍ଷ୍ମ, ରୂପ, ଅରୂପ ହୋଇ ପୃଥିବୀ ଏବଂ ଆକାଶରେ ଉଡ଼ପାରୁଥିଲା । ମାୟା ବିମାନଟି ଦେବ, ଦାନବଙ୍କୁ ଅଗୋଚର ଥିଲା ଏବଂ ସମ୍ପୂର୍ଣ୍ଣ ଶାଲ୍ୱର ଅଧୀନରେ ଥିଲା । ଶାଲ୍ୱ ଯେଉଁସ୍ଥାନକୁ ଇଚ୍ଛା କରୁଥିଲା ଯାଇପାରୁଥିଲା । ମାଗିଥିଲା ଶାଲ୍ୱ ବିବିଧ ଅସୁର, ମନୁଷ୍ୟ, ଗନ୍ଧର୍ବ, କିନ୍ନର, ଦେବତା, ଦିଗପାଳ କେହି ତାକୁ ପରାସ୍ତ କରିପାରିବେନି । ଶଙ୍କର ତଥାସ୍ତୁ କହିଦେଲେ । ଶିବଙ୍କ ବରରେ ବଳୀୟାନ ହୋଇ ନିଜର ସୈନ୍ୟ ସଜା ଆରମ୍ଭ କରିଦେଲା । ମୟ ଦାନବ ଦ୍ୱାରା ତିଆରି ହୋଇଥିବା ମାୟା ବିମାନରେ ବସି ସୈନ୍ୟବାହିନୀ ସହିତ ଯଦୁପୁରରେ ପ୍ରବେଶ କଲା ରାତ୍ରିର ଅନ୍ଧକାରରେ । ଯଦୁପୁରବାସୀ ଶୟନରତ । କେହି ଜାଣିପାରିଲେ ନାହିଁ । ଘର, ଦ୍ୱାର, ଅଟ୍ଟାଳିକା, ବନ ଉପବନ ସବୁ ଭାଙ୍ଗି ଛାରଖାର କରିଦେଲା ।

ଦିବସ ଆସିଗଲା । ଧୂଳିରେ ଦିବସ ବି ଅନ୍ଧକାର ଦେଖାଯାଉଥିଲା । ଅସୁର ଆକ୍ରମଣରେ ଯଦୁପୁରୀ ଶ୍ରୀହୀନ ହୋଇଗଲା । ଘୋର ଅନ୍ଧକାର ଦେଖି ରୁକ୍ମିଣୀ ପୁତ୍ର ପ୍ରଦ୍ୟୁମ୍ନ ଯଦୁପୁରବାସୀଙ୍କୁ ଆଶ୍ୱାସନା ଦେଇରଥ ଧରି ରାଜପଥକୁ ଆସିବା ସମୟରେ ଅକ୍ରୁର, ସାତ୍ୟକି, ଚାରୁଦେଷ୍ଣା ଇତ୍ୟାଦି ଯଦୁବଳ ସହ ଯୋଗଦେଲେ । ପ୍ରଦ୍ୟୁମ୍ନ ଯିଏ ମହାନାୟକଙ୍କ ପୁତ୍ର, ମହାନ୍ ଯୋଦ୍ଧାଙ୍କ ପୁତ୍ର ସେ ବା ଯୁଦ୍ଧକୁ ଡରିବ କାହିଁକି ? ଶାଲ୍ୱ ମାୟା ଯୁଦ୍ଧ କରୁଥିବା ସମୟରେ ପ୍ରଦ୍ୟୁମ୍ନ ଅସ୍ତ୍ର ସାହାର୍ଯ୍ୟରେ ମାୟାର ଅନ୍ଧକାରକୁ ଛେଦନ କଲା । ମାୟା ଅନ୍ଧକାର ଅପସରି ଯିବାରୁ ପ୍ରଦ୍ୟୁମ୍ନର ଶରରେ ସେନାପତି ଆଘାତପ୍ରାପ୍ତ ହେଲା । ମାୟା ବିମାନ ସମୟେ ସମୟେ ଦୃଷ୍ଟିଗୋଚର ହୁଏ ସମୟେ ସମୟେ ଅଦୃଶ୍ୟ ହୋଇଯାଏ । ଯଦୁବୀରଙ୍କ ଶରାଘାତରେ ଶାଲ୍ୱରଥ ଉପରେ ଚେତା ହରାଇଦେଲା। କୁରାଳ ଚକ୍ରସମ ମାୟାରଥ ବୁଲିବାକୁ ଲାଗିଲା ।

ବ୍ରହ୍ମାଣ୍ଡର ସ୍ରଷ୍ଟା ପରମେଶ୍ୱର ଏହି ଦେବଭୂମି ଭାରତବର୍ଷରେ ଆବିର୍ଭାବ ହୋଇ ଦୁଷ୍ଟଙ୍କୁ ଦମନକରି ସାଧୁମାନଙ୍କୁ ରକ୍ଷା କରିବାପାଇଁ ତାଙ୍କର ଦୈବୀଲୀଳା ଏବଂ ମାନବୀ ଲୀଳା ପ୍ରଦର୍ଶନ କରିଥାଆନ୍ତି । ପରମେଶ୍ୱରଙ୍କ ପ୍ରତ୍ୟେକଟି ଲୀଳା ଲୋକଶିକ୍ଷା ପାଇଁ ଉଦ୍ଦିଷ୍ଟ । ଈଶ୍ୱରଙ୍କ ସୃଷ୍ଟିରେ କର୍ମଫଳଦାତା ଲୀଳାମୟ ଈଶ୍ୱର ଯୁଗେ ଯୁଗେ ତାଙ୍କର ଲୀଳା କରିଥାଆନ୍ତି । ତେଣୁ :

"ଦୁଷ୍ଟ ଉଦ୍ଧରି ସନ୍ଥପାଳୁ,
ତୁ ନାଥ ପରମ ଦୟାଳୁ ।
ଜୟ ଜଗନ୍ନାଥ ।''

# ଓଡିଶା ଇତିହାସରେ ପାଇକ ବିଦ୍ରୋହ

(ଶେଷଭାଗ)

ଏ ଖବର ଆଗୁଆ ପାଇ ନିଜର ଆସବାବପତ୍ର ଛାଡି ଜଗବନ୍ଧୁ ନୟାଗଡ ଅଞ୍ଚଳକୁ ଲୁଚି ପଳାଇବାରେ ସକ୍ଷମ ହେଲେ ଏବଂ ପରେ ସିପାହୀମାନେ ସେ ଛାଡିଯାଇଥିବା ଏକଫୁଟ ଲମ୍ବା, ଅଧଫୁଟ ଓସାର ଓ ୩ ଇଞ୍ଚ ଉଚ୍ଚତାର ଈଷତ ରଙ୍ଗର ବାକ୍ସରେ ଅନ୍ୟାନ୍ୟ ଜିନିଷ ପତ୍ର ମୁଦି, କାନରେ ପିନ୍ଧାଯାଉଥିବା ଦୁଇଟି ଇଅର ରିଙ୍ଗ ଆଦି ଦ୍ରବ୍ୟର ଆନୁମାନିକ ମୂଲ୍ୟ ପ୍ରାୟ ଏକ ହଜାର ଟଙ୍କା ହେବ ହୋଇ ଜଣାଯାଏ । ବକ୍ସି ଜଗବନ୍ଧୁଙ୍କୁ ଗିରଫ କରିବା ପାଇଁ ବ୍ରିଟିଶ ସରକାର ସମସ୍ତ ଉଦ୍ୟମ ପଣ୍ଡ ହୋଇଗଲା । ବକ୍ସିଙ୍କୁ ଧରିବା ପାଇଁ କୌଣସି ବିକଳ୍ପ ପଥ ଖୋଜିବାହାର କରିବା ସମ୍ଭବ ନ ହେବାରୁ ପରିଶେଷରେ ଅନନ୍ୟୋପାୟ ହୋଇ ଜଗବନ୍ଧୁଙ୍କୁ ବକ୍ସି ଜଗବନ୍ଧୁ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯଦି ଆତ୍ମସମର୍ପଣ କରିବେ , ତେବେ ତାଙ୍କୁ ମାରିଦିଆଯିବ ନାହିଁ । ତାଙ୍କର ଜୀବନଧାରଣ ପାଇଁ ସରକାରଙ୍କ ତରଫରୁ ଚାଳିଲା ଭଳି ଭତ୍ତା ପ୍ରଦାନ କରାଯିବ , କଲିକତା କିମ୍ୱା କାଳିକତା ନିକଟବର୍ତ୍ତୀ ସ୍ଥାନରେ ତାଙ୍କୁ ରହିବାକୁ ଘର ଯୋଗାଇ ଦିଆଯିବ ବୋଲି ଗଭର୍ଣ୍ଣର ଜେନେରାଲ ଏକ ସ୍ୱତନ୍ତ୍ର ଘୋଷଣା ଜାରି କଲେ । ଜଗବନ୍ଧୁ ତାଙ୍କର ଲକ୍ଷ ପଥରେ ଏପରି ଭାବେ ଦୃଢ ଏବଂ ଅବିଚଳିତ ଥିଲେ ଯେ ସରକାରଙ୍କ ଘୋଷଣା ତାଙ୍କ ଉପରେ ଟିକେ ବି ପ୍ରଭାବ ପାକାୟ ପାରିଲା ନାହିଁ । ଏହାପରେ ଜଗବନ୍ଧୁ କିପରି ଆତ୍ମସମର୍ପଣ କରିବେ ତାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ରିଟିଶ ସରକାର ବିଶେଷ ଧରଣର ପଦକ୍ଷେପ ନେଲେ । ଏହି ପଦକ୍ଷେପର ଅଂଶବିଶେଷ ଭାବେ ୧୮୧୯ ମସିହା ଅକ୍ଟୋବର ୨୯ରେ ତାଙ୍କର ଦୁଇପତ୍ନୀ, ଗୋଟିଏ ପୋଷ୍ୟପୁତ୍ର, ତାଙ୍କର ନିଜର ଏକମାତ୍ର ନାବାଳକ ପୁତ୍ର, ଚାକର, ଏବଂ ଗୁମାସ୍ତାମାନଙ୍କ ସହ ପାରିବାରର ସଦସ୍ୟଙ୍କୁ ଗିରଫ କରାଗଲା । ସେମାନଙ୍କୁ ବାରବାଟୀ ଦୁର୍ଗରେଆଜ ଅଟକ ରଖାଗଲା । ତଥାପି ଜଗବନ୍ଧୁ ପଦାକୁ ବାହାରିଲେ ନାହିଁ ଏବଂ ଆତ୍ମସମର୍ପଣ କଲେ ନାହିଁ । ବାଧ୍ୟ ହୋଇ ବ୍ରିଟିଶ ସରକାର ନଭେମ୍ବର ମାସ ୧୮୨୦ ମସିହାରେ ତାଙ୍କର ପାରିବାକୁ ମୁକ୍ତ କରିଦେଲେ । ଶେଷରେ ଗୋଟିଏ ଉପାୟ ବାକି ଥିଲା । ତାହା ଥିଲା ଜଗବନ୍ଧୁଙ୍କୁ ମିଳୁଥିବା ପାଇଁ ନୟାଗଡ ରାଜାଙ୍କ ସହାୟତା ଲୋପ କରିବା । କାରଣ ଜଗବନ୍ଧୁଙ୍କ ଭରଣାପୋଷଣଭାର ତଦନୁଯାୟୀ କମିଶନର ଟି . ପାକେଣହାମ ନୟାଗଡ ରାଜାଙ୍କ ଉପରେ ଅତ୍ୟନ୍ତ କଠୋର ଭାଷାରେ ଏକ ଚିଠି ପଠାଇଲେ । ସେ ଥିରେ ଲେଖାଥିଲାଯେ ରାଜା ଏହି ବିଦ୍ରୋହୀନେତା ଙ୍କୁ ସମର୍ଥନ ହେବା ପ୍ରତ୍ୟାହାର କରନ୍ତୁ ଏବଂ ଦୀର୍ଘ ୮ ବର୍ଷ ଧରି ଆତ୍ମଗୋପନ କରିବା ପରେ ଶେଷରେ ବକ୍ସି ଜଗବନ୍ଧୁ ବ୍ରିଟିଶ ସରକାରଙ୍କ ସହ ଏକ ବୁଝାମଣାରେ ପହଞ୍ଚିଲେ। ଏହି ବୁଝାମଣା ଅନୁଯାୟୀ କମିଶନଙ୍କ ବିନା ଅନୁମତିରେ ଜବାବନ୍ଧୁ କଟକ ଛାଡି



କୁଆଡେ ଯିବେ ନାହିଁ, ନିଜର ପାରିବାର ସହିତ ରହିବେ ଓ ନିଜର ଭରଣାପୋଷଣ ପାଇଁ ଜୀବନ ସାରା ମାସକୁ ୧୫୦ ଟଙ୍କା ଲେଖାଏଁ ସରକାରଙ୍କ ଠାରୁ ଭର୍ତ୍ତା ପାଇବେ । ଜଗବନ୍ଧୁ କିନ୍ତୁ ସାଧାରଣ ଅପରାଧୀ ଭଳି ଆତ୍ମସମର୍ପଣ କରିନଥିଲେ । ନିଜର ଆତ୍ମ ମର୍ଯ୍ୟାଦା ପ୍ରତି ସଜାଗ ରହି ଏହିଭଳି ପଦକ୍ଷେପ ନେଲେ । ଅନ୍ୟପକ୍ଷରେ ବ୍ରିଟିଶ ସରକାର ଜଗବନ୍ଧୁଙ୍କୁ କ୍ଷମା ପ୍ରଦାନ କରି ବସ୍ତୁତଃ ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । କଟକରେ ଏହି ଭଳି ଜୀବନଜାପାନ କରି ପରିଶେଷରେ ଜାନୁଆରୀ ୨୪, ଶନିବାର ଦିନ ୧୮୨୯ ମସିହାରେ ପ୍ରାଣତ୍ୟାଗ କଲେ । ବ୍ରିଟିଶ ସହ ଚୁକ୍ତି ଅନୁଯାୟୀ ତାଙ୍କ ମୃତ୍ୟୁ ଦିନରୁ ହିଁ ଭତ୍ତା ପ୍ରଦାନ ବ୍ୟବସ୍ଥା ରଦ୍ଦ କରି ଦିଆଗଲା ।

## ବିଦ୍ରୋହର ଚରିତ୍ର

ଐତିହାସିକ ପ୍ରାସଙ୍ଗିକତା ଦୃଷ୍ଟିରୁ ପାଇକ ବିଦ୍ରୋହ ସମ୍ପର୍କରେ ଆଲୋଚନା ଏବଂ ସମୀକ୍ଷା କରିବାର ଆବଶ୍ୟକତ ରହିଛି । ଅବଶ୍ୟ ଏହା ଉପରେ ବିଭିନ୍ନ ପ୍ରକାରର ବାଖ୍ୟା ଦେଖିବାକୁ ମିଳେ । ଇଓ୍ୱେରଙ୍କ ମତନୁଯାୟୀ "ଖୋର୍ଦ୍ଧାରେ ପାଇକ ବିଦ୍ରୋହ ଅଭ୍ୟୁଥାନ ହେଉଛି ଏକ ନିରୋଳାଘଟଣା, ହତାଶା, ଘୃଣା ଓ ପ୍ରତିଶୋଧ ପରାୟଣତାରେ ଜର୍ଜରଟ ଜଗବନ୍ଧୁ ଏଭଳି ଏକ ବିଦ୍ରୋହକୁ ଉସକାଇଥିଲେ । ସମଗ୍ର ମୋଗଲବନ୍ଦୀ ଅଞ୍ଚଳରେ ଅସନ୍ତୋଷର ଏହା ଏକ ପ୍ରତିଫଳନ ଥିଲା ଏହା ଆଦୌ ସତ୍ୟ ନୁହେଁ । ଏକ ନିର୍ଦ୍ଦିଷ୍ଟ ଇଲାକାରେ ଏହି ବିଦ୍ରୋହ ଘଟିଥିଲା । " ବର୍ତ୍ତମାନ ସୁଧା ମିଳିଥିବା ଐତିହାସିକ ତଥ୍ୟକୁ ବିଚାରକୁ ନେଲେ ପାଇକ ବିଦ୍ରୋହ ସମ୍ପର୍କରେ ଉପରୋକ୍ତ ମୂଲ୍ୟାୟନ ଠିକ , ମନେ ହୁଏ ନାହିଁ । ଯଦିଓ ବିଦ୍ରୋହ ଖୋର୍ଦ୍ଧାରୁ ଜନ୍ମ ନେଇଥିଲା , ପରବର୍ତ୍ତୀ କାଳରେ ଏହା ଖୋର୍ଦ୍ଧାଠାରୁ ବହୁ ଦୂରରେ ଅବସ୍ଥିତ କୁଜଙ୍ଗ, ହରିଶପୁର, ଏବଂ ପଚ୍ଚାମୁଣ୍ଡାଇ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ଘୁମୁସର ଇଲାକାର ସାଧାରଣ ଜନତାଙ୍କର ଦିଦ୍ରୋହୀମାନଙ୍କ ପ୍ରତି ସହାନୁଭୂତି ଥିଲା ଏବଂ ଏଥିପାଇଁ କନ୍ଧ ସଂପ୍ରଦାୟର ବହୁ ସଂଖ୍ୟାରେ ବିଦ୍ରୋହରେ ପ୍ରତ୍ୟକ୍ଷଭାବେ ଅଂଶଗ୍ରହଣ କରିଥିଲେ । ଏଥି ସହିତ ଏହି ଅଞ୍ଚଳର ଜମିଦାରମାନେ ବିଦ୍ରୋହୀମାନଙ୍କ ସହ ସମ୍ପର୍କ ରଖୁଥିଲେ ଏବଂ ଗୋପନରେ ମଧ୍ୟ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ । ଏହି ଦୃଷ୍ଟିରୁ ଏ ଆନ୍ଦୋଳନ ପାଇକ ବିଦ୍ରୋହ ଯେ ଏକ ନିରୋଳା ଘଟଣା ଥିଲା ଏବଂ ଖୋର୍ଦ୍ଧାର ଏକ ନିର୍ଦ୍ଦିଷ୍ଟ ଇଲାକା ମଧ୍ୟରେ ସୀମାବଦ୍ଧ ଥିଲା ବୋଲି ଚିତ୍ରଣ କରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ଏହା ଅବଶ୍ୟ ସତ୍ୟ ଯେ ବକ୍ସି ଜଗବନ୍ଧୁ ବ୍ୟକ୍ତିଗତ ଭାବେ ଚରମ ନିର୍ଯ୍ୟାତନା ଓ ଦୁର୍ଦ୍ଦଶାରେ ଜର୍ଜରିତ ହୋଇଥିଲେ ଏବଂ ସେ ଆନ୍ଦୋଳନକୁ ବିଭିନ୍ନ ଅଞ୍ଚଳକୁ ସଂପ୍ରସାରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । କିନ୍ତୁ ତାଙ୍କର ବ୍ୟକ୍ତିଗତ ହତାଶବୋଧ ଓ ପ୍ରତିଶୋଧ ପରାୟଣ ମନୋଭାବ ହିଁ ବିଦ୍ରୋହ ପଛର ଏକମାତ୍ର କାରଣ ବୋଲି କରିବା ସତ୍ୟର ସଂପୂର୍ଣ୍ଣ ଅପଳାପ । ଏହା ସଂପୂର୍ଣ୍ଣ ସତ୍ୟ ଯେ ସାଧାରଣ ମଣିଷର ଅସନ୍ତୋଷ ଓ ବିଦ୍ରୋହ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ଥିଲା । ଇଓ୍ୱେର ମଧ୍ୟ ସେହି ରିପୋର୍ଟରେ ସ୍ୱୀକାର କରିଅଛି ଯେ " ଅନ୍ତଃହୀନ ଦୁର୍ଦ୍ଦଶା ମଧ୍ୟରେ ଖୋର୍ଦ୍ଧାର ସାଧାରଣ ମଣିଷ ଏପରି ଉବୁଟୁବୁ ହେଉଥିଲେ ଯେ ତାର କୌଣସି ପ୍ରତିକାର ନ ଥିବାରୁ " ହିଁ ବିଦ୍ରୋହର ବହ୍ନି ଜଳିଉଠିଥିଲା । ଠିକ ସେହିପରି ଜଗବନ୍ଧୁ ଦୀର୍ଘ ୮ ବର୍ଷ ଧରି ଆତ୍ମଗୋପନ କରିବା ଏବଂ ଜଗବନ୍ଧୁଙ୍କୁ ଧରାଇ ଦେବା ପାଇଁ ସରକାର ପୁରସ୍କାର ଘୋଷଣା କରିବା ଓ ଆତ୍ମମୋଚନରେ ହେଲେ କେହି ତାଙ୍କର ଆତ୍ମଗୋପନ ସମ୍ପର୍କରେ ପ୍ରଘଟ ନ କରିବାକୁ ପ୍ରମାଣିତ ହେଉଛି ଯେ ବିଦ୍ରୋହ ପଛରେ ସାଧାରଣ ଜନତାଙ୍କ ବ୍ୟାପକ ସମର୍ଥନ ଥିଲା । ଅବଶ୍ୟ ମୋଗଲବନ୍ଦୀ ଅଞ୍ଚଳର ଲୋକମାନେ ବିଦ୍ରୋହରେ ଯୋଗଦେଇ ନ ଥିଲେ । ଏହାର କାରଣ ହେଉଛି ସେହି ସବୁ ଅଞ୍ଚଳରେ ବିଦ୍ରୋହୀମାନେ ସେମାନଙ୍କର କାର୍ଯ୍ୟକଳାପ ବଢାଇବା ପାଇଁ କୌଣସି ପ୍ରୟାସ କରି ନ ଥିଲେ । ଏଥିରୁ ପ୍ରମାଣିତ ଯେ ପାଇକ ବିଦ୍ରୋହ ନିରୋଳା ଘଟଣା ନ ଥିଲା କିମ୍ୱା ସ୍ଥାନୀୟ ଇଲାକା ମଧ୍ୟରେ ସୀମିତ ନ ଥିଲା । ଏହା ଓଡିଶା ପ୍ରଦେଶରେ ପ୍ରାୟ ବ୍ୟାପ୍ତ ଥିଲା । ଏହା ରାଜ୍ୟବ୍ୟାପି ଆନ୍ଦୋଳନର ରୂପ ନେଇଥିଲା । ଇଓ୍ୱେର ମତ ଦେଇଛନ୍ତି ଯେ ବିଦ୍ରୋହ ଆଦୌ ଯୋଜନାବଦ୍ଧ କିମ୍ୱା ଏହା ପଛରେ ଯୋଜନାବଦ୍ଧ ପ୍ରସ୍ତୁତି ନ ଥିଲା । ଏବଂ ପ୍ରତିଶୋଧ ପରାଣୟତା ଜର୍ଜରିତ ଜଗବନ୍ଧୁ ଏଭଳି କାଣ୍ଡ ଭିଆଇ ଥିଲେ। କିନ୍ତୁ ଐତିହାସିକ ତଥ୍ୟ ଏଭଳି ମତକୁ ସମର୍ଥନ କରେ ନାହିଁ । ୨ ୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧାରେ ପୁନର୍ବାର ରାଜା ଭାବେ ଅଧିଷ୍ଠିତ କରାଇବା ପାଇଁ ବହୁ ପୂର୍ବରୁ ଏକ ଯୋଜନା ପ୍ରସ୍ତୁତ କରିଥିଲେ । ଏହି ଯୋଜନାରେ ସାମିଲ ହେବା ପାଇଁ ଗଡଜାତରାଜ୍ୟ ମାନଙ୍କୁ ଜଗବନ୍ଧୁ ପ୍ରବାର୍ତ୍ତାଇଥିଲେ । ଘୁମୁସର , କୁଜଙ୍ଗ ଏବଂ ନୟାଗଡର ରାଜା ମାନଙ୍କ ସହିତ ତାଙ୍କର ଗୋପନ ଯୋଗସୂତ୍ର ପ୍ରତିଷ୍ଠା ହୋଇଥିଲା। ଟ୍ରୋୟେର ତାଙ୍କ ରିପୋର୍ଟରେ ଏହାକୁ ସ୍ୱୀକାର କରି ଲେଖିଛନ୍ତି – ମୁଁ ଖବର ପାଇଛି ଯେ ମୟୂରଭଞ୍ଜାଳ ଠାରୁ ଘୁମୁସର ପର୍ଯ୍ୟନ୍ତ ସମସ୍ତ ରାଜାମାନେ ଖୋର୍ଦ୍ଧାର ପାଇକମାନେ ସମଗ୍ର ବିଦ୍ରୋହ କାଳରେ ନେତୃତ୍ୱକାରୀ ଭୂମିକା ନେଇଥିବାରୁ ବିଦ୍ରୋହକୁ ପାଇକ ବିଦ୍ରୋହ କୁହାଯାଏ । ଏହାର ଅର୍ଥ ନୁହେଁ ଏହି ବିଦ୍ରୋହ କେବଳ ପାଇକମାନଙ୍କ ଭଳି ଏକ ଶ୍ରେଣୀ ମଧ୍ୟରେ ସୀମାବଦ୍ଧ ଥିଲା । ଖୋର୍ଦ୍ଧା ପାଇକମନେ ବିଦ୍ରୋହରେ ଅଂଶ ଗ୍ରହଣ କରିଥିଲେ ବୋଲି ପ୍ରମାଣ ରହିଛି । ତେବେ ଯାହା ହେଉ ସେମାନଙ୍କର ଅନ୍ତିମ ଲକ୍ଷ ଥିଲା ଖୋର୍ଦ୍ଧାମାଟିରୁ ବ୍ରିଟିଶ ମାନଙ୍କୁ ବିତାଡିତ କରିବା ଏବଂ ଖୋର୍ଦ୍ଧା ରାଜଗାଡିରେ ରାଜଶାସନକୁ ପୁନର୍ବାର ଫେରାଇ ଆଣିବା । ଅନ୍ତତଃ ପକ୍ଷେ ଏହି ଲକ୍ଷ୍ୟ ହାସଲ ପାଇଁ ବକ୍ସି ଦୃଢ ପରିକର ଥିଲେ ଏବଂ ଦୃଢତାର ସହ ବ୍ରିଟିଶ ସରକାରଙ୍କୁ ଚିଠି ଲେଖିଥିଲେ " ଖୋର୍ଦ୍ଧାର ମହାରାଜା ରାମଚନ୍ଦ୍ର ଦେବଙ୍କୁ ଅବସ୍ଥାପିତ କର, ସବୁ ସମସ୍ୟାର ସମାଧାନ ହୋଇଯିବ "। କଟକ କଲେକ୍ଟର ଟୋୟେର ସମାନ ଭାବେ ଉଲ୍ଲେଖ କରିଥିଲେ " ପୁରୁଷୋତ୍ତମ କ୍ଷେତ୍ରରେ ବ୍ରିଟିଶର ସମସ୍ତ ହସ୍ତକ୍ଷେପକୁ ବନ୍ଦ କରିବା ଲକ୍ଷ୍ୟରେ ବିଦ୍ରୋହ ଏକ ଧର୍ମଯୁଦ୍ଧ ଥିଲା । ଏହି ଦୃଷ୍ଟିରୁ ବିଚାର କଲେ ପାଇକ ବିଦ୍ରୋହ ମୌଳିକ ଭାବେ ଏକ ସ୍ୱାଧୀନତା ଆନ୍ଦୋଳନ ।

# ନାଗରିକ ସେବାକୁ ଅଧିକ କ୍ରିୟାଶୀଳ କରିବା ଆମର ଧର୍ମ



**ଭୁବନେଶ୍ୱର:** ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ କୃଷିଶିକ୍ଷା ସଦନ, ଓୟୁଏଟିଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟର ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ନାଗରିକ ସେବାକୁ ଅଧିକ କ୍ରିୟାଶୀଳ, ସୁଗମ ଓ ପାରଦର୍ଶୀ କରିବା ପାଇଁ ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ ଏବଂ ଶିଳାନ୍ୟାସ କଲି । ସହରଗୁଡ଼ିକୁ କେବଳ ଜନବସତି ନୁହେଁ, ବରଂ ଆମ ରାଜ୍ୟର ଆର୍ଥିକ ପ୍ରଗତି, ନିଯୁକ୍ତି ଓ ନବସୃଜନର ଶକ୍ତିଶାଳୀ ଇଞ୍ଜିନ୍ ଭାବେ ଗଢ଼ିତୋଳି 'ସମୃଦ୍ଧ ଓଡ଼ିଶା' ସଂକଳ୍ପକୁ ସାକାର କରିବା ପାଇଁ ସମସ୍ତ ପୌର ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ନାଗରିକମାନଙ୍କୁ ଆହ୍ୱାନ ଜଣାଇଛି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ୬୨ଟି ପୌରାଞ୍ଚଳ ପାଇଁ ୫୯୩ଟି ପ୍ରକଳ୍ପ, ୧୧୫ଟି ପୌରସଂସ୍ଥାରେ "OSWAN Video Conferencing ସୁବିଧା', ନବଗଠିତ ୨୮ଟି ଘଇଉରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୫୬୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା, 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା–ବନ୍ଧୁ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବା ସହ ଓଡ଼ିଶା ଅର୍ବାନ୍ ଏକାଡେମୀ, ଉଜଟଞ୍ଜ, ଓଝଇ ଓ ଘଓଟଇ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏତଦ୍ବ୍ୟତୀତ ନାଗରିକ ସେବାରେ ସମର୍ପିତ ସ୍ୱଚ୍ଛସାଥୀ, ଜଳସାଥୀ, ପରିମଳ କର୍ମୀ, ସହଯୋଗ ସହାୟକ, ଉଜଟଞ୍ଜ କର୍ମଚାରୀ ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥିବା ପୌରସଂସ୍ଥାଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଛି । ଆସନ୍ତୁ, ଦୃଢ଼ ସଂକଳ୍ପ ଓ ମିଳିତ ପ୍ରଚେଷ୍ଟା ବଳରେ ଆମ ସହରଗୁଡ଼ିକୁ ଅଧିକ ସ୍ୱଚ୍ଛ, ସୁନ୍ଦର, ସୁରକ୍ଷିତ ଓ ସମୃଦ୍ଧ କରି ବିକଶିତ ଓଡ଼ିଶାର ନୂତନ ଗାଥା ରଚନା କରିବା ।



*ସ୍ୱାୟତ୍ତ ଶାସନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ସମାରୋହରେ ମାନ୍ୟବର ଅବକାରୀ, ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ, ମାନ୍ୟବର ବିଧାୟକ, ଏକାମ୍ର, ମାନନୀୟା ମେୟର, ମାନନୀୟା ଡେପୁଟି ମେୟର, ବିଏମ୍‌ସି କମିଶନର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ଅତିରିକ୍ତ କମିଶନରଙ୍କ ସମେତ ବହୁ କର୍ପୋରେଟର, ବରିଷ୍ଠ ନାଗରିକ, ବିଏମ୍‌ସି ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଛାତ୍ରଛାତ୍ରୀ ଓ ନାଗରିକମାନେ ଯୋଗଦେଇଥିଲେ । ଏହି ଅବସରରେ ଭୁବନେଶ୍ୱରକୁ ଆଗାମୀ ୫୦ ବର୍ଷ ପାଇଁ ଏକ ଉନ୍ନତ, ସୁନ୍ଦର ଓ ବାସୋପଯୋଗୀ ସହର ଭାବେ ଗଢ଼ି ତୋଳିବା ନେଇ ବିଭିନ୍ନ ଯୋଜନା, ବିଭାଗୀୟ ସମନ୍ୱୟ ଓ ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୟା ୱେଷ୍ଟ କେନାଲ ଓ ଗଗୁଆ ଭଳି ଜଳପ୍ରବାହୀ ଭିତ୍ତିଭୂମିର ସୁରକ୍ଷା ଓ ପୁନରୁଦ୍ଧାର ପାଇଁ ମଧ୍ୟ ଆହ୍ୱାନ ଦିଆଯାଇଥିଲା । ଜନସହଯୋଗ ଓ ସାମୂହିକ ପ୍ରୟାସରେ ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଦେଶରେ ୯ମ ସ୍ଥାନ ଅଧିକାର କରିଥିବା ବେଳେ, ଆଗାମୀ ଦିନରେ ଶୀର୍ଷ ୩ ମଧ୍ୟରେ ସ୍ଥାନ ପାଇବା ପାଇଁ ନାଗରିକ ସହଯୋଗ କାମନା କରାଯାଇଥିଲା । ଏହି ଅବସରରେ ବିଏମ୍‌ସିର ବାର୍ଷିକ ମୁଖପତ୍ର 'ଆହ୍ୱାନ' ଏବଂ 'ୱର୍କ ସ୍କିଲ୍ ୪.୦' ଉନ୍ମୋଚିତ ହୋଇଥିଲା*





*ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଦିବସ ବ୍ୟାପି ଥିବା କାର୍ଯ୍ୟକ୍ରମରେ ପତାକା ଉତ୍ତୋଳନ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଭିତ୍ତି ପ୍ରସ୍ତର ସ୍ଥାପନ, ସାଧାରଣ ସଭା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ସାଢେ ୭ଟାରେ ମାନନୀୟା ମେୟର ଓ କମିଶନରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ଜାତୀୟ ଗୀତ ଓ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଷ୍ଟାଣ୍ଡିଂ କମିଟିର ସମସ୍ତ ଅଧ୍ୟକ୍ଷା, ଅଧ୍ୟକ୍ଷ, ସମସ୍ତ କର୍ପୋରେଟର, ବିଏମ୍ ସି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।*

# ସହର ବିକାଶରେ ନୂଆ ଦିଗ ଆଣିବ 'ଲୋକଙ୍କ ସରକାର'

## ଶହୀଦ ଭବନରେ ପାଳିତ ହେଲା ସ୍ୱାୟତ୍ତ ଶାସନ ଦିବସ-୨୦୨୬

**କଟକ:** କଟକ ମହାନଗର ନିଗମ ପକ୍ଷରୁ ଶହୀଦ ଭବନରେ 'ସ୍ୱାୟତ୍ତ ଶାସନ ଦିବସ-୨୦୨୬' ପାଳନ କରାଯାଇଛି । କାର୍ଯ୍ୟକ୍ରମରେ କ୍ୟାବିନେଟ୍ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ଶ୍ରୀ ଦେବାଶିଷ ସାମନ୍ତରାୟ, କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର-କଟକ ବିଧାୟକ ଶ୍ରୀ ସୌଭିକ୍ ବିଶ୍ୱାଳ, କେଏମସି ମେୟର ଶ୍ରୀ ସୁବାସ ସିଂ ଓ କମିଶନର ସୁଶ୍ରୀ କିରନଦୀପ ସହୋତାଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ସମାରୋହରେ ସହରାଞ୍ଚଳର ଭିତ୍ତିଭୂମି ବିକାଶ ଓ ନାଗରିକ ସେବାକୁ ଆହୁରି ସହଜ, ଦ୍ରୁତ ଓ ପାରଦର୍ଶୀ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ 'ଲୋକଙ୍କ ସରକାର' ନେଉଥିବା ବିଭିନ୍ନ ଜନକଲ୍ୟାଣମୂଳକ ପଦକ୍ଷେପ ନେଇ ମଧ୍ୟ ଆଲୋଚନା ହୋଇଥିଲା ।



ବକ୍ତାମାନେ କହିଥିଲେ, ଆଧୁନିକ ଓଡ଼ିଶା ଗଢ଼ିବାରେ ସହରାଞ୍ଚଳର ବିକାଶର ଭୂମିକା ବହୁତ ବଡ଼ । ସହରଗୁଡ଼ିକୁ କେବଳ ଲୋକେ ରହୁଥିବା ସ୍ଥାନ ଭାବେ ନୁହେଁ, ଆର୍ଥିକ ବିକାଶ, ନିଯୁକ୍ତି ଓ ନୂଆ ଚିନ୍ତାଧାରାର କେନ୍ଦ୍ର ଭାବେ ଗଢ଼ିବା ଦରକାର । ଏଥିପାଇଁ ଭଲ ରାସ୍ତାଘାଟ, ପାନୀୟଜଳ, ପରିମଳ, ନିଷ୍କାସନ ବ୍ୟବସ୍ଥା ଓ ଡିଜିଟାଲ ନାଗରିକ ସେବାକୁ ଆହୁରି ଭଲ କରିବା ଉପରେ ମତ ଦିଆଯାଇଥିଲା । 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ ପୂରଣ ପାଇଁ ପୌର ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ସାଧାରଣ ଲୋକଙ୍କ ମିଳିତ ସହଯୋଗ ଦରକାର ବୋଲି କୁହାଯାଇଥିଲା । ଲୋକଙ୍କ ଆଶା ଓ ଆବଶ୍ୟକତାକୁ ଆଗରେ ରଖି ସହରର ସାମଗ୍ରିକ ବିକାଶ ପାଇଁ ଏକାଠି ଆଗେଇବାକୁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଥିଲା ।

## ହାଁସଦାଙ୍କ କଂଗ୍ରେସରେ ଯୋଗଦାନ ଅୟମାରମ୍ଭ ମାତ୍ର, ଆଗକୁ ଜାଗରଣ ସୃଷ୍ଟି ହେବ

# ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦାଙ୍କ କଂଗ୍ରେସରେ ଯୋଗଦାନ



**ଭୁବନେଶ୍ୱର:** ୩୧ ଅଗଷ୍ଟରେ କଂଗ୍ରେସ ଭବନରେ ଆୟୋଜିତ ଏକ ମହା ମିଶ୍ରଣ ପର୍ବରେ ମୟୂରଭଞ୍ଜର ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ଏବଂ ତାଙ୍କ ଶତାଧିକ ସମର୍ଥକ ଓପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ବିଧିବଦ୍ଧ ଯୋଗଦାନ କରିଥିଲେ । ମିଶ୍ରଣ ପର୍ବରେ ଓପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ କଂଗ୍ରେସକୁ ଶ୍ରୀ ରାମଚନ୍ଦ୍ର ହାଁସଦାଙ୍କୁ ସ୍ୱାଗତ କରିଥିଲେ । ସ୍ୱାଗତ ପରେ ଶ୍ରୀ ହାଁସଦା ତାଙ୍କ ଅଭିଭାଷଣରେ କହିଲେ, ମୟୂରଭଞ୍ଜର ଆଦିବାସୀ ଦଳିତଙ୍କ ପାଇଁ ଆଜି ପର୍ଯ୍ୟନ୍ତ ଲଢେଇ କରି ଆସିଛି ଓ ମାଟି ପାଇଁ ନେତା ଗଢିବା ଇଚ୍ଛା ଥିଲା । ୧୯୯୫ରେ ସୁଦାମ ମାରାଣ୍ଡିଙ୍କୁ ପଠାଇଥିଲୁ କିନ୍ତୁ ସେ ଆଦିବାସୀଙ୍କ ସ୍ୱର ବିଧାନସଭା କିମ୍ବା ଲୋକସଭାରେ ଉତ୍ତୋଳନ କରିପାରିଲେନି । ମୁଁ ବିରୋଧ କରିବାରୁ ଜେଏମଏମରୁ ମତେ ନିଲମ୍ବନ କରିଥିଲେ । ୨୦୦୦ ମସିହାର ମୁଁ କଂଗ୍ରେସରୁ ଲଢେଇ କରିବାକୁ ଚାହୁଁଥିଲି । ୨୦୦୪ରେ ସ୍ୱାଧୀନରେ ଲଢ଼ିଥିଲି । ସବୁବେଳେ କଂଗ୍ରେସ ପ୍ରତି ଆକର୍ଷଣ ଥିଲା । ବିଜେଡି ସମୟରେ ଉତ୍ତର ଓଡିଶା ପାଇଁ କିଛି କରାଯାଇ ନାହିଁ । କଂଗ୍ରେସ ହିଁ କେବଳ ମୟୁରଭଞ୍ଜ ଲୋକଙ୍କ ବିକାଶ କରିପାରିବ ଓ ସ୍ୱାଭିମାନ ରଖିବ । ଓପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ମୟୁରଭଞ୍ଜରେ କଂଗ୍ରେସ ବାନା ଉଡେଇବ । ଏହି ମିଶ୍ରଣ ପର୍ବକୁ ସମ୍ବୋଧିତ କରି ଏଆଇସିସି କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇ କହିଲେ, ଦେଶର ଆଦିବାସୀ ଦଳିତ ପଛୁଆ ଲୋକଙ୍କ ଅଧିକାର ପାଇଁ ଆମକୁ ଲଢ଼ିବାକୁ ପଡ଼ିବ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ନୂଆ ଅଭିଯାନ ଆରମ୍ଭ ହୋଇଯାଇଛି କ୍ଷ ଅସୁବିଧା ଆସିବ କିନ୍ତୁ କଂଗ୍ରେସ ସୈନିକ ଲଢ଼ିବେ । ରାଜ୍ୟରେ ଆଦିବାସୀଙ୍କ ସଂଖ୍ୟା ହିସାବରେ ଓଡ଼ିଶାରେ ତାଙ୍କୁ ତାଙ୍କ ଅଧିକାର ମିଳୁନି । ଓଡ଼ିଶାରରେ ଆଦିବାସୀ ରବର ଷ୍ଟାମ୍ପ ମୁଖ୍ୟମନ୍ତ୍ରୀ ବସାଯାଇଛି । ବିଜେପିର ଏହା ରାଜ୍ୟ ସମ୍ପଦ ଶୋଷଣ କରିବାର ଫର୍ମୁଲା । ଖଣି ସଂଶୋଧନ ଆଇନ ବିରୋଧରେ ଆଇନ ପାଇଁ ଲଢ଼ିବାକୁ ପଡ଼ିବ । ଆଜି ଏହା ଅୟମାରମ୍ଭ ମାତ୍ର ଆଗକୁ କଂଗେସକୁ ସମସ୍ତେ ଆସିବେ ଏବଂ ଏକ ଜାଗରଣ ସୃଷ୍ଟି ହେବ । ଆଜିର ମିଶ୍ରଣ ପର୍ବରେ ପୂର୍ବତନ ଓପିସିସି ସଭାପତି ଜୟଦେବ ଜେନା, ସୁରେଶ ରାଉତରାୟ, ଦେବାଶିଷ ପଟ୍ଟନାୟକ, ବିଧାୟକ ନୀଳମାଧ୍ୱ ହିକକା, ସିଦ୍ଧାର୍ଥ ଦାଶ, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ଭୁବନ ସାହୁ କଂଗ୍ରେସ ଦଳ ପକ୍ଷରୁ ଉପସ୍ଥିତ ଥିଲେ ।

# ମାଲକାନଗିରିରେ 'କୋରାପୁଟ କଫି'ର ମହକ, ସନ୍ଧ୍ୟାରେ ଜମୁଛି ଭିଡ଼

**ମାଲକାନଗିରି :** ମାଲକାନଗିରିରେ ଏବେ ମହକୁଛି 'କୋରାପୁଟ କଫି'ର ବାସ୍ନା । ଆଇଟିଡିଏ ପରିସରରେ ଖୋଲିଛି 'କୋରାପୁଟ କଫି କାଫେ' । ପ୍ରତିଦିନ ସନ୍ଧ୍ୟା ହେଲେ ଏଠାରେ ଜମୁଛି କଫିପ୍ରେମୀଙ୍କ ଭିଡ଼ । ଗରମାଗରମ କଫିର ମହକ ସାଙ୍ଗକୁ ଲୋକଙ୍କ ଗହଳିରେ ଚଳଚଞ୍ଚଳ ହୋଇଉଠୁଛି କାଫେ ପରିସର ।ଏହି କାଫେରେ କଫିପ୍ରେମୀଙ୍କ ପାଇଁ ରହିଛି ବିଭିନ୍ନ ସ୍ୱାଦର କଫି । କେବଳ କଫି ନୁହେଁ, ସ୍ୱାସ୍ଥ୍ୟକର ମିଲେଟ୍‌ରୁ ପ୍ରସ୍ତୁତ କୁକିଜ୍ ମଧ୍ୟ ଏଠାରେ ଉପଲବ୍ଧ । ତେଣୁ କଫିର ସ୍ୱାଦ ସହ ମିଲେଟ୍ କୁକିଜ୍‌ର ମଜା ନେବାକୁ ମଧ୍ୟ ଲୋକଙ୍କ ଆଗ୍ରହ ବଢ଼ୁଛି । ବିଶେଷ କଥା ହେଉଛି, ଏହି କାଫେ କେବଳ କଫିପ୍ରେମୀଙ୍କୁ ଆକର୍ଷିତ କରୁନାହିଁ, ବରଂ ଯୁବକଯୁବତୀଙ୍କ ପାଇଁ ରୋଜଗାରର ନୂଆ ବାଟ ମଧ୍ୟ ଖୋଲିଛି । ସ୍ୱତନ୍ତ୍ର ତାଲିମ ନେଇଥିବା ଯୁବକଯୁବତୀଙ୍କୁ ଏଠାରେ ନିଯୁକ୍ତି ମିଳିଛି । ତାଲିମପ୍ରାପ୍ତ ଯୁବପିଢ଼ି ନିଜ ଦକ୍ଷତାରେ କଫି ପ୍ରସ୍ତୁତ କରି ଗ୍ରାହକଙ୍କୁ ପରଷୁଛନ୍ତି । କୋରାପୁଟର କଫି ଏବେ କେବଳ କୋରାପୁଟରେ ସୀମିତ ନରହି ଅନ୍ୟ ଜିଲ୍ଲାରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରୁଛି । ମାଲକାନଗିରିରେ ଖୋଲିଥିବା ଏହି କାଫେ ଏହାର ଏକ ଉଦାହରଣ । ସନ୍ଧ୍ୟା ହେଲେ କାଫେରେ ଲାଗୁଛି ଭିଡ଼ । କେହି କଫିର ସ୍ୱାଦ ନେଉଛନ୍ତି, ଆଉ କେହି ମିଲେଟ୍ କୁକିଜ୍‌ର ମଜା ନେଉଛନ୍ତି । ଏଭଳି ଭାବେ 'କୋରାପୁଟ କଫି' ମାଲକାନଗିରିବାସୀଙ୍କ ସନ୍ଧ୍ୟାକୁ ଆହୁରି ସୁଆଦିଆ କରିବା ସହ ଯୁବକଯୁବତୀଙ୍କୁ ଦେଉଛି ନୂଆ ରୋଜଗାରର ସୁଯୋଗ ।




### ରାଷ୍ଟ୍ରପତିଙ୍କୁ ଭେଟିଲେ ଗଞ୍ଜାମର ୫ ସାଂସ୍କୃତିକ ଦଳର ୯୦ରୁ ଉର୍ଦ୍ଧ୍ୱ କଳାକାର

# ଗଞ୍ଜାମର ଲୋକକଳା ଓ ପରମ୍ପରାକୁ ରାଷ୍ଟ୍ରପତିଙ୍କ ଉଚ୍ଚ ପ୍ରଶଂସା

## 'ଯେଉଁ କାମ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତୁ'

ଛତ୍ରପୁର : ଗଞ୍ଜାମର ସମୃଦ୍ଧ ଲୋକକଳା, ସଂସ୍କୃତି ଓ ପାରମ୍ପରିକ ଐତିହ୍ୟର ପ୍ରତିନିଧିତ୍ୱ କରୁଥିବା ୯୦ରୁ ଉର୍ଦ୍ଧ୍ୱ ଲୋକକଳାକାର ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନ ପରିଦର୍ଶନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରି ଭାବ ବିନିମୟ କରିଛନ୍ତି । ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନେତୃତ୍ୱରେ ଜିଲ୍ଲାର ୫ଟି ପ୍ରମୁଖ ସାଂସ୍କୃତିକ ଦଳର କଳାକାରମାନେ ଦିଲ୍ଲୀ ଗସ୍ତ କରିଥିଲେ । ରାଷ୍ଟ୍ରପତି ଭବନରେ କଳାକାରମାନଙ୍କୁ ସ୍ୱାଗତ କରାଯିବା ପରେ ରାଷ୍ଟ୍ରପତି ସେମାନଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ନିକଟରେ ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ସମୟରେ ତପ୍ତପାଣିଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ସାଂସ୍କୃତିକ ସମାରୋହରେ ଗଞ୍ଜାମର ବିଭିନ୍ନ ଆଦିବାସୀ ଓ ଲୋକନୃତ୍ୟ ଦଳ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ । କଳାକାରମାନଙ୍କ ପାରମ୍ପରିକ ପ୍ରଦର୍ଶନରେ ଅଭିଭୂତ ହୋଇ ରାଷ୍ଟ୍ରପତି ସେମାନଙ୍କୁ ରାଷ୍ଟ୍ରପତି ଭବନ ପରିଦର୍ଶନ ପାଇଁ ଆମନ୍ତ୍ରଣ କରିଥିଲେ । ରାଷ୍ଟ୍ରପତିଙ୍କ ଆମନ୍ତ୍ରଣକ୍ରମେ ସାନଖେମୁଣ୍ଡି ବ୍ଲକ ସୁବର୍ଣ୍ଣଗଡ଼ର ମା' ଦଣ୍ଡକାଳୀ ଗ୍ରୁପ୍, ବ୍ରହ୍ମପୁରର ସଂରଚନା ଗ୍ରୁପ୍, ସୋରଡ଼ା ବ୍ଲକର ତୁଳସୀ ଗ୍ରୁପ୍, ସାନଖେମୁଣ୍ଡି ବ୍ଲକ କଟାପଲ୍ଲୀର ଗୌରାଙ୍ଗ ବାସୁଦେବ ନାମ ସଂକୀର୍ତ୍ତନ ମଣ୍ଡଳୀ ଏବଂ ଖେମୁଣ୍ଡିଖୋଲର ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର କଳାକାରମାନେ ଦିଲ୍ଲୀ ଯାଇଥିଲେ । କଳାକାରମାନଙ୍କ ସହ ଆଲୋଚନା ସମୟରେ ରାଷ୍ଟ୍ରପତି ସେମାନଙ୍କ ସୁଖଦୁଃଖ ପଚାରି ବୁଝିବା ସହ ପୂର୍ବପୁରୁଷଙ୍କଠାରୁ ମିଳିଥିବା ଅମୂଲ୍ୟ କଳା ଓ ସାଂସ୍କୃତିକ ପରମ୍ପରାର ସଂରକ୍ଷଣ, ଅଭ୍ୟାସ ଓ ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ । ଯୁବ କଳାକାରମାନେ ମନ ଦେଇ ପାଠ ପଢ଼ିବା ସହ ନିଜେ ଯେଉଁ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ସେଥିରେ ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ସେ ପରାମର୍ଶ ଦେଇଥିଲେ । ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହେବା ସହ ପରିବାରର ସୁନାମ ବୃଦ୍ଧି କରିବାକୁ ମଧ୍ୟ ସେ କହିଥିଲେ ।



ଏହି ଅବସରରେ ଗଞ୍ଜାମର ସୌରା ଜନଜାତିର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ମଧ୍ୟ ରାଷ୍ଟ୍ରପତି ପ୍ରଶଂସା କରିଥିଲେ । ରାଷ୍ଟ୍ରପତି ଭବନ ପରିଦର୍ଶନ ଓ ରାଷ୍ଟ୍ରପତିଙ୍କ ସହ ଅଧଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭାବ ବିନିମୟ କରିବାର ସୁଯୋଗ କଳାକାରମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଅନୁଭୂତି ପାଲଟିଛି । ଏଥିସହ ଦିଲ୍ଲୀର ବିଭିନ୍ନ ଐତିହାସିକ ଓ ଦର୍ଶନୀୟ ସ୍ଥାନ ପରିଦର୍ଶନର ସୁଯୋଗ ମିଳିଥିବାରୁ କଳାକାରମାନେ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଥିଲେ । ସୌର ପାରମ୍ପରିକ ସାଂସ୍କୃତିକ ନାଟ୍ୟ ସଂଘର ଜଗନ୍ନାଥ ନାୟକ ଏହି ଅନୁଭୂତିକୁ ଜୀବନର ଏକ ସ୍ମରଣୀୟ ଅଧ୍ୟାୟ ବୋଲି କହିଥିଲେ । କଳାକାରମାନଙ୍କ ସହ ଅତିରିକ୍ତ ଉପଜିଲ୍ଲାପାଳ, ଛତ୍ରପୁର ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟ, ମନୋଜ କୁମାର ପ୍ରଧାନଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ମଧ୍ୟ ଦିଲ୍ଲୀ ଗସ୍ତ କରିଥିଲେ ।



# ଜାତୀୟ ଆର୍ଥିକ ସାକ୍ଷରତା କୁଇଜରେ ଆଇଆଇଏମଟିର ସଫଳତା

**ଭୁବନେଶ୍ୱର:** ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱର, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସିକ୍ୟୁରିଟିଜ୍ ମାର୍କେଟ୍ସ (ଏନଆଇଏସଏମ) ଦ୍ୱାରା ପରିଚାଳିତ ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଆଇଆଇଏମଟି ଚେୟାରମ୍ୟାନ ଡ.ଶ୍ରୀକାନ୍ତ ପଟ୍ଟନାୟକ ଓ ନିର୍ଦ୍ଦେଶକ ପ୍ରଫେସର ଡ.ଜୟଦେବ କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସଫଳତା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆର୍ଥିକ ସଚେତନତା, ବିଶ୍ଲେଷଣାତ୍ମକ କ୍ଷମତା ଏବଂ ପ୍ରତିଯୋଗିତାମୂଳକ ଉତ୍କର୍ଷତା ବିକାଶ ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ର ରାଉଣ୍ଡ-୧ ରେ, ପୂର୍ବାଞ୍ଚଳରୁ ମୋଟ ୬୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଯେଉଁମାନଙ୍କ ମଧ୍ୟରେ ଆଇଆଇଏମଟି ଭୁବନେଶ୍ୱରର ଚାରି ଜଣ ଛାତ୍ର କଲେଜ ବିଜେତା ଭାବରେ ଉଭା ହୋଇଥିଲେ । ସଫଳ ଛାତ୍ରଙ୍କ ମଧ୍ୟରେ ୨ଜଣ ଏମବିଏ ଛାତ୍ର, ଅନୁଭବ ପ୍ରଧାନ ଏବଂ ସତ୍ୟବ୍ରତ ତ୍ରିପାଠି ଏବଂ ଦୁଇଜଣ ଏମସିଏ ଛାତ୍ର, ଜଳଧାର ମହନ୍ତ ଏବଂ ସର୍ବେଶ୍ୱର ବାରିକ ଅନ୍ତର୍ଭୁକ୍ତ ଥିଲେ । ରାଉଣ୍ଡ-୧ରେ ସଫଳତା ପରେ, ମନୋନୀତ ଛାତ୍ରଛାତ୍ରୀମାନେ ଷ୍ଟେଜ୍ ରାଉଣ୍ଡ କୁଇଜ୍‌ରେ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ୨୪ଟି କଲେଜକୁ ପରବର୍ତ୍ତୀ ସ୍ତରର ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା ଯାହା ୨୩ ଅଗଷ୍ଟ, ୨୦୨୬ରେ ପଶ୍ଚିମବଙ୍ଗର କୋଲକାତାରେ ଅନୁଷ୍ଠିତ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ସହିତ କଲେଜର ପରାମର୍ଶଦାତା ପି. ସାଇ ଶୁଭମ, ସହାୟକ ପ୍ରଫେସର, ଏମବିଏ ବିଭାଗ ଏବଂ ଦିଲୀପ ବେହେରା, ସହାୟକ ପ୍ରଫେସର, ଏମସିଏ ବିଭାଗ ମଧ୍ୟ ଉପସ୍ଥିତ ଥିଲେ । ଅସାଧାରଣ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରି ଛାତ୍ର ଅନୁଭବ ପ୍ରଧାନ ଏବଂ ସତ୍ୟବ୍ରତ ତ୍ରିପାଠି ସେମାନଙ୍କ ଷ୍ଟେଜ୍ ରାଉଣ୍ଡ ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ସେମାନଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ସେମାନଙ୍କୁ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ସ୍ଥାନ ଦେଇଛି, ଯାହା ଏନଆଇଏସଏମ ପାତାଳଗଙ୍ଗା କ୍ୟାମ୍ପସ୍, ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଯାଉଛି । ଜାତୀୟ ସ୍ତରରେ ସେମାନଙ୍କର ଚୟନ ଆଇଆଇଏମଟି ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆର୍ଥିକ ସାକ୍ଷରତା ଏବଂ ସିକ୍ୟୁରିଟିଜ୍-ବଜାର ସଚେତନତା କ୍ଷେତ୍ରରେ ଏହାର ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ଏବଂ ସମ୍ଭାବନାକୁ ପ୍ରଦର୍ଶନ କରୁଛି । ଏହି ସଫଳତାକୁ ଆଇଆଇଏମଟି ଭୁବନେଶ୍ୱରର ପରିଚାଳନା, ଅଧ୍ୟାପକ ଏବଂ ଛାତ୍ରମାନେ ଉଚ୍ଚ ପ୍ରଶଂସା କରିଥିଲେ । ଅନୁଷ୍ଠାନ ଅନୁଭବ ପ୍ରଧାନ, ସତ୍ୟବ୍ରତ ତ୍ରିପାଠୀ, ଜଳଧାର ମହନ୍ତ ଏବଂ ସର୍ବେଶ୍ୱର ବାରିକଙ୍କୁ ସେମାନଙ୍କର ପ୍ରଶଂସନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇଛି ଏବଂ ଆଗାମୀ ଜାତୀୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅନୁଭବ ଏବଂ ସତ୍ୟବ୍ରତଙ୍କ ସଫଳତା କାମନା କରିଛି । ଜାତୀୟ ଆର୍ଥିକ ସାକ୍ଷରତା କୁଇଜ୍ ୨୦୨୬ ରେ ଆଇଆଇଏମଟି ଛାତ୍ରମାନଙ୍କ ସଫଳତା ଅନୁଷ୍ଠାନର ବ୍ୟବହାରିକ ଶିକ୍ଷା, ଆର୍ଥିକ ସଚେତନତା, ପ୍ରତିଯୋଗିତାମୂଳକ ଅଂଶଗ୍ରହଣ ଏବଂ ସାମଗ୍ରିକ ଛାତ୍ର ବିକାଶ ଉପରେ ଗୁରୁତ୍ୱର ପ୍ରମାଣ ସ୍ୱରୂପ ।



# ମହାଭାରତର ଅଜଣା ରହସ୍ୟ



ମହାଭାରତ... ଭାରତୀୟ ଇତିହାସ ଓ ପୁରାଣର ଏକ ଅମର ଗାଥା । କୁରୁକ୍ଷେତ୍ର ଯୁଦ୍ଧ, ପାଣ୍ଡବ-କୌରବଙ୍କ ସଂଘର୍ଷ ଏବଂ ଶ୍ରୀକୃଷ୍ଣଙ୍କ ଉପଦେଶ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି । କିନ୍ତୁ ମହାଭାରତରେ ଏମିତି ଅନେକ ଘଟଣା ଓ ରହସ୍ୟ ରହିଛି, ଯାହା ହୁଏତ ଅନେକଙ୍କୁ ଜଣାନାହିଁ । ମହାଭାରତର ଏକ ରୋଚକ ପ୍ରସଙ୍ଗ ହେଉଛି ବିଦୁରଙ୍କ ଜନ୍ମ । ବିଚିତ୍ରବୀର୍ଯ୍ୟଙ୍କ ମୃତ୍ୟୁ ପରେ କୁରୁବଂଶର ବଂଶଧର ରକ୍ଷା ପାଇଁ ବ୍ୟାସଦେବଙ୍କୁ ନିୟୋଜିତ କରାଯାଇଥିଲା । ଅମ୍ବିକା ଓ ଅମ୍ବାଳିକାଙ୍କ ସହ ଘଟିଥିବା ଘଟଣାରୁ ଧୃତରାଷ୍ଟ୍ର ଓ ପାଣ୍ଡୁଙ୍କ ଜନ୍ମ ହୋଇଥିବା ବେଳେ, ଜଣେ ଦାସୀଙ୍କଠାରୁ ବିଦୁରଙ୍କ ଜନ୍ମ ହୋଇଥିବା ବର୍ଣ୍ଣନା ମିଳେ । ବିଦୁର ପରେ କୌରବ ଦରବାରରେ ଜଣେ ଅତ୍ୟନ୍ତ ବୁଦ୍ଧିମାନ ଓ ନୀତିବାନ ବ୍ୟକ୍ତି ଭାବେ ପରିଚିତ ହୋଇଥିଲେ। ତାଙ୍କର ନୀତି ଓ ଦୂରଦୃଷ୍ଟି ପାଇଁ ସେ ମହାଭାରତର ଜଣେ ପ୍ରମୁଖ ଚରିତ୍ର ହୋଇଥିଲେ। ସେହିପରି ଶିଶୁପାଳଙ୍କ ଜୀବନ ସହ ମଧ୍ୟ ଜଡ଼ିତ ରହିଛି ଏକ ରୋଚକ କାହାଣୀ। ଶିଶୁପାଳଙ୍କ ଜନ୍ମ ସମୟରେ ତାଙ୍କ ଶରୀରରେ ଅସାଧାରଣ ଲକ୍ଷଣ ଥିବା କଥା ପୁରାଣରେ ବର୍ଣ୍ଣିତ ହୋଇଛି।

ପରେ ଶ୍ରୀକୃଷ୍ଣଙ୍କ ସହ ତାଙ୍କର ଶତ୍ରୁତା ଚରମ ସୀମାରେ ପହଞ୍ଚିଥିଲା ଏବଂ ରାଜସୂୟ ଯଜ୍ଞ ସମୟରେ ଶ୍ରୀକୃଷ୍ଣଙ୍କ ହାତରେ ଶିଶୁପାଳଙ୍କ ଅନ୍ତ ହୋଇଥିଲା। ଏପଟେ ଦୁର୍ଯ୍ୟୋଧନଙ୍କ ଜନ୍ମକୁ ନେଇ ମଧ୍ୟ ମହାଭାରତରେ ଅନେକ ରୋଚକ ବର୍ଣ୍ଣନା ରହିଛି। ଗାନ୍ଧାରୀଙ୍କ ଗର୍ଭରୁ ଏକ ମାଂସପିଣ୍ଡ ବାହାରିଥିଲା। ବ୍ୟାସଦେବଙ୍କ ନିର୍ଦ୍ଦେଶରେ ତାହାକୁ ଖଣ୍ଡ ଖଣ୍ଡ କରି ଶହେଟି ପାତ୍ରରେ ରଖାଯାଇଥିଲା। ଏଥିରୁ ଦୁର୍ଯ୍ୟୋଧନଙ୍କ ସମେତ ଶହେ କୌରବଙ୍କ ଜନ୍ମ ହୋଇଥିବା କଥା ମହାଭାରତରେ ଉଲ୍ଲେଖ ରହିଛି। ମହାଭାରତର ଆଉ ଏକ ରୋଚକ ପାତ୍ର ହେଉଛନ୍ତି ବଜ୍ର। ଯୁଦ୍ଧ ପରେ ମଧ୍ୟ ଯାଦବ ବଂଶ ସହ ଜଡ଼ିତ ବଜ୍ରଙ୍କ କାହାଣୀ ମିଳିଥାଏ। ତାଙ୍କ ଶରୀର ବଜ୍ର ପରି ଶକ୍ତିଶାଳୀ ଥିବା ନେଇ ମଧ୍ୟ ବିଭିନ୍ନ ପୌରାଣିକ ବର୍ଣ୍ଣନା ରହିଛି। ତେବେ ମହାଭାରତର ଏହି ସମସ୍ତ କାହାଣୀ ଓ ଘଟଣା ପୁରାଣ ଏବଂ ପ୍ରାଚୀନ ଧାର୍ମିକ ଗ୍ରନ୍ଥରେ ମିଳୁଥିବା ବର୍ଣ୍ଣନା ଉପରେ ଆଧାରିତ। ଏହାର ଅନେକ ପ୍ରସଙ୍ଗ ଆଜି ବି ଗବେଷଣା ଓ ଆଲୋଚନାର ବିଷୟ ହୋଇରହିଛି। ମହାଭାରତ ଯେତେ ପଢ଼ିଲେ, ସେତେ ନୂଆ କାହାଣୀ ଓ ରହସ୍ୟ ସାମ୍ନାକୁ ଆସେ। ଏହି କାରଣରୁ ହଜାର ହଜାର ବର୍ଷ ପରେ ମଧ୍ୟ ମହାଭାରତ ଭାରତୀୟ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି।




# ଦେଶର ପ୍ରଥମ କିନ୍ନର ଡାକ୍ତର

ଆମେ ଯେତେ ଆଧୁନିକ ହେବାର ଡିଣ୍ଡିମ ପିଟିଲେ ମଧ, ସମାଜରେ ଆଜି ବି କିନ୍ନରଙ୍କୁ ନେଇ ଅନେକଙ୍କ ମାନସିକତା ବଦଳିନାହିଁ । କିନ୍ତୁ ଯେତେବେଳେ ଜଣେ ଟ୍ରାନ୍ସଜେଣ୍ଡର ଦୃଢ଼ ଇଚ୍ଛାଶକ୍ତି ବଳରେ ଡାକ୍ତର ହୋଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରନ୍ତି, ସେତେବେଳେ ତାଙ୍କର କାହାଣୀ ଲୋକଙ୍କ ଆଖି ଖୋଲିଦିଏ । ଏମିତି କିଛି କାହାଣୀ ଏବେ କେବିସି ସିଜନ୍-୧୮ରୁ ଚର୍ଚ୍ଚାକୁ ଆସିଛି । ଦେଶର ପ୍ରଥମ ଟ୍ରାନ୍ସଜେଣ୍ଡର ଡାକ୍ତର ପ୍ରାଚୀ ରାଠୋଡ଼ଙ୍କ କାହାଣୀ ଶୁଣିଲେ ଆପଣ ବି ଭାବବିହ୍ୱଳ ହୋଇଯିବେ । ବିଗ୍ ବି ଅମିତାଭ ବଚ୍ଚନଙ୍କ ସାମ୍ନାରେ ପ୍ରାଚୀ ନିଜ ଜୀବନର ଯେଉଁ ଯନ୍ତ୍ରଣାଦାୟକ କଥା ବଖାଣିଛନ୍ତି, ତାହା ଆମ ତଥାକଥିତ ଶିକ୍ଷିତ ସମାଜର ଅସଲ ଚେହେରାକୁ ପଦାରେ ପକାଇ ଦେଇଛି ।

ସଫଳତା ପାଇବା ପାଇଁ ଜଣେ ସାଧାରଣ ମଣିଷକୁ କେବଳ ପରିଶ୍ରମ କରିବାକୁ ପଡ଼େ । କିନ୍ତୁ ପ୍ରାଚୀଙ୍କୁ ପରିଶ୍ରମ ସହ ସମାଜର ତାଚ୍ଛଲ୍ୟ, ଘୃଣା ଓ ବୈଷମ୍ୟର ମଧ୍ୟ ସାମ୍ନା କରିବାକୁ ପଡ଼ିଥିଲା। କେବିସି ମଞ୍ଚରେ ଅମିତାଭ ବଚ୍ଚନ ଯେତେବେଳେ ତାଙ୍କୁ ତାଙ୍କର ଲିଙ୍ଗ ପରିବର୍ତ୍ତନର ଯାତ୍ରା ବିଷୟରେ ପଚାରିଥିଲେ, ସେତେବେଳେ ପ୍ରାଚୀଙ୍କ ଉତ୍ତର ସମସ୍ତଙ୍କ ଆଖିରେ ଲୁହ ଆଣିଦେଇଥିଲା । କାରଣ ଯେବେ ନିଜ ପରିବାର ତାଙ୍କୁ ପର କରିଦେଲା ସେତେବେଳେ ହାଇଦ୍ରାବାଦର ଟ୍ରାନ୍ସଜେଣ୍ଡର କମ୍ୟୁନିଟି ତାଙ୍କ ହାତ ଧରିଥିଲେ । ହାଇଦ୍ରାବାଦରେ ଥିବା ୬ଟି କିନ୍ନର 'ହବେଲି' ମଧ୍ୟରୁ ସବୁଠାରୁ ବଡ଼ ହବେଲିର ଝିଅ ଭାବେ ସେ ନିଜକୁ ଗର୍ବର ସହ ପରିଚିତ କରାଇଛନ୍ତି। ଏହି ସମ୍ପ୍ରଦାୟ ହିଁ ତାଙ୍କୁ ବଞ୍ଚିବାର ନୂଆ ରାସ୍ତା ଦେଖାଇଲା । ବାପାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ସେ ପାଠ ପଢ଼ିଲେ ଆଉ ଅକ୍ଳାନ୍ତ ପରିଶ୍ରମ କରି ମେଡିକାଲ୍ ପ୍ରଫେସନରେ ପାଦ ଥାପିଲେ ।

କିନ୍ତୁ କୁହନ୍ତି ନା ଭଗବାନ ଭଲ ଲୋକଙ୍କର ପରୀକ୍ଷା ଅଧିକ ନିଏ । ଡାକ୍ତର ହେବା ପରେ ବି ତାଙ୍କ ଜୀବନର ସଂଘର୍ଷ ସରିନଥିଲା । ଆମ ସମାଜର କଳା ମୁଖା ଖୋଲିଛନ୍ତି ପ୍ରାଚୀ । ସେ କହିଛନ୍ତି, ମୁଁ ଚାକିରି ପାଇବା ପାଇଁ ବହୁତ ଚେଷ୍ଟା କଲି । ଅନେକ ଡାକ୍ତରଖାନାରେ ଇଣ୍ଟରଭ୍ୟୁ ଦେଲି, ରିଜ୍ୟୁମେ ପଠାଇଲି । କିନ୍ତୁ ଶିକ୍ଷାଗତ ଯୋଗ୍ୟତା ଥିବା ସତ୍ତ୍ୱେ କେବଳ ମୋର ଲିଙ୍ଗଗତ ପରିଚୟ ପାଇଁ ମୋତେ ଚାକିରି ଦେବାକୁ ମନା କରିଦେଲେ । ସମାଜ ମୋତେ ଡାକ୍ତର ଭାବେ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲା ।

ପ୍ରାଚୀଙ୍କ ଅଙ୍ଗେନିଭା କଥା ଶୁଣି ଅମିତାଭଙ୍କ ଆଖି ମଧ ଓଦା ଓଦା ହୋଇଯାଇଥିଲା । ଜଣେ କିନ୍ନର ହୋଇ ବି ତାଙ୍କ ଅଦମ୍ୟ ସାହସ ଓ ଦୃଢ଼ ମନୋବଳକୁ ବିଗ୍ ବି' ସଲାମ କରିଥିଲେ । କହିଥିଲେ, ଏତେ ସବୁ ପ୍ରତିବନ୍ଧକ ସତ୍ତ୍ୱେ ହାର୍ ନମାନି ନିଜ ଲକ୍ଷ୍ୟ ପଥରେ ଆଗେଇଥିବା ପ୍ରାଚୀ ଆଜି ସମାଜ ପାଇଁ ଜ୍ୱଳନ୍ତ ଉଦାହରଣ । ହଁ ଯେଉଁମାନେ ଜୀବନର ଛୋଟ ଛୋଟ ସମସ୍ୟାରେ ଭାଙ୍ଗି ପଡ଼ନ୍ତି, ସେମାନଙ୍କ ପାଇଁ ପ୍ରାଚୀ ଗୋଟେ ପ୍ରେରଣା ।

# ୨୦ ବର୍ଷର ଚାକିରି, ୨୫ ଥର ଟ୍ରାନ୍ସଫର୍



**ମୁମ୍ବାଇ :** ୨୦ ବର୍ଷର ଚାକିରିରେ ୨୫ ଥର ହେଲାଣି ବଦଳି, ଅନେକଥର ଦିଆ ଗଲାଣି ଜୀବନରୁ ମାରିଦେବାକୁ ଧମକ ତଥାପି ନିଡ଼ର ହୋଇ ନିଜର କାମ ଜାରି ରଖିଛନ୍ତି ମହାରାଷ୍ଟ୍ରର ଏହି ସିଙ୍ଘମ୍ ଅଫିସର୍। ଯାହାଙ୍କୁ ବର୍ତ୍ତମାନ ସାରା ଦୁନିଆ ଆଇଏଏସ୍ ତୁକାରାମ ମୁଣ୍ଡେ ନାଁରେ ଜାଣେ। ମହାରାଷ୍ଟ୍ର ପ୍ରାଶାସନିକ କରିଡରରେ ଏବେ ମୁଣ୍ଡେଙ୍କ ନାଁ ସବୁଠୁ ଅଧିକ ଚର୍ଚ୍ଚାରେ ଅଛି । ଆଉ ଏହାର କାରଣ ହେଉଛି ନିଜର କଠୋର କାର୍ଯ୍ୟଶୈଳୀ ଏବଂ ଦାୟିତ୍ୱବୋଧ ପାଇଁ ସର୍ବଦା ପରିଚିତ ତୁକାରାମ ବର୍ତ୍ତମାନ ରାଜ୍ୟର ଖାଦ୍ୟ ଏବଂ ଔଷଧ ପ୍ରଶାସନ ଅର୍ଥାତ୍ ଏଫଡିଏ କମିଶନର ଭାବେ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କର ଏହି କାର୍ଯ୍ୟକାଳ ମଧ୍ୟରେ ସେ ମୁମ୍ବାଇରୁ ଆରମ୍ଭ କରି ସମଗ୍ର ରାଜ୍ୟରେ ଏଭଳି କିଛି କଡ଼ା ପଦକ୍ଷେପ ନେଇଛନ୍ତି ଯାହାକି ବଡ଼ ବଡ଼ ବ୍ରାଣ୍ଡ ଏବଂ କମ୍ପାନିଗୁଡ଼ିକର ନିଦ ହଜାଇ ଦେଇଛି କହିଲେ କିଛି ଭୁଲ୍ ହେବନି। କ୍ଷୀରଠାରୁ ଆରମ୍ଭ କରି ପନିର୍ ଏବଂ ରେସ୍ତୋରାଁରୁ ଖାଦ୍ୟ ପଦାର୍ଥ ଜବତ କରି ପୂରା ମୁମ୍ବାଇର ଖାଦ୍ୟ ବ୍ୟବସ୍ଥାକୁ ସୁଧାରୁଛନ୍ତି ଏହି ଆଇଏଏସ୍ ଅଫିସର ।

ତେବେ ରେସ୍ତୋରାଁ ପରେ ଏବେ ତୁକାରାମଙ୍କ ନେତୃତ୍ୱରେ ଏଫଡିଏ ଟିମ୍ କ୍ୱିକ୍-କମର୍ସ ପ୍ଲାଟଫର୍ମ 'ବ୍ଲିଙ୍କିଟ୍' ର ମୁମ୍ବାଇସ୍ଥିତ ଏକ ଡାର୍କ ଷ୍ଟୋର ଉପରେ ଚଡ଼ାଉ କରିଛି। ମଲାଡ ପଶ୍ଚିମ ଅଞ୍ଚଳରେ ଥିବା ଏହି ଷ୍ଟୋରରେ ବ୍ୟାପକ ଅନିୟମିତତା, ସ୍ୱଚ୍ଛତାର ଅଭାବ ଏବଂ ଖାଦ୍ୟ ସାମଗ୍ରୀରେ ଅସ୍ୱଚ୍ଛ ଅବସ୍ଥା ଦେଖିବାକୁ ମିଳିବା ପରେ ତତକ୍ଷଣାତ୍ ଏହାର ଖାଦ୍ୟ ଲାଇସେନ୍ସକୁ ସସପେଣ୍ଡ୍ କରାଯାଇଛି। କେବଳ ବ୍ଲିଙ୍କିଟ୍ ନୁହେଁ ଅନ୍ୟାନ୍ୟ ନାମୀଦାମୀ ରେଷ୍ଟୁରାଣ୍ଟ, ଡେରି ଏବଂ ହୋଟେଲଗୁଡ଼ିକ ଉପରେ ମଧ୍ୟ ତାଙ୍କର ଏହି କାର୍ଯ୍ୟାନୁଷ୍ଠାନ ଜାରି ରହିଛି।

୨୦୦୫ ବ୍ୟାଚର ଏହି ଆଇଏଏସ୍ ଅଧିକାରୀ ତାଙ୍କର ୨୦ ବର୍ଷର କ୍ୟାରିୟର ଭିତରେ ପାଖାପାଖି ୨୫ ଥର ବଦଳିର ସମ୍ମୁଖୀନ ହୋଇଛନ୍ତି, ଯାହା ପ୍ରମାଣ କରେ ଯେ ସେ କୌଣସି ପରିସ୍ଥିତିରେ ମଧ୍ୟ ସାଲିସ୍ କରନ୍ତି ନାହିଁ। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟକ୍ତି କିମ୍ବା ପ୍ରତିଷ୍ଠାନ ପ୍ରତି ସେ କୌଣସି ପ୍ରକାରର କୋହଳ ମନୋଭାବ ରଖୁନାହାନ୍ତି । ସାଧାରଣ ଜନତାଙ୍କ ପାଇଁ ତାଙ୍କ କାର୍ଯ୍ୟାଳୟର ଦ୍ୱାର ସବୁବେଳେ ଖୋଲା ରହୁଥିବା ବେଳେ ଦୁର୍ନୀତି ବିରୋଧରେ ତାଙ୍କର ଏହି କାର୍ଯ୍ୟାନୁଷ୍ଠାନ ପ୍ରାଶାସନିକ ସ୍ତରରେ ଏକ ନୂଆ ଆଲୋଡ଼ନ ସୃଷ୍ଟି କରିଛି। ଯୁବବର୍ଗଙ୍କ ମଧ୍ୟରେ କ୍ରିକେଟର୍ ଏବଂ ବଲିଉଡ୍ ତାରକାଙ୍କୁ ନେଇ ଯେଉଁ କ୍ରେଜ୍ ଦେଖିବାକୁ ମିଳେ ତାହା ଏବେ ତୁକାରାମଙ୍କ କ୍ଷେତ୍ରରେ ଘଟୁଛି । ସୋସିଆଲ୍ ମିଡିଆରୁ ଆରମ୍ଭ କରି ଖବରକାଗଜ ପର୍ଯ୍ୟନ୍ତ ଟ୍ରେଣ୍ଡରେ ଅଛନ୍ତି ମୁମ୍ବାଇର ଏହି ଆଇଏଏସ୍ ଅଧିକାରୀ ।

# ଶିକ୍ଷକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଞ୍ଚିଗଲେ ୧୬୪୩ ଛାତ୍ରଛାତ୍ରୀ





**ନୂଆଦିଲ୍ଲୀ:** ନେପାଳର ଆକସ୍ମିକ ବନ୍ୟାରେ ଚାରିଆଡ଼େ ହାହାକାର । ଜଳପ୍ରଳୟରେ ଧ୍ୱଂସ ହୋଇଯାଇଛି ଅନେକ ଅଞ୍ଚଳ। ହେଲେ ଏହାରି ଭିତରେ ଆସିଛି ଏକ ଆଶ୍ୱସ୍ତିର ଖବର । ଜଣେ ଶିକ୍ଷକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ବଞ୍ଚିଯାଇଛି ୧ ହଜାର ୬୪୩ ଜଣ ସ୍କୁଲ ଛାତ୍ରଛାତ୍ରୀଙ୍କ ଜୀବନ । ବନ୍ୟା ଆସିବା ପୂର୍ବରୁ ଠିକ୍ ସମୟରେ ସତର୍କ କରି ପିଲାମାନଙ୍କୁ ସୁରକ୍ଷିତ ଉଚ୍ଚ ସ୍ଥାନକୁ ନେଇଯାଇଥିଲେ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଡି ।

ତ୍ରିଶୁଳୀ ଉପତ୍ୟକାର ତ୍ରିଭୁବନ ତ୍ରିଶୁଳୀ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିଲା ପାଠପଢ଼ା । ହଠାତ୍ ପ୍ରଧାନଶିକ୍ଷକ ତଥା ଇଂରାଜୀ ଶିକ୍ଷକ ରାଜେନ୍ଦ୍ର ଦାୱାଡିଙ୍କ ପାଖକୁ ଆସିଥିଲା ଏକ ଫୋନ୍। ନିକଟବର୍ତ୍ତୀ ଗାଁକୁ ନଦୀ ଭସାଇ ନେଉଥିବା ନେଇ ବନ୍ଧୁ ତାଙ୍କୁ ସତର୍କ କରିଥିଲେ । ପ୍ରଥମେ ଦାୱାଡି ଭାବିଥିଲେ ବିଦ୍ୟାଳୟଟି ସୁରକ୍ଷିତ ରହିବ। କାରଣ ତିନି ମହଲା କଂକ୍ରିଟ୍ ବିଲ୍ଡିଂଟି ନଦୀଠାରୁ ପ୍ରାୟ ୬୦ ମିଟର ଉଚ୍ଚରେ ଥିଲା । କିନ୍ତୁ କିଛି ସମୟ ପରେ ଜଣେ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ଜଳସ୍ତର ଦ୍ରୁତ ଗତିରେ ବଢୁଥିବା ନେଇ ସୂଚନା ଦେଇଥିଲେ । ବିଳମ୍ବ ନକରି ନିଷ୍ପତ୍ତି ନେଇଥିଲେ ଦାୱାଡି । ସେ ତୁରନ୍ତ ସ୍କୁଲ ଘଣ୍ଟା ବଜାଇ ଶିକ୍ଷକମାନଙ୍କୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶ୍ରେଣୀକୋଠରୁ ବାହାରକୁ ନେବାକୁ କହିଥିଲେ। ଏହାପରେ ପିଲାମାନେ ଦଳ ଦଳ ହୋଇ ଉଚ୍ଚ ସ୍ଥାନକୁ ଯିବା ଆରମ୍ଭ କରିଥିଲେ । ଶିକ୍ଷକ ରାଜେନ୍ଦ୍ର ଦାୱାଡି ମଧ ସେମାନଙ୍କ ପଛେ ପଛେ ଯାଇଥିଲେ । ଶେଷରେ ସମସ୍ତ ଛାତ୍ରଛାତ୍ରୀ ଏକ ବଡ଼ ଗଛ ତଳେ ଆଶ୍ରୟ ନେଇଥିଲେ । ଏହି ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଏକ ବଡ଼ ବିପଦରୁ ବଞ୍ଚିଯାଇଥିଲା ୧,୬୪୩ ଛାତ୍ରଛାତ୍ରୀଙ୍କ ଜୀବନ । ସାମ୍ନାକୁ ଆସିଥିବା ଦୁଇଟି ଚିତ୍ର ମଧ ଦେଖାଉଛି ବନ୍ୟାର ଭୟାବହତା । ଗୋଟିଏ ଚିତ୍ରରେ ବନ୍ୟା ପୂର୍ବରୁ ତିନି ମହଲା ସ୍କୁଲ କୋଠା, ଖେଳପଡ଼ିଆ ଓ ଆଖପାଖର ଅଞ୍ଚଳ ସ୍ପଷ୍ଟ ଦେଖାଯାଉଛି । ଅନ୍ୟ ଚିତ୍ରରେ ବନ୍ୟା ପରେ ସେହି ଅଞ୍ଚଳର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଛି। ଚାରିଆଡ଼େ କେବଳ ମାଟି ଓ କାଦୁଅ । ନେପାଳର ଏହି ଜଳପ୍ରଳୟ ଧ୍ୱଂସର ଭୟଙ୍କର ଚିତ୍ର ଦେଖାଉଥିବା ବେଳେ, ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦାୱାଡିଙ୍କ ସତର୍କତା ଓ ଉପସ୍ଥିତ ବୁଦ୍ଧି ଏକ ବଡ଼ ମାନବୀୟ ବିପର୍ଯ୍ୟୟକୁ ଟାଳି ଦେଇଛି ।

# ଯୌତୁକରେ ପାକିସ୍ତାନ ଦରକାର: ଅଟଳଜୀ



**ନୂଆଦିଲ୍ଲୀ :** ଶାନ୍ତ, ସରଳ, ଆଉ ନମ୍ର ବ୍ୟବହାର କିଛି ଏମିତି ଥିଲା ତାଙ୍କ ବ୍ୟକ୍ତିତ୍ୱ । ଭାରତୀୟ ରାଜନୀତିରେ ଅଟଳ ବିହାରୀ ହେଉଛି ଏପରି ଏକ ନାମ ଯିଏ ନିଜେ ବ୍ୟକ୍ତିତ୍ୱ ବଳରେ ବ୍ୟାପକ ସମର୍ଥନ ଓ ସମ୍ମାନ ହାସଲ କରିଥିଲେ । ତାଙ୍କୁ ଯେତେ ବଡ କଟୁ କଥା କହିଲେ ସେ ଜମା ବି ରାଗି ନଥାନ୍ତି । ଏହାର ଅର୍ଥ ନୁହେଁ ଯେ ଚୁପ ରହିଯାଆନ୍ତି, ଏମିତି ଉତ୍ତର ଦେଇଥାନ୍ତି ଯେ ସାମ୍ନା ଲୋକର ପାଟି ବନ୍ଦ କରିଦେଇଥାନ୍ତି । ଆଜି ଆମେ ତାଙ୍କ ବ୍ୟକ୍ତିତ୍ୱର ସେମିତି ଏକ ଘଟଣା କହିବୁ ଯାହାକୁ ନେଇ ସେ ବେଶ ଚର୍ଚ୍ଚାରେ ରହିଥିଲେ।

୧୬ ମାର୍ଚ୍ଚ ୧୯୯୯, ସେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଥାନ୍ତି ଅଟଳବିହାରୀ ବାଜପେୟୀ । ଭାରତ-ପାକିସ୍ତାନର ସମ୍ପର୍କ ସୁଧାରିବା ପାଇଁ ସେ ଦୁଇ ଦେଶ ମଧ୍ୟରେ ବସ ସେବା ଆରମ୍ଭ କରିଥିଲେ । ଆଉ ଅଟଳ ଜୀ ନିଜେ ବସରେ ବସି ଅମୃତସରରୁ ଲାହୋର ଯାଇଥିଲେ । ଆଉ ସେଠାରେ ଗଭର୍ନର ହାଉସରେ ଏମିତି ଭାଷଣ ଦେଇଥିଲେ ଯେ ପାକିସ୍ତାନର ରାଜନେତା ମାନେ ତାଳି ନମାରି ରହିପାରିନଥିଲେ । ଭାଷଣ ପରେ ଏକ ରୋଚକ ଘଟଣା ଘଟିଥିଲା । ପାକିସ୍ତାନର ଜଣେ ମହିଳା ସାମ୍ବାଦିକା ବାଜପେୟୀଙ୍କୁ କହିଥିଲେ ଆପଣ ଅବିବାହିତ ଅଛନ୍ତି ମୁଁ ଆପଣଙ୍କ ବିବାହ କରିବାକୁ ଚାହୁଁଛି, ହେଲେ ମତେ ମୁହଁ ଦେଖାରେ କାଶ୍ମୀର ଦରକାର । ଆଉ କେହି ହେଇଥିଲେ ଏ ପ୍ରଶ୍ନକୁ ଏଡେଇ ଯାଇଥାନ୍ତେ ହେଲେ ସେ ଥିଲେ ବାଜପେୟୀ, ଏହାର ଜବାବ ରଖିଥିଲେ । ଆଉ କହିଥିଲେ ମୁଁ ବିବାହ କରିବାକୁ ରାଜି ଅଛି ହେଲେ ମତେ ଯୌତୁକରେ ପୂରା ପାକିସ୍ତାନ ଦରକାର । କଣ ଦେଇ ପାରିବେ ଆପଣ ? ଏଭଳି ଉତ୍ତର ଶୁଣି ଚୁପ ହୋଇଯାଇଥିଲେ ମହିଳା ସାମ୍ବାଦିକା ।

ଭାରତର ରାଜନୈତିକ ଇତିହାସରେ ଜଣେ ସଫଳ ବ୍ୟକ୍ତିତ୍ୱ ହେଉଛନ୍ତି ଅଟଳ ବିହାରି ବାଜପେୟୀ, ଯିଏ ଜୀବନର ପ୍ରତି କ୍ଷେତ୍ରରେ ସଫଳତାର ଶୀର୍ଷକୁ ଛୁଇଁପାରିଛନ୍ତି । ସେ ଥିଲେ ବିଚକ୍ଷଣ ରାଜନୀତିଜ୍ଞ, ପ୍ରଶାସକ, ଭାଷାବିତ, କବି, ସମ୍ବାଦିକ ଓ ଲେଖକ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଆଦର୍ଶରେ ଅନୁପ୍ରାଣିତ ହୋଇ, ଅଟଳ ବିହାରୀ ଉଦାରବାଦ, ସହନଶୀଳତା, ସମାନତାକୁ ନେଇ ରାଜନୀତିରେ ପାଦ ଥାପିଥିଲେ । ସେ ହେଉଛନ୍ତି ଦେଶର ଜଣେ ସାଲିସବିହୀନ ଦୂରଦୃଷ୍ଟି ସମ୍ପନ୍ନ ରାଜନେତା । ମଧ୍ୟପ୍ରଦେଶର ଗ୍ୱାଲିଅରରେ ୧୯୨୪ ମସିହା ଡିସେମ୍ବର ୨୫ରେ ଜନ୍ମଗ୍ରହଣ କରିଥିଲେ ଅଟଳ । ତାଙ୍କ ବାପା ଥିଲେ ଶିକ୍ଷକ ଓ ମାଆ ସୁଗୃହିଣୀ । କିନ୍ତୁ ତାଙ୍କର ପ୍ରକୃତ ଘର ଥିଲା ଉତ୍ତରପ୍ରଦେଶ ଆଗ୍ରା ଜିଲ୍ଲାର ବଟେଶ୍ୱରରେ । ତାଙ୍କର ରାଜନୈତିକ ଜନ୍ମସ୍ଥଳୀ ଥିଲା ଉତ୍ତରପ୍ରଦେଶ । ରାଜଧାନୀ ଲଖନୌରୁ ସେ ଏମପି ଭାବେ ନିର୍ବାଚିତ ହୋଇଥିଲେ । ରାଜନୀତିରେ ତାଙ୍କ ଭଳି ବ୍ୟକ୍ତିତ୍ୱ ଥିଲେ ବିରଳ । ରାଜନୀତିରେ ସଂଖ୍ୟା ବା ଯୋଡତୋଡରେ ବିଶ୍ୱାସ କରୁନଥିଲେ ଜନନାୟକ ଅଟଳବିହାରୀ ବାଜପେୟୀ । ଫଳରେ ମାତ୍ର ଗୋଟିଏ ଭୋଟ ପାଇଁ ପ୍ରଧାନମନ୍ତ୍ରୀ ପଦ ଛାଡିବାକୁ ପଡିଥିଲା। ମାତ୍ର ୧୩ ଦିନର ଶାସନ ଭାଂଗିଯାଇଥିଲା । ଆଉ ଶେଷରେ ତାଙ୍କୁ ବିରୋଧୀ ଦଳ ନେତାର ଦାୟିତ୍ୱ ନିଭାଇବାକୁ ପଡିଥିଲା । ପରେ ସେ ଦୁଇ ଦୁଇ ଥର ଭାରତର ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିଥିଲେ ।

# ସେତୁବନ୍ଧାସନର ଫାଇଦା

*ଯୋଗ କରିବା ଦ୍ୱାରା ଆମେ ସବୁବେଳେ ଫିଟ୍ ଆଣ୍ଡ ହେଲ୍‌ଦି ରହିପାରିବା। ତେଣୁ ନିୟମିତ ଯୋଗ କରିବାକୁ ସବୁବେଳେ ଅଭ୍ୟାସ କରନ୍ତୁ। ବିଭିନ୍ନ ରୋଗ ବୈରାଗ ପାଇଁ ଭିନ୍ନ ଭିନ୍ନ ପ୍ରକାରର ଯୋଗ ଓ ଆସନ କରିବା ପଦ୍ଧତି ରହିଛି। ତେଣୁ ଚେଷ୍ଟା କରନ୍ତୁ ପ୍ରତ୍ୟହ ସକାଳରେ ଯୋଗାଭ୍ୟାସ କରିବା ପାଇଁ। ଏହାଦ୍ୱାରା ଆପଣ ଫିଟ୍ ଓ ଫାଇନ୍ ରହିପାରିବେ।*

- ସେତୁବନ୍ଧାସନ କରିବା ଦ୍ୱାରା ପେଟ ଓ ଅଣ୍ଟାରେ ଜମିଥିବା ଚର୍ବି ହଟିଯିବ।
- ପେଟ ଓ ଜଙ୍ଘରେ ଥିବା ମାସଂପେଶୀକୁ ମଜବୁତ କରିଥାଏ।
- ଏହି ଆସନ ଦ୍ୱାରା ଆପଣ ଅବସାଦ ଓ ଚିନ୍ତାଗ୍ରସ୍ତ ସମସ୍ୟାରୁ ମଧ୍ୟ ମୁକ୍ତି ପାଇପାରିବେ।
- ଯଦି ଆପଣଙ୍କର ହଜମ ସମସ୍ୟା ରହିଛି ତେବେ ମଧ ଏହି ଆସନ ଦ୍ୱାରା ପାଚନ କ୍ରିୟା ଭଲ ରହିବ।
- ଆହୁରି ମଧ ଏହି ଆସନ କରିବା ଦ୍ୱାରା ଆପଣଙ୍କୁ ଯଦି ଥକ୍କା ଲାଗୁଛି ତେବେ ଥକ୍କାପଣ ଦୂର ମଧ ହୋଇଥାଏ।
- ସାଧାରଣତଃ ମହିଳା ମାନଙ୍କର ଋତୁକାଳୀନ ସମୟରେ ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଏହି ଆସନ ଦ୍ୱାରା ଏହିସବୁ ସମସ୍ୟାର ମଧ ସମାଧାନ ହୋଇପାରିବ।
- ଆସ୍ଥମା, ଉଚ୍ଚ ରକ୍ତଚାପ, ଅଷ୍ଟିଓପୋରୋସିସ୍ ଏବଂ ସାଇନୋସାଇଟସ୍ ଭଳି ସମସ୍ୟାର ମଧ ମୁକ୍ତି ମିଳିପାରିବ।
- ଆହୁରି ଏହି ଆସନ କରିବା ଦ୍ୱାରା ଆପଣ ଲଙ୍ଗ୍‌ସ ଓ ଥାଇରଏଡ୍ ଭଳି ସମସ୍ୟାରୁ ମଧ ମୁକ୍ତି ପାଇପାରିବେ।



# ପୋଟଳ
## ଦେହକୁ ହିତ

*ବହୁ ପୋଷକ ତତ୍ତ୍ୱରେ ଭରପୁର ପୋଟଳ ଏକ ଉପାଦେୟ ପରିବା । ସାଧାରଣ ପନିପରିବା ଅପେକ୍ଷା ଅଧିକ ସମୟ ପର୍ଯ୍ୟନ୍ତ ତାଜା ରୁହେ। ଶରୀର ପାଇଁ ଏହା ଅତ୍ୟନ୍ତ ଉପକାରୀ । ଏମିତିରେ ଭିଟାମିନ୍-ଏ, ଭିଟାମିନ୍-ବି, ଭିଟାମିନ୍-୨ ଓ ଭିଟାମିନ୍-ସି, ସହିତ କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍ ପ୍ରଭୃତି ପ୍ରଚୁର ପରିମାଣରେ ରହିଥାଏ । ବର୍ତ୍ତମାନ ପୋଟଳ ପ୍ରାୟ ସବୁ ଋତୁରେ ଉପଲବ୍ଧ ହେଉଥିଲେ ମଧ ଗ୍ରୀଷ୍ମଋତୁରେ ଏହାର ଉତ୍ପାଦନ ଅଧିକ ହୋଇଥାଏ ।*





- ପୋଟଳ ମଞ୍ଜି ରକ୍ତ ଶର୍କରା ଓ କୋଲେଷ୍ଟରଲ ସ୍ତରକୁ ପ୍ରାକୃତିକ ଉପାୟରେ ହ୍ରାସ କରେ । ଫଳରେ ରକ୍ତ ପ୍ରବାହ ସ୍ୱାଭାବିକ ରହିବା ସହ ହୃଦ୍‌ରୋଗ ଆଶଙ୍କା ଦୂର ହୁଏ ।
- ଏଥିରେ ଥିବା ଫାଇବର ଯକୃତ ଓ ପେଟକୁ ସୁସ୍ଥ ରଖିବା ସହ କୋଷ୍ଠକାଠିନ୍ୟ ଦୂର କରେ ।
- ଭୋକ ହ୍ରାସ କରେ, ଫଳରେ ଶରୀରରେ ଅନାବଶ୍ୟ କ୍ୟାଲୋରୀ ଜମେ ନାହିଁ ।
- ଏହାର ଚୋପା ମଧ ଶରୀର ପାଇଁ ଉପକାରୀ । ଅନାବଶ୍ୟକ କ୍ୟାଲୋରୀ ଦୂର କରେ ।
- ପୋଟଳରେ ଥିବା ଆଣ୍ଟି ଅକ୍ସିଡ଼େଣ୍ଟ ତତ୍ତ୍ୱ ବାର୍ଦ୍ଧକ୍ୟ ପ୍ରଭାବ ହ୍ରାସ କରେ ।
- କାମଳା (ଜଣ୍ଡିସ) ପୀଡ଼ିତଙ୍କ ପାଇଁ ପୋଟଳ ଏକ ଉତ୍ତମ ପଥ୍ୟ ।
- ପୋଟଳ ପତ୍ର ଓ ମଞ୍ଜିକୁ ପେନ୍ କିଲର ବା ବ୍ୟଥା ନିବାରକ ଭାବେ ବ୍ୟବହାର କରାଯାଇ ପାରେ । ଏହାକୁ ଏକତ୍ର ବାଟି ମୁଣ୍ଡ ବା ବ୍ୟଥା କରୁଥିବା ସ୍ଥାନରେ ଲଗାଇଲେ ଯନ୍ତ୍ରଣା କମ୍ ହୁଏ ।
- ପୋଟଳ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ।
- ଏହା ବାତନାଶକ ଏବଂ ରକ୍ତଶୋଧକ । ଏହା ବାତଜନିତ ସମସ୍ୟା ଦୂର କରେ ।
- ବିଭିନ୍ନ ତ୍ୱଚା ରୋଗ ସହ ପୋଟଳ ଜ୍ୱର, ଥଣ୍ଡା, ଫ୍ଲୁ, ସର୍ଦ୍ଦିରୁ ଶରୀରକୁ ରକ୍ଷା କରେ ।

# ବିଶ୍ୱର ସବୁଠୁ ଧନୀ YouTuber



ଆଜିକାଲି ସୋସିଆଲ ମିଡିଆ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ କୋଟି କୋଟି ଟଙ୍କା ରୋଜଗାର କରିବାର ସବୁଠାରୁ ବଡ ପ୍ଲାଟଫର୍ମ ପାଲଟିଛି । ବିଶେଷକରି YouTube ରାତାରାତି ଏପରି ଅନେକ କଣ୍ଟେଣ୍ଟ କ୍ରିଏଟରଙ୍କୁ ଷ୍ଟାର କରିଛି,ଯେଉଁମାନେ ପୂର୍ବରୁ କେବଳ ମଜା ପାଇଁ ଭିଡିଓ ତିଆରି କରୁଥିଲେ । କିନ୍ତୁ ବର୍ତ୍ତମାନ ସେହି ଭିଡିଓ ସେମାନଙ୍କୁ ବିଶ୍ୱର ସବୁଠାରୁ ଧନୀ YouTuber କରିଛି । ସେମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ଅଛନ୍ତି MrBeast, ଯାହାଙ୍କର ପ୍ରକୃତ ନାମ ଜିମି ଡୋନାଲ୍ଡସନ । ମାତ୍ର ୨୫ ବର୍ଷ ବୟସରେ ସେ ଏପରି ଏକ ପରିଚୟ ସୃଷ୍ଟି କରିଛନ୍ତି ଯାହା ସାରା ବିଶ୍ୱରେ ଆଲୋଚନା ହେଉଛି ।

MrBeast ୨୦୧୨ରେ ତାଙ୍କର YouTube କ୍ୟାରିଅର ଆରମ୍ଭ କରିଥିଲେ । ପ୍ରାରମ୍ଭିକ ଦିନରେ, ସେ ଗେମିଂ ଏବଂ ଛୋଟ ବ୍ଲଗ କରୁଥିଲେ, କିନ୍ତୁ ଧୀରେ ଧୀରେ ସେ କଣ୍ଟେଣ୍ଟ୍‌ରେ ଏପରି ପରିବର୍ତ୍ତନ ଆଣିଲେ ଯାହା ତାଙ୍କୁ ଅନ୍ୟ YouTubers ଠାରୁ ଭିନ୍ନ କରିଥିଲା । ତାଙ୍କ ଭିଡିଓରେ ବଡ଼ ଚ୍ୟାଲେଞ୍ଜ, ଅନନ୍ୟ ଷ୍ଟଣ୍ଟ, ବିଶାଳ ଗିଭଏୱେ ଏବଂ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ପ୍ରତିଯୋଗିତା ସାମିଲ ଅଛି । ଏହି କାରଣରୁ ଲୋକମାନେ ତାଙ୍କ କଣ୍ଟେଣ୍ଟ ଦେଖିବାକୁ ବହୁତ ଉତ୍ସାହିତ । ଆଜି MrBeastu YouTubର ଚ୍ୟାନେଲରେ ୨୮୦ ମିଲିୟନରୁ ଅଧିକ ସବସ୍କ୍ରାଇବର ଅଛନ୍ତି, ଯାହା ତାଙ୍କୁ ବିଶ୍ୱର ସବୁଠାରୁ ବଡ଼ YouTuber କରିଥାଏ । ତାଙ୍କର ଭିଡିଓ ରିଲିଜ ହେବା ମାତ୍ରେ, କିଛି ଘଣ୍ଟା ମଧ୍ୟରେ ଲକ୍ଷ ଲକ୍ଷ ଭ୍ୟୁ ମିଳେ । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି Mr Beast ଗୋଟିଏ ଭିଡିଓରୁ କେତେ ଟଙ୍କା ରୋଜଗାର କରନ୍ତି ? ରିପୋର୍ଟ ଅନୁଯାୟୀ, ସେ ପ୍ରତ୍ୟେକ ଭିଡିଓରେ ହାରାହାରି ୫ ରୁ ୧୦ କୋଟି ଟଙ୍କା ରୋଜଗାର କରନ୍ତି । ଏହି ଆୟ ବିଜ୍ଞାପନ, ପ୍ରାୟୋଜକତା, ବ୍ରାଣ୍ଡ ଡିଲ ଏବଂ ବାଣିଜ୍ୟ ବିକ୍ରୟରୁ ହୋଇଥାଏ । YouTube ବିଜ୍ଞାପନ ରାଜସ୍ୱ ତାଙ୍କ ରୋଜଗାରର ଏକ ପ୍ରମୁଖ ଅଂଶ । ଅନୁମାନ କରାଯାଉଛି ଯେ, Mr Beast କେବଳ ଗୋଟିଏ ୫ ମିନିଟର ଭିଡିଓରୁ ୫୦ ଲକ୍ଷରୁ ୧କୋଟି ଟଙ୍କା ରୋଜଗାର କରନ୍ତି ।

ଏହା ମଧ୍ୟ ସତ୍ୟ ଯେ MrBeast କେବଳ ଟଙ୍କା ରୋଜଗାର କରନ୍ତି ନାହିଁ, ବରଂ ତାଙ୍କ ଭିଡିଓରେ ବହୁତ ଖର୍ଚ୍ଚ କରନ୍ତି । ସେ ପ୍ରାୟତଃ ତାଙ୍କ ଭିଡିଓରେ କୋଟି କୋଟି ଟଙ୍କା ଦାନ କରନ୍ତି, ମହଙ୍ଗା କାର ବାଣ୍ଟିଥାନ୍ତି କିମ୍ବା ଲକ୍ଷ ଲକ୍ଷ ଡଲାର ଖର୍ଚ୍ଚ କରି ଅନନ୍ୟ ସେଟ ତିଆରି କରନ୍ତି । ଏହି ଅନନ୍ୟ ଶୈଳୀ ତାଙ୍କର ପରିଚୟ ଏବଂ ଲୋକଙ୍କୁ ତାଙ୍କ ଆଡ଼କୁ ଆକର୍ଷିତ କରେ । MrBeaste ବିଶେଷତ୍ୱ ହେଉଛି ଯେ, ସେ କେବଳ ମନୋରଞ୍ଜନ ପାଇଁ ବିଷୟବସ୍ତୁ ସୃଷ୍ଟି କରନ୍ତି ନାହିଁ ବରଂ ଏଥିରେ ମାନବିକତା ଏବଂ ସାହାଯ୍ୟର ସ୍ପର୍ଶ ମଧ୍ୟ ଯୋଡେ । ସେ ଏପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛନ୍ତି, ଯେଉଁଥିରେ ଗରିବ ପରିବାରକୁ ଟଙ୍କା ଦାନ କରିବା, ସ୍କୁଲ ନିର୍ମାଣ କରିବା, ହସ୍ପିଟାଲକୁ ଦାନ କରିବା ଏବଂ ପରିବେଶ ପାଇଁ ଗଛ ଲଗାଇବା ସାମିଲ ଅଛି ।

# ସଂଯୋଗ: ଓଡ଼ିଆ ଘରର ବିଦେଶୀ ବୋହୂ



ସେମାନଙ୍କର ଦେଶ ଅଲଗା, ଭାଷା ଅଲଗା, ହେଲେ ହୃଦୟର ଭାଷା ସମାନ । ଖାଦ୍ୟ ଅଲଗା ହେଲେ ବି ଭଲପାଇବାର ସ୍ୱାଦ କିନ୍ତୁ ଏକ । ଆଉ ସଂସ୍କୃତି ଭିନ୍ନ ହେଲେ ବି ସାଥୀ ହୋଇ ଚାଲିବାର ସ୍ୱପ୍ନ ଗୋଟିଏ । ଇଏ ହେଉଛି ଶୁକଦେବ ଓ ତମାରା, ପାୟଲ୍ ଓ କାଇଲ୍ ଏବଂ ରାକେଶ୍ ଓ ଟେରାହୁଙ୍କ ଜୀବନର ମଞ୍ଜୁକଥା । ଓଡ଼ିଆ ପୁଅର ବିଦେଶୀ ବୋହୂ, ପୁଣି ଓଡ଼ିଆ ଝିଅର ପରଦେଶୀ ଜ୍ୱାଇଁ ! ମନ ମିଶିଲା ବୋଲି ବିବାହ କଲେ, ଭାବନା-ଭାଷା, ପୋଷାକ ପରିଚ୍ଛଦ ଓ ଚାଲିଚଳଣି ତ ସମୟାନୁସାରେ ସଜାଡ଼ି ନେଲେ, କିନ୍ତୁ ଖାଦ୍ୟପେୟ ଓ ଆଦବକାଇଦା ମାମଲାରେ କେମିତି ଉଭୟ ପରସ୍ପର ସହ ଖାପଖୋଇଲେ...

### ଭିନ୍ନତା ବଢ଼ାଇଛି ପ୍ରେମର ଗଭୀରତା

କେବେ କେବେ ଅକସ୍ମାତ୍ ସାକ୍ଷାତ ଜୀବନସାରାର ସମ୍ପର୍କରେ ପରିଣତ ହୋଇଯାଏ । ଶୁକଦେବ ଓ ତମାରାଙ୍କ ପ୍ରେମ କାହାଣୀ ଠିକ୍ ସେମିତି । ପ୍ରାୟ ପାଞ୍ଚ ବର୍ଷ ତଳେ ମାଲ୍‌ଦିଭସ୍‌ରେ ଦୁହେଁ ପରସ୍ପରଙ୍କୁ ଭେଟିଥି ?ଲେ । ଶୁକଦେବ ଭଦ୍ରକର ବାସିନ୍ଦା ହୋଇଥିବା ବେଳେ ତମାରାଙ୍କ ଘର ୟୁରୋପ୍‌ରେ । ପ୍ରଥମ ସାକ୍ଷାତ ପରେ ଆରମ୍ଭ ହେଲା କଥାବାର୍ତ୍ତା । ପ୍ରାୟ ବର୍ଷେ ଧରି ପରସ୍ପରଙ୍କୁ ଜାଣିବା ପରେ ତମାରା ଭାରତ ଆସିଲେ ଏବଂ ପରେ ଶୁକଦେବ ମଧ୍ୟ ୟୁରୋପ୍ ଗଲେ । ଦୁହିଁଙ୍କ ଆତ୍ମୀୟତା ଶେଷରେ ପ୍ରେମର ରୂପ ନେଲା । ପ୍ରାୟ ତିନି ବର୍ଷ ପରେ ଶୁକଦେବ ତମାରାଙ୍କ ସହ ସମ୍ପର୍କ ବିଷୟରେ ପରିବାରକୁ ଜଣାଇଲେ । ତମାରା ମଧ୍ୟ ନିଜ ପରିବାରଠାରୁ ଅନୁମତି ଆଣି ଭାରତ ଚାଲିଆସିଲେ । ଦୁହେଁ ବିବାହ କଲେ ।

ଓଡ଼ିଶା ଆସିବା ପରେ ତମାରାଙ୍କୁ ଗାଁର ବାତାବରଣ ଓ ଲୋକଙ୍କ ସରଳ ଜୀବନଶୈଳୀ ଭଲ ଲାଗିଲା । ଧୀରେ ଧୀରେ ସେ ଓଡ଼ିଆପଣ ଆପଣାଇ ନେଲେ । ଶୁକଦେବଙ୍କଠାରୁ ଓଡ଼ିଆ ଭାଷା ଶିଖିଲେ । ପ୍ରଥମେ ତାଙ୍କ ଉଚ୍ଚାରଣ ନେଇ ଶୁକଦେବ ହସୁଥିଲେ, କିନ୍ତୁ ତମାରା ତାଙ୍କ ଚେଷ୍ଟାରୁ ନିବୃତ୍ତ ହୋଇନଥିଲେ । ବିଶେଷକରି ତାଙ୍କର 'ମୁଁ ତୁମକୁ ଭଲ ପାଏ' କହିବାର ତରିକା ଶୁକଦେବଙ୍କ ପାଇଁ ଏକ ସ୍ମରଣୀୟ ଅନୁଭୂତି । ଖାଲି ଭାଷା ନୁହେଁ, ଓଡ଼ିଆ ଖାଦ୍ୟ ମଧ୍ୟ ତମାରାଙ୍କ ମନ ଜିଣିଛି । ପଖାଳ ଭାତ, ଆଳୁଭଜା, ମାଛଭଜା ଓ ଡାଲି ମଧ୍ୟରୁ ବିଶେଷକରି ପଖାଳ ଓ ଆଳୁଭଜା ତାଙ୍କର ବେଶ୍ ପସନ୍ଦ । ଭାରତୀୟ ପୋଷାକ ପିନ୍ଧିବା ମଧ୍ୟ ତମାରାଙ୍କ ପାଇଁ ଏକ ଖାସ୍ ଅନୁଭୂତି । ସେ ଶାଢ଼ି, ସିନ୍ଦୂର ଓ ଶଙ୍ଖା ପିନ୍ଧି ଖୁସି ହୁଅନ୍ତି । ସମସ୍ତଙ୍କୁ ଯଥାଯୋଗ୍ୟ ସମ୍ମାନ ଦେବା ସହ ବଡ଼ମାନଙ୍କ ପାଦ ଛୁଇଁ ଆଶୀର୍ବାଦ ବି ନିଅନ୍ତି ।

### ଅଦ୍ଭୁତ ସଂଯୋଗ, ଅନନ୍ୟ ଆକର୍ଷଣ

ରାକେଶ୍ ମହାନ୍ତି ଓ ଟେରେଜିଆ ନୋସ୍କୋଭାଙ୍କ ସଂପର୍କ ଏକ ଅପ୍ରତ୍ୟାଶିତ ପ୍ରେମ କାହାଣୀ । ଗୋଆର ସମୁଦ୍ରକୂଳରୁ ଆରମ୍ଭ ହୋଇଥିବା ସମ୍ପର୍କ ଆଜି ଓଡ଼ିଶାରେ ପହଞ୍ଚିଛି । ରାକେଶ୍ ଯାଜପୁରର ଏକ ବ୍ୟବସାୟୀ ପରିବାର ଦାୟାଦ ହୋଇଥିବା ବେଳେ ସ୍ଲୋଭାକିଆର ରାଜଧାନୀ ବ୍ରାଟିସ୍ଲାଭାରେ ଜନ୍ମିତ ଟେରେଜିଆ ନୋସ୍କୋଭା । 'ଟେରାହୁ' ନାମରେ ପରିଚିତ ଟେରେଜିଆ ଜଣେ ଥେରାପିଷ୍ଟ ଓ ବୈଦିକ ଜ୍ୟୋତିଷୀ । ଗୋଆରେ ରାକେଶ୍ ଓ ଟେରାହୁଙ୍କ ପ୍ରଥମ ଦେଖା । ଏକ ବିଚ୍ ଶ୍ୟାକ୍‌ରେ ଆରମ୍ଭ ହୋଇଥିବା ସାଧାରଣ କଥାବାର୍ତ୍ତା କ୍ରମେ ପ୍ରେମର ରୂପ ନେଇଥିଲା । ରାକେଶ ଘରକୁ ଫେରିବାର ମାତ୍ର ୧୦ ଦିନ ପରେ ଟେରାହୁ ତାଙ୍କୁ ଭେଟିବାକୁ ଓଡ଼ିଶା ଆସିଥିଲେ । ଭୁବନେଶ୍ୱରରୁ ବାଇକ୍‌ରେ ପୁରୀ ଯାତ୍ରା, କୋଣାର୍କ ବେଳାଭୂମିରେ ଟେଣ୍ଟରେ ରହଣି ଭଳି ମୁହୂର୍ତ୍ତ ସେମାନଙ୍କ ପ୍ରିୟ ସ୍ମୃତି ପାଲଟିଥିଲା । ପରେ ତିରୁଭନ୍ନାମଲାଇରେ ପ୍ରାୟ ଏକ ମାସ ରହିବା ପରେ ଦୁହେଁ ସାରା ଜୀବନ ଏକାଠି ରହିବାର ନିଷ୍ପତ୍ତି ନେଲେ । ଶେଷରେ ୨୦୨୫ରେ ରାକେଶ୍ ଓ ଟେରାହୁ ବିବାହ ବନ୍ଧନରେ ଆବଦ୍ଧ ହେଲେ । ଭିନ୍ନ ଦେଶ ଓ ସଂସ୍କୃତିର ଝିଅ ଘରର ବୋହୂ ହେବା ରାକେଶଙ୍କ ପରିବାର ପାଇଁ ନୂଆ ଅନୁଭୂତି ଥିଲା । କିନ୍ତୁ ଟେରାହୁଙ୍କୁ ସେମାନେ ନିଜ ଝିଅ ପରି ଆପଣାଇନେଲେ ।

ଟେରାହୁ କହନ୍ତି, "ଭୁବନେଶ୍ୱରରେ ପାଦ ଦେବା ସମୟରୁ ହିଁ ମୋତେ ଓଡ଼ିଶା ଘର ଭଳି ଲାଗିଥିଲା ।" ଓଡ଼ିଶାର ପ୍ରକୃତି, ଶାନ୍ତ ପରିବେଶ, ପ୍ରାଚୀନ ମନ୍ଦିର ଓ ଆଧ୍ୟାତ୍ମିକ ପରମ୍ପରା ତାଙ୍କୁ ଗଭୀର ଭାବେ ଆକର୍ଷିତ କରିଛି । ବିଶେଷକରି ଓଡ଼ିଆ ଲୋକଙ୍କ ଆତିଥ୍ୟ ତାଙ୍କୁ ଅଭିଭୂତ କରିଛି । ସେ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ 'ଟେରା ହୁ' ମାଧ୍ୟମରେ ନିଜ ଜୀବନର ଟିକ୍‌ନିକ୍ କଥାକୁ ଲୋକଙ୍କ ସହ ବାଣ୍ଟୁଛନ୍ତି । ଏବେ ଜାରି ରହିଛି ଟେରାହୁଙ୍କ ଭାଷା ଶିଖିବାର ଯାତ୍ରା । ସ୍ୱାମୀ ଓ ପରିବାରର କଥା ଶୁଣି ଶୁଣି ସେ ଓଡ଼ିଆ ଶିଖୁଛନ୍ତି । ବେଳେ ବେଳେ ଶବ୍ଦ ଭୁଲ୍ ହୋଇଯାଏ, ଯାହା ଘରେ ହସର କାରଣ ହୁଏ । ଦହିବରା ଆଳୁଦମ୍, ବାଇଗଣ ପୋଡ଼ା ଓ ପଖାଳ ଏବେ ତାଙ୍କ ପସନ୍ଦର ଓଡ଼ିଆ ଖାଦ୍ୟ । ଝୁଲଣ ଯାତ୍ରା ଭଳି ପରମ୍ପରା ମଧ୍ୟ ତାଙ୍କୁ ଓଡ଼ିଶାର ସଂସ୍କୃତି ସହ ଆହୁରି ନିକଟତର କରିଛି । ରାକେଶ୍ ଓ ଟେରାହୁ ଭିନ୍ନ ସଂସ୍କୃତିରୁ ଆସିଥିଲେ ମଧ୍ୟ ସେମାନେ ପରସ୍ପରଙ୍କୁ ଶୁଣି ଓ ପାର୍ଥକ୍ୟକୁ ସମ୍ମାନ ଦେଇ ସମ୍ପର୍କକୁ ମଜଭୁତ କରିଛନ୍ତି ।

## କମଳାର ଉପକାରିତା

- ଶରୀରରେ ଯଦି ରକ୍ତର ପରିମାଣ କମ୍ ରହିଛି ପ୍ରତିଦିନ ଗୋଟିଏ କମଳା ଖାଆନ୍ତୁ ଏହି ସମସ୍ୟା ଦୂର ହେବ ।
- ଗୋଟିଏ ଗ୍ଲାସ କମଳା ରସ ପ୍ରତିଦିନ ପିଇଲେ ଆପଣଙ୍କ ଚେହେରାରେ ଚମକ ଆସିବା ସହ ଆପଣଙ୍କର ବୟସାଧିକ୍ୟ ସମସ୍ୟା ମଧ୍ୟ ଦୂର ହେବ ।
- ପ୍ରତିଦିନ ଭୋଜନ ପରେ ଏବଂ ପୂର୍ବରୁ ଯଦି ଆପଣ ଗୋଟିଏ କମଳା ଖାଉଛନ୍ତି ତେବେ ଆପଣଙ୍କର କବ୍‌ଜ ସମସ୍ୟା ଦୂର ହେବ ।
- ଏହି ଫଳକୁ ନିୟମିତ ଖାଇଲେ ଯଦି ଆପଣଙ୍କୁ ଜଣ୍ଡିସ ହୋଇଛି ତେବେ ଆପଣଙ୍କୁ ଫୁର୍ତ୍ତି ଲାଗିବ ଓ ସ୍ମାର୍ଟ ମଧ୍ୟ ଲାଗିବ ।
- କମଳାରେ ୮୭% ପାଣି ରହିଛି । ଆପଣଙ୍କ ଶରୀରରେ ଯଦି ପାଣିର ଅଭାବ ଥାଏ ତେବେ କମଳା ତାହାକୁ ପୂରଣ କରିପାରିବ ।
- କମଳା ଖାଇଲେ ଆପଣଙ୍କ ଦାନ୍ତ ଓ ହାଡ ମଜଭୁତ ମଧ୍ୟ ରହେ ।

# ସବୁଠୁ ଭୟଙ୍କର ସେଲ୍‌ଫି ପଏଣ୍ଟ



**ରିଓ ଡି ଜେନିରୋ:** ସମ୍ପ୍ରତି ଯୁବପିଢ଼ି ହୁଅନ୍ତୁ କି ବୟସ୍କ, ସେଲ୍‌ଫି ମାନିଆ ସମସ୍ତଙ୍କୁ ଘାରିଛି । ତେବେ ପ୍ରତିବର୍ଷ ଏହି ସେଲ୍‌ଫି କ୍ରେଜ୍ ପାଇଁ ଅନେକ ଶହ ଲୋକଙ୍କୁ ଜୀବନ ହରାଇବାକୁ ପଡ଼ିଥାଏ । ତଥାପି ସେଲ୍‌ଫି ପ୍ରେମୀମାନେ ନିଜକୁ ସାହସୀ ଏବଂ ଦୁଃସାହସିକ ଦର୍ଶାଇବା ପାଇଁ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍‌ଫି ନେଇଥାନ୍ତି, ଯାହା ସେମାନଙ୍କୁ ମୃତ୍ୟୁମୁଖକୁ ଟାଣିଥାଏ । ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଅନେକ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ରହିଥିବାବେଳେ ସେଥିମଧ୍ୟରୁ ବ୍ରାଜିଲର ପେଡ୍ରା ଡା ଗାଭେଆ ଅନ୍ୟତମ । ପେଡ୍ରା ଡା ଗାଭେଆ ଏକ ବିଶାଳ ପର୍ବତ ହୋଇଥିବା ବେଳେ ଏହା ବ୍ରାଜିଲର ପ୍ରମୁଖ ସହର ରିଓ ଡି ଜେନିରୋରେ ଅବସ୍ଥିତ । ଏହି ପର୍ବତର ଉଚ୍ଚତା ସମୁଦ୍ର ପତ୍ତନଠାରୁ ୮୪୪ ମିଟର (୨,୭୬୯ ଫୁଟ୍) ରହିଛି । ଏହି ପର୍ବତ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ । ସେହିପରି

ପେଡ୍ରା ଡା ଗାଭେଆର ଶିଖରରେ ରିଓ ଡି ଜେନିରୋ ସହରର ଅନେକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ । ତେବେ ଉକ୍ତ ପର୍ବତ ଶିଖରରେ ସେଲ୍‌ଫି ନେବା ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହୋଇଥାଏ ।

ପେଡ୍ରା ଡା ଗାଭେଆ ପର୍ବତଟି ସମୁଦ୍ର କୂଳରେ ଅବସ୍ଥିତ । ପର୍ବତର ଯେଉଁ ପାର୍ଶ୍ୱରେ ସମୁଦ୍ର ରହିଛି, ସେହି ପଟେ କୌଣସି ଢାଲ ନାହିଁ । ତେଣୁ ପର୍ବତ ଶିଖରର ଉକ୍ତ ପାର୍ଶ୍ୱରେ ଠିଆ ହୋଇ ସେଲ୍‌ଫି ନେବା ବେଳେ ସାମାନ୍ୟ ଅସାବଧାନତା ଘଟିଲେ ସମୁଦ୍ର ମଧ୍ୟକୁ ପଡ଼ିଯିବାର ସମ୍ଭାବନା ରହିଥାଏ । ପ୍ରତିବର୍ଷ ଏହି ପର୍ବତରେ ଏହିପରି ଅନେକ ଦୁର୍ଘଟଣା ଘଟିଥାଏ, ଯେଉଁଥିରେ ଅନେକ ଡଜନ୍ ଲୋକ ପ୍ରାଣ ହରାଇଥାନ୍ତି । ନିଜର ଅତ୍ୟଧିକ ଉଚ୍ଚତା ଏବଂ ତୀକ୍ଷ୍ଣ ଧାର ଯୋଗୁ ପେଡ୍ରା ଡା ଗାଭେଆକୁ ବିଶ୍ୱର ଅନ୍ୟତମ ବିପଦପୂର୍ଣ୍ଣ ସେଲ୍‌ଫି ପଏଣ୍ଟ ଭାବେ ବିବେଚନା କରାଯାଇଥାଏ । ଏହି ପର୍ବତ ଶିଖରରେ କୌଣସି ସୁରକ୍ଷା ରେଲିଂ କିମ୍ବା ବାଡ଼ ନ ଥିବାରୁ ଏଠାରେ ସେଲ୍ ?ଫି ନେବା ଅତ୍ୟନ୍ତ ବିପଜ୍ଜନକ । ପେଡ୍ରା ଡା ଗାଭେଆର ଶିଖରରେ ପହଞ୍ଚିବା ପାଇଁ ୬ରୁ ୮ ଘଣ୍ଟାର କଠିନ ପଦଯାତ୍ରା କରିବାକୁ ପଡ଼ିଥାଏ । ଏହି ଯାତ୍ରା ବେଳେ 'କାରାସ୍କୁଇରା' ନାମକ ଏକ ୩୦ ମିଟର ଉଚ୍ଚ ପଥରରେ ଚଢ଼ିବାକୁ ପଡ଼ିଥାଏ । ଉକ୍ତ ପଥରକୁ ଚଢ଼ିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଏବଂ କଷ୍ଟକର ହୋଇଥାଏ । ଏଥିପାଇଁ ପରିଦର୍ଶକମାନଙ୍କୁ ଦଉଡ଼ିର ବ୍ୟବହାର କରିବାକୁ ପଡ଼ିଥାଏ । ଏହି ପର୍ବତରେ ଚଢ଼ିବା ସମୟରେ ଲୋକମାନେ ସାଧାରଣତଃ ଥକାପଣ ଏବଂ ଅସାବଧାନତାବଶତଃ ନିଜର ସନ୍ତୁଳନ ହରାଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ତେଣୁ ଏହି ସ୍ଥାନକୁ ଭ୍ରମଣ କରିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ ।

# ସୁନ୍ଦରୀ ମହିଳା କ୍ରିକେଟର




**ନୂଆଦିଲ୍ଲୀ:** ମହିଳା ଦିଲ୍ଲୀ ପ୍ରିମିୟର ଲିଗ୍ ୨୦୨୬ର ଜଣେ କ୍ରିକେଟର ନିଜର ବିରଳ ପ୍ରଦର୍ଶନ ପାଇଁ ଭାଇରାଲ ସାମାଜିକ ଗଣମାଧ୍ୟମ ଜରିଆରେ ହୋଇଛନ୍ତି । ଇଣ୍ଟରନେଟ୍ ମିଡିଆରେ ତାଙ୍କର ଭିଡିଓ ଦେଖିବାକୁ ମିଳୁଛି । ଏବେ ପ୍ରଶ୍ନ ଉଠୁଛି ଯେ, ଏହି ସୁନ୍ଦରୀ କ୍ରିକେଟ୍‌ର କିଏ ? ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏହି କ୍ରିକେଟର୍ ହେଉଛନ୍ତି ମେଧାବୀ ବିଧୂରୀ, ଯାହାଙ୍କର ବୟସ ମାତ୍ର ୨୦ । ସେ ଟୁର୍ଣ୍ଣାମେଣ୍ଟରେ ଦିଲ୍ଲୀ ସେଣ୍ଟ୍ରାଲ କିଙ୍ଗ୍‌ସ ପାଇଁ ଖେଳୁଛନ୍ତି । ଗତ ୨୦ ତାରିଖରେ ଦିଲ୍ଲୀ ସୁପରଷ୍ଟାର ବିପକ୍ଷରେ ସେ ୨ଟି ୱିକେଟ୍ ହାସଲ କରିଥିଲେ । ଏହା ପରେ ସେ ୬ରୁ ୭ଥର ସେଲିବ୍ରେସନ୍ କରିଥିଲେ । ଧୀରେଧୀରେ ତାଙ୍କର ସେଲିବ୍ରେସନ ଶୈଳୀ ସୋସିଆଲ ମିଡିଆରେ ଭାଇରାଲ ହେବାକୁ ଲାଗିଲା । ମ୍ୟାଚ୍ ପରେ ସେ ସେ ନିଜର ସେଲିବ୍ରେସନ୍ ସଂପର୍କରେ କହିଥିଲେ ।

ମେଧାବୀ ଦିଲ୍ଲୀର ମହିଳା ଟିମ୍ ପାଇଁ ଘରୋଇ କ୍ରିକେଟ୍ ଖେଳନ୍ତି । ୨୦୦୫ ଅକ୍ଟୋବର ୨୯ରେ ଜନ୍ମ ନେଇଥିବା ମେଧାବୀ ଦିଲ୍ଲୀର ଘରୋଇ କ୍ରିକେଟ୍‌ରେ ଅଂଶଗ୍ରହଣ କରିବା ସହିତ ଅଲରାଉଣ୍ଡର ଭାବେ ଖେଳନ୍ତି । ଦିଲ୍ଲୀ ପ୍ରିମିୟର ଲିଗର ମୁକାବିଲାରେ ମେଧାବୀ ୧୬ତମ ଓଭରରେ ନିଶିକା ସିଂହଙ୍କୁ ଆଉଟ୍ କଲା ପରେ ଉତ୍ସାହିତ ହୋଇଥିଲେ । ଗତ ସଂସ୍କରଣରେ ସେ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର ପାଇଁ ଖେଳିଥିଲେ ।

# ବନ୍ୟାରେ ପୋତି ହୋଇଗଲା ବ୍ୟାଙ୍କ୍, ପାଣି ଭିତରୁ ବାହାରିଲା ୫୦ କୋଟିର ସୁନା !



**ନୂଆଦିଲ୍ଲୀ:** ବନ୍ୟା କାଦୁଅ ଭିତରେ ପୋତି ହୋଇ ରହିଥିଲା କୋଟି କୋଟିର ସମ୍ପତ୍ତି ! ନେପାଳରେ ପ୍ରକୃତିର ତାଣ୍ଡବ ମଧ୍ୟରେ ଏକ ଅଭାବନୀୟ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି । ଭୋଟେକୋଶୀ ନଦୀର ଭୟଙ୍କର ରୂପ ସବୁକିଛିକୁ ମାଟିରେ ମିଶାଇ ଦେଇଥିବା ବେଳେ, ପୋଲିସ ଏବଂ ଉଦ୍ଧାରକାରୀ ଦଳ ପ୍ରାୟ ୫୦ କୋଟିରୁ ଅଧିକ ମୂଲ୍ୟର ସୁନା ଓ ଟଙ୍କା ଉଦ୍ଧାର କରି ଏକ ବଡ଼ ବିପର୍ଯ୍ୟୟରୁ ବ୍ୟାଙ୍କକୁ ରକ୍ଷା କରିଛନ୍ତି । ନେପାଳରେ ପ୍ରକୃତିର କରାଳ ରୂପ ଦେଖିବାକୁ ମିଳିଛି । ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ସମଗ୍ର ଦେଶ ଏବେ ଛାରଖାର ହୋଇଯାଇଛି । ଏହି ପ୍ରାକୃତିକ ବିପର୍ଯ୍ୟୟରେ କେବଳ ଜୀବନ ଯାଇନାହିଁ, ବରଂ କୋଟି କୋଟି ଟଙ୍କାର ସମ୍ପତ୍ତି ମଧ୍ୟ ମାଟିରେ ମିଶିଯାଇଛି । ଭୋଟେକୋଶୀ ନଦୀରେ ଆସିଥିବା ଭୟଙ୍କର ବନ୍ୟା ନିଜ ରାସ୍ତାରେ ଆସୁଥିବା ସବୁକିଛିକୁ ଭସାଇ ନେଇଛି । ଏହି ବିଭୀଷିକା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯେଉଁଠି ବନ୍ୟା କାଦୁଅରେ ବୁଡ଼ି ରହିଥିବା ଏକ ବ୍ୟାଙ୍କରୁ କୋଟି କୋଟି ଟଙ୍କାର ସୁନା ଓ ନଗଦ ଟଙ୍କା ଉଦ୍ଧାର କରାଯାଇଛି । ନେପାଳର ନୂଆକୋଟ ଜିଲ୍ଲାରେ ଅବସ୍ଥିତ କୃଷି ବିକାଶ ବ୍ୟାଙ୍କର ତ୍ରିଶୂଳୀ-ଢୁଙ୍ଗେ ଶାଖା ବନ୍ୟା ଜଳରେ ସମ୍ପୂର୍ଣ୍ଣ ଭାବେ ବୁଡ଼ି ଯାଇଥିଲା । ବ୍ୟାଙ୍କର ଲକର ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପର୍ଯ୍ୟନ୍ତ ପହଞ୍ଚିବା ଉଦ୍ଧାରକାରୀ ଦଳ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ଥିଲା । ୮ ଘଣ୍ଟାର କଠିନ ପରିଶ୍ରମ ପରେ ନେପାଳ ପୋଲିସ ଏବଂ ସ୍ଥାନୀୟ ପ୍ରଶାସନ ବ୍ୟାଙ୍କ ଭିତରୁ ପ୍ରାୟ ୫୦ କୋଟି ଟଙ୍କାର ସୁନା ଏବଂ ୧.୫ କୋଟି ନଗଦ ଟଙ୍କା ଉଦ୍ଧାର କରିବାରେ ସଫଳ ହୋଇଛନ୍ତି । ବନ୍ୟା କାଦୁଅରେ ଜୁବୁଥୁବୁ ହୋଇଥିବା ଟଙ୍କା ବିଡ଼ା ଏବଂ ସୁନା ଗହଣାକୁ ସୁରକ୍ଷିତ ବାହାର କରାଯାଇଛି । ଏହା ସହିତ ବ୍ୟାଙ୍କର ଅନେକ ଗୁରୁତ୍ୱପୂର୍ଣ୍ଣ ଦଲିଲ ମଧ୍ୟ ଉଦ୍ଧାର କରାଯାଇଛି । ନେପାଳର ନ୍ୟାସନାଲ ଡିଜାଷ୍ଟର ରିସ୍କ ରିଡକ୍ସନ ଆଣ୍ଡ ମ୍ୟାନେଜମେଣ୍ଟ ଅଥୋରିଟି ଅନୁଯାୟୀ, ଏହି ବନ୍ୟାରେ ବର୍ତ୍ତମାନ ସୁଦ୍ଧା ୯୦୩ ଜଣଙ୍କର ମୃତ୍ୟୁ ହୋଇସାରିଛି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ୪୨୪୭ ଜଣ ଏବେବି ନିଖୋଜ ଅଛନ୍ତି । ବନ୍ୟା ପାଣି କମିବା ପରେ ବିଭିନ୍ନ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲେ ହେଁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି । ତ୍ରିଶୂଳୀ-୩ଏ ସମେତ ଅଧା ଡଜନରୁ ଅଧିକ ହାଇଡ୍ରୋପାୱାର ପ୍ରକଳ୍ପର ଟନେଲରେ ପ୍ରାୟ ୯୩୩ ଜଣ ଲୋକ ନିଖୋଜ ଅଛନ୍ତି । ଏହି ଟନେଲଗୁଡ଼ିକ ଭିତରେ ବନ୍ୟା ଜଳ ଓ ପଥର ମାଡ଼ି ଯାଇଥିବାରୁ ସେଠାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଛି । ଭାରତ ଏବଂ ଚୀନର ବିଶେଷଜ୍ଞମାନେ ନେପାଳ ସେନାକୁ ଏହି କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ରାତିସାରା ମେସିନ ସାହାଯ୍ୟରେ ମାଟି ଓ ପଥର ହଟାଇ ଲୋକଙ୍କ ପାଖକୁ ପହଞ୍ଚିବା ପାଇଁ ପ୍ରୟାସ କରାଯାଉଛି । ନେପାଳରେ ବନ୍ୟାର ଏହି ତାଣ୍ଡବ ସମଗ୍ର ବିଶ୍ୱକୁ ସ୍ତବ୍ଧ କରିଦେଇଛି । ଲୋକମାନେ ନିଜର ସର୍ବସ୍ୱ ହରାଇ ଅସହାୟ ଅବସ୍ଥାରେ ଅଛନ୍ତି । ଏହି କଠିନ ସମୟରେ ଉଦ୍ଧାରକାରୀ ଦଳ ନିଜ ଜୀବନକୁ ବାଜି ଲଗାଇ ଲୋକଙ୍କ ସମ୍ପତ୍ତି ଓ ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି ।





# ଆସାମ ମାଟିରେ ଓଡ଼ିଆ ଝିଅ ତ୍ରିଷ୍ଟାଙ୍କ ଚମକ



ଭୁବନେଶ୍ୱର : ପ୍ରତିଭା, ଆତ୍ମବିଶ୍ୱାସ ଓ ନିଜକୁ ନୂଆ ଭାବେ ପ୍ରତିଷ୍ଠିତ କରିବାର ଦୃଢ଼ ଇଚ୍ଛା ଜଣେ ଯୁବତୀଙ୍କୁ ସଫଳତାର ନୂଆ ପରିଚୟ ଦେଇପାରେ। ଏହାର ଏକ ଉଦାହରଣ ହେଉଛନ୍ତି ଓଡ଼ିଆ ଝିଅ ତ୍ରିଷ୍ଟା ତାନ୍ତି। ଅଭିନେତ୍ରୀ, ମଡେଲ୍ ଓ ମଞ୍ଚ ପ୍ରଦର୍ଶକ ଭାବେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଗଢ଼ିବାରେ ଆଗେଇ ଚାଲିଛନ୍ତି। କେବଳ ମନୋରଞ୍ଜନ କ୍ଷେତ୍ର ନୁହେଁ, ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ଦକ୍ଷତା ରହିଛି। ସେ ଇଂରାଜୀ ସାହିତ୍ୟରେ ମାଷ୍ଟର ଅଫ୍ ଆର୍ଟସ୍ (ଏମ୍.ଏ.) ଡିଗ୍ରୀ ହାସଲ କରିଛନ୍ତି।

ତ୍ରିଷ୍ଟାଙ୍କ ଅଭିନୟ ଯାତ୍ରାରେ ଆସାମୀ ମନୋରଞ୍ଜନ ଶିଳ୍ପ ଓ ଆଞ୍ଚଳିକ ସିନେମାର ଅଭିଜ୍ଞତା ରହିଛି। ଏପର୍ଯ୍ୟନ୍ତ ସେ ୧୫ରୁ ଅଧିକ ସଂଗୀତ ଭିଡିଓରେ ଅଭିନୟ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଏହା ସହିତ ଦୁଇଟି ଫିଚର ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ଏଥିମଧ୍ୟରୁ ଗୋଟିଏ ଫିଲ୍ମ ଆସାମରେ ଏବଂ ଅନ୍ୟଟି ଝାଡ଼ଖଣ୍ଡରେ ନିର୍ମିତ ହୋଇଛି। ଭିନ୍ନ ଭିନ୍ନ ଭାଷା, ପରିବେଶ ଓ ଦର୍ଶକଙ୍କ ସମ୍ମୁଖରେ କାମ କରିବାର ଅନୁଭୂତି ତାଙ୍କ ପ୍ରଦର୍ଶନ କ୍ଷମତାକୁ ଆହୁରି ସମୃଦ୍ଧ କରିଛି।

ମଡେଲିଂ ଓ ସୌନ୍ଦର୍ଯ୍ୟ ପ୍ରତିଯୋଗିତା କ୍ଷେତ୍ରରେ ମଧ୍ୟ ତ୍ରିଷ୍ଟାଙ୍କ ସଫଳତା ଉଲ୍ଲେଖନୀୟ। ୨୦୧୮ରେ ମିସ୍ ନର୍ଥ ଆସାମ ଆଞ୍ଚଳିକ୍ ଟାଇଟଲ୍ ହାସଲ କରିବା ସହ ସେହି ବର୍ଷ 'ମିସ୍ ପପୁଲାର୍' ମୁକୁଟ ମଧ୍ୟ ଜିତିଥିଲେ। ଏହାସହ ମିସ୍ କୁଇନ୍ ଅଫ୍ ଆସାମ ୨୦୧୮ ପ୍ରତିଯୋଗିତାରେ ପ୍ରଥମ ରନର୍ସ-ଅପ୍ ହୋଇଥିଲେ। ପରେ ୨୦୨୧ରେ ମହାପୁରୁଷ ଶ୍ରୀମନ୍ତ ଶଙ୍କରଦେବ ବିଶ୍ୱବିଦ୍ୟାଳୟର 'ମିସ୍ ୟୁନିଭର୍ସିଟି' ଟାଇଟଲ୍ ଜିତି ନିଜ ସଫଳତାର ତାଲିକାକୁ ଆହୁରି ଲମ୍ବା କରିଥିଲେ।

ଅଭିନୟ, ମଡେଲିଂ ଓ ଫ୍ୟାଶନ୍ ଶୋ' ସହିତ ମଞ୍ଚ ପ୍ରଦର୍ଶନ, ସାର୍ବଜନୀନ ଭାଷଣ, ଯୋଗାଯୋଗ ଓ ଉପସ୍ଥାପନାରେ ମଧ୍ୟ ତ୍ରିଷ୍ଟାଙ୍କ ଦକ୍ଷତା ରହିଛି। ବିଭିନ୍ନ ଚରିତ୍ରକୁ ବୁଝି ତାହାକୁ ପରଦାରେ ଜୀବନ୍ତ କରିବା ସହ ଦଳଗତ କାର୍ଯ୍ୟ ଓ ବୃତ୍ତିଗତ ଆଚରଣକୁ ସେ ଗୁରୁତ୍ୱ ଦିଅନ୍ତି।

ସୃଜନଶୀଳତା, ସମର୍ପଣ ଓ ଦୃଢ଼ ଯୋଗାଯୋଗ ଦକ୍ଷତାକୁ ଆଧାର କରି ମନୋରଞ୍ଜନ ଓ ଫ୍ୟାଶନ୍ ଶିଳ୍ପରେ ଆହୁରି ଆଗକୁ ବଢ଼ିବା ତ୍ରିଷ୍ଟାଙ୍କ ଲକ୍ଷ୍ୟ। ଜଣେ ଓଡ଼ିଆ ଝିଅ ଭାବେ ଆଞ୍ଚଳିକ ମଞ୍ଚରୁ ନିଜ ପ୍ରତିଭାର ପରିଚୟ ଦେଇ ସେ ଆଗାମୀ ଦିନରେ ଆହୁରି ବଡ଼ ସୁଯୋଗ ହାସଲ କରିବେ ବୋଲି ଆଶା କରାଯାଏ।

## ୟୁଏସ୍ ଓପନ୍: ଜନ୍ମଦିନରେ ମନ୍‌ଫିଲ୍ସଙ୍କ ବିଜୟ



ନ୍ୟୁୟର୍କ: ଚଳିତ ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡରେ ଗେଲ୍ ମନଫିଲ୍ସ, ଇଟାଲିର ଫ୍ଲାବିଓ କୋବୋଲି ଓ ଆମେରିକାର ଟେଲର ଫ୍ରିଜ୍ ପ୍ରବେଶ କରିଛନ୍ତି। ପୁରୁଷ ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ଫ୍ରାନ୍ସର ମନ୍‌ଫିଲ୍ସ ୨-୬, ୬-୧, ୬-୨ ସେଟ୍‌ରେ ପାରାଗୁଏର ଆଡୋଲ୍‌ଫୋ ଡାନିଏଲ୍ ଭାଲେଜୋଙ୍କୁ ହରାଇ ନିଜର ୪୦ତମ ଜନ୍ମଦିନକୁ ଆହୁରି ସ୍ମରଣୀୟ କରିଛନ୍ତି। ଏଥିସହ ୧୯୯୨ରେ ଜିମି କୋନୋର୍ସଙ୍କ ପରେ ଫ୍ଲସିଂମିଡୋଜ୍‌ରେ ମୁଖ୍ୟ ଡ୍ର' ମ୍ୟାଚ୍ ଜିତିବାରେ ମନ୍ ଫିଲ୍ସ ବୟୋଜ୍ୟୋଷ୍ଠ ଖେଳାଳି ହୋଇଛନ୍ତି। ପଞ୍ଚମ ମାନ୍ୟତାପ୍ରାପ୍ତ କୋବୋଲି ନିଜ କ୍ୟାରିୟରରେ ପ୍ରଥମ ଥର ଆରମ୍ଭରୁ ୨ ସେଟ୍ ପଛରେ ପଡ଼ିଲା ବେଳେ ମ୍ୟାଚ୍ ଜିତିଛନ୍ତି। ସେ ୪ ଘଣ୍ଟା ୧୩ ମିନିଟ୍‌ର ସଂଘର୍ଷ ପରେ ୩-୬, ୨-୬, ୬-୩, ୬-୪, ୬-୪ ସେଟ୍‌ରେ ଆର୍ଜେଣ୍ଟିନାର ଫ୍ରାନ୍‌ସିସ୍କୋ କୋମେସାନାଙ୍କୁ ହରାଇଛନ୍ତି। ନବମ ମାନ୍ୟତାପ୍ରାପ୍ତ ଫ୍ରିଜ୍ ୬-୩, ୬-୨, ୬-୪ ସେଟ୍‌ରେ ନିଜ ଦେଶର ୧୮ ବର୍ଷୀୟ ଡରୱିନ୍ ବ୍ଲାଞ୍ଚଙ୍କୁ ପରାସ୍ତ କରିଛନ୍ତି।

### ୧୮ ବର୍ଷୀୟ ଡରୱିନ୍ ବ୍ଲାଞ୍ଚ ପରାସ୍ତ

ସେହିଭଳି ମହିଳା ଏକକରେ ବିଶ୍ୱର ୨ନମ୍ବର ଏଲିନା ରିବାକିନା, ପୂର୍ବତନ ବିଜୟିନୀ କୋକୋ ଗଫ୍, ମାଡିସନ୍ କିଜ୍ ଓ ଫ୍ରେଞ୍ଚ ଓପନ୍ ବିଜୟିନର ମୀରା ଆନ୍ଦ୍ରିଭା ଆଗକୁ ବଢ଼ିଛନ୍ତି। କାଜାଖସ୍ତାନର ରିବାକିନା ୬-୩, ୬-୨ ସେଟ୍‌ରେ ଆମେରିକାର ସ୍ୱଳ୍ପ ବୟସ୍କା ଯୁବତୀ ଥିଆ ଫ୍ରୋଡିନ୍‌ଙ୍କୁ, ସ୍ଥାନୀୟ ଖେଳାଳି ଗଫ୍ ୬-୩, ୬-୪ ସେଟ୍‌ରେ ତୁର୍କିର ଜେନେପ୍ ସୋନ୍‌ମେଜ୍‌ଙ୍କୁ, ପଞ୍ଚମ ମାନ୍ୟତାପ୍ରାପ୍ତ ରୁଷିଆର ଆନ୍ଦ୍ରିଭା ୬-୨, ୬-୨ ସେଟ୍‌ରେ ବିଶ୍ୱର ୩୬ ନମ୍ବର ଇଣ୍ଡୋନେସିଆ ଖେଳାଳି ଜାନିକେ ତିଜେନ୍‌ଙ୍କୁ ଏବଂ ଆମେରିକାର କିଜ୍ ୭-୫, ୬-୪ ସେଟ୍‌ରେ ରୁଷୀୟ ଯୁବତୀ ଏଲିନା କୋର୍ନୀଭାଙ୍କୁ ହରାଇଥିଲେ।

## ୧୦ ଛକା ଏବଂ ୯ ଚୌକା; ସେମିଫାଇନାଲରେ ବୈଭବଙ୍କ ବିସ୍ଫୋରକ ବ୍ୟାଟିଂ




ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍‌ରେ ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଅଧିକ ଚର୍ଚ୍ଚାରେ ଅଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମେ, ତା'ପରେ ଇଣ୍ଡିଆ ଏ ଏବଂ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବୈଭବ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ରେଡ୍ ବଲ୍ ଫର୍ମାଟ୍‌ର ସବୁଠାରୁ ବଡ଼ ଘରୋଇ ଟୁର୍ଣ୍ଣାମେଣ୍ଟ ଦଲୀପ ଟ୍ରଫିରେ ସେ ବିସ୍ଫୋରକ ବ୍ୟାଟିଂ କରି ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ଇଷ୍ଟ ଜୋନ୍ ପାଇଁ ଖେଳୁଥିବା ବୈଭବ ସୂର୍ଯ୍ୟବଂଶୀ ସେଣ୍ଟ୍ରାଲ ଜୋନ୍ ବିପକ୍ଷରେ ସେମିଫାଇନାଲ ମ୍ୟାଚ୍‌ରେ ୧୩୨ ରନ୍ ସଂଗ୍ରହ କରିଛନ୍ତି। ଏହି ସମୟରେ ତାଙ୍କର ବ୍ୟାଟ୍‌ରୁ ୧୦ଟି ଚୌକା ଏବଂ ୯ଟି ଛକା ଆସିଛି। ସେ କେବଳ ଶତକ ହାସଲ କରିନାହାନ୍ତି; ବରଂ ୧୩୨ ରନ୍ ସଂଗ୍ରହ କରିଛନ୍ତି। ପ୍ରଥମ ପାଳିରେ ସେ ୯୨ ରନ୍ ସଂଗ୍ରହ କରିଛନ୍ତି। ଏଥିରେ ସେ ୭ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ଦ୍ୱିତୀୟ ପାଳିରେ ୩ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ବୈଭବ ଦଲୀପ ଟ୍ରଫି ଇତିହାସରେ କମ ବୟସରେ ଅର୍ଦ୍ଧଶତକ ହାସଲ କରିଥିବା ଖେଳାଳି ହୋଇପାରିଛନ୍ତି। ବୈଭବ ଇଷ୍ଟ ଜୋନ୍‌ର ପାଳିର ପ୍ରଥମ ୧୫ ଓଭରରେ ନିଜର ଅର୍ଦ୍ଧଶତକ ପୂରା କରିଥିଲେ। ସେ ସାରାଂଶ ଜୋନଙ୍କ ବଲ୍‌ରେ ଛକା ମାରି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୫ ବର୍ଷ ୧୫୭ ଦିନର ବୟସରେ ଦଲୀପ ଟ୍ରଫିରେ ଅର୍ଦ୍ଧଶତକ ହାସଲ କରିଥିଲେ। ଏହା ପରେ ସେ ଶତକ ପୂରା କରିପାରି ନଥିଲେ। ଅର୍ଥାତ ୯୨ ରନ୍ କରି ଆଉଟ୍ ହୋଇଥିଲେ।

## 'Odisha T20 League CM Trophy ୨୦୨୬'ର ବିଗୁଲ୍ ବାଜିଲା, ବାରବାଟୀରେ ଜମିବ କ୍ରିକେଟ୍ ମହାସମର

# ୬ ଟିମ୍, ୧୭ ମ୍ୟାଚ୍; ସେପ୍ଟେମ୍ବର ୨୦ରୁ ବାରବାଟୀରେ T20 ରୋମାଞ୍ଚ

କଟକ : ଓଡ଼ିଶା କ୍ରିକେଟ୍‌ରେ ଆଉ ଏକ ରୋମାଞ୍ଚକର ଅଧ୍ୟାୟ ପାଇଁ ମଞ୍ଚ ପ୍ରସ୍ତୁତ। ଢଯସପ୍ତଷବ T20 League CM Trophyର ଦ୍ୱିତୀୟ ସଂସ୍କରଣରେ ୬ଟି ଫ୍ରାଞ୍ଚାଇଜି ଟାଇଟଲ୍ ପାଇଁ ଲଢ଼େଇ କରିବେ। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଓଡ଼ିଶାରେ କ୍ରିକେଟ୍ ଏବଂ କ୍ରୀଡ଼ାର ବିକାଶ ଓ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭିଜନ୍ ଓ ସମର୍ଥନକୁ ପ୍ରତିଫଳିତ କରି ଏହି ଲିଗ୍‌କୁ 'CM Trophy' ନାମ ଦିଆଯାଇଛି। ରାଜ୍ୟର ଉଦୀୟମାନ କ୍ରିକେଟରମାନଙ୍କୁ ବଡ଼ ମଞ୍ଚରେ ନିଜ ପ୍ରତିଭା ଦେଖାଇବା ପାଇଁ ଏହି ଲିଗ୍ ଏକ ବଡ଼ ସୁଯୋଗ ଦେବ।

### ୬ଟି ଟିମ୍ ମଧ୍ୟରେ ଟାଇଟଲ୍ ଲଢ଼େଇ

ଏଥର ଲିଗ୍‌ରେ ଅଂଶଗ୍ରହଣ କରିବେ—

- **Cuttack Panthers**
- **Bhubaneswar Tigers**
- **Rourkela Steelers**
- **Keonjhar Miners**
- **Puri Titans**
- **Sambalpur Warriors**

ମୋଟ ୧୭ଟି ମ୍ୟାଚ୍ ଖେଳାଯିବ ଏବଂ ଏହା ପୂର୍ବରୁ ସେପଟ୍ମ୍ବର ୬ରେ ଚକ୍ଷବଛରକ୍ସଗ୍ଧ' ଉକ୍ସବଲଗ୍ଧ ଅନୁଷ୍ଠିତ ହେବ।

### ଯୁବ କ୍ରିକେଟରଙ୍କ ପାଇଁ ବଡ଼ ମଞ୍ଚ

ବାରବାଟୀ ଷ୍ଟାଡିୟମ୍‌ର ଫ୍ଲଡ୍‌ଲାଇଟ୍ ତଳେ ପ୍ରତିଯୋଗିତାମୂଳକ ଝ୨୦ କ୍ରିକେଟ୍ ଖେଳିବାର ସୁଯୋଗ ପାଇବେ ଓଡ଼ିଶାର ଯୁବ କ୍ରିକେଟରମାନେ। ଅଭିଜ୍ଞ ଖେଳାଳି, କୋଚ୍ ଏବଂ ଫ୍ରାଞ୍ଚାଇଜି ସମର୍ଥନ ମଧ୍ୟରେ ଖେଳି ଯୁବ ପ୍ରତିଭାମାନେ ମ୍ୟାଚ୍ ଅଭିଜ୍ଞତା ହାସଲ କରିବା ସହ ନିଜ କ୍ୟାରିୟରରେ ଆଗକୁ ବଢ଼ିବାର ସୁଯୋଗ ପାଇବେ। ଟୁର୍ଣ୍ଣାମେଣ୍ଟର ଟ୍ରଫି ଅନାବରଣ ସହ ଦ୍ୱିତୀୟ ସଂସ୍କରଣର ଔପଚାରିକ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଢଉଇ ସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନସିଲ୍ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ପୂର୍ବ ସଂସ୍କରଣରେ Cuttack Panthers ଚାମ୍ପିଅନ୍ ହୋଇଥିଲା। ଏଥର ୬ଟି ଟିମ୍ ଟ୍ରଫି ହାତେଇବା ପାଇଁ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା କରିବେ।

### "ଯୁବ ଖେଳାଳିଙ୍କୁ ପ୍ରଦର୍ଶନ, ଶିଖିବା ଓ ବଢ଼ିବାର ସୁଯୋଗ ମିଳିବ"

OCA ସଭାପତି ପଙ୍କଜ ଲୋଚନ ମହାନ୍ତି କହିଛନ୍ତି, Odisha T20 League CM Trophy ରାଜ୍ୟର କ୍ରିକେଟିଂ ଇକୋସିଷ୍ଟମ୍‌କୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମର ଲକ୍ଷ୍ୟ କେବଳ ଏକ ପ୍ରତିଯୋଗିତାମୂଳକ ଟୁର୍ଣ୍ଣାମେଣ୍ଟ ଆୟୋଜନ ନୁହେଁ, ବରଂ ଏଭଳି ଏକ ପ୍ଲାଟଫର୍ମ ସୃଷ୍ଟି କରିବା, ଯେଉଁଠାରେ ଯୁବ ଖେଳାଳି ପ୍ରଦର୍ଶନ କରିପାରିବେ, ଶିଖିପାରିବେ ଏବଂ ଆଗକୁ ବଢ଼ିପାରିବେ।"




### IPL ସ୍କାଉଟ୍‌ଙ୍କ ନଜରରେ ରହିବେ ଓଡ଼ିଆ ଖେଳାଳି

ଲିଗ୍‌ରେ ଓଡ଼ିଶାର ଖେଳାଳିଙ୍କୁ ଅଧିକ ପରିଚୟ ଦେବା ଉପରେ ମଧ୍ୟ ଗୁରୁତ୍ୱ ରହିବ। ବାରବାଟୀ ଭଳି ବଡ଼ ଭେନ୍ୟୁରେ ମ୍ୟାଚ୍ ଖେଳିବା ସହ ବ୍ୟାପକ ଦର୍ଶକଙ୍କ ନିକଟରେ ମ୍ୟାଚ୍ ପହଞ୍ଚିବା ଫଳରେ ଯୁବ ଖେଳାଳିଙ୍କ ପ୍ରତି ରାଜ୍ୟ ବାହାରର ଟିମ୍ ଓ ସ୍କାଉଟ୍‌ଙ୍କ ନଜର ପଡ଼ିପାରିବ।

ଟୁର୍ଣ୍ଣାମେଣ୍ଟର Event Partner Zeus Worldcast Private Limited ମ୍ୟାଚ୍ ଓ ବ୍ରଡକାଷ୍ଟ ପରିଚାଳନା କରିବ। ମଲ୍ଟି-କ୍ୟାମେରା ସେଟଅପ୍, ହାଇ-କ୍ୱାଲିଟି ଗ୍ରାଫିକ୍ସ ସହ ଦର୍ଶକଙ୍କୁ ୱାର୍ଲ୍ଡ-କ୍ଲାସ୍ ପ୍ରଡକ୍ସନ୍ ଅନୁଭୂତି ଦେବା ଉପରେ ଗୁରୁତ୍ୱ ରହିବ ବୋଲି Zeus Worldcastର ଡାଇରେକ୍ଟର ଗୁଲଶନ କୁମାର ଝୁରାନୀ କହିଛନ୍ତି।

ସେ କହିଛନ୍ତି ଯେ ଅନ୍ୟାନ୍ୟ ଲିଗ୍‌ରୁ ଅନେକ ଖେଳାଳି ଘରୋଇ T20 କ୍ରିକେଟ୍‌ରୁ IPL ଏବଂ ପରେ ଜାତୀୟ ଦଳ ପର୍ଯ୍ୟନ୍ତ ପହଞ୍ଚିଛନ୍ତି। ୨୦୨୬ ସିଜନ୍‌ରୁ ଅତି କମ୍‌ରେ ଦୁଇଜଣ ଖେଳାଳି ଆଗାମୀ IPL ଅକ୍ସନ୍‌ରେ ସ୍ଥାନ ପାଇବେ ବୋଲି ଆଶା ରହିଛି।

### JioHotstar I Tarang TVରେ ପ୍ରସାରଣ

ଲିଗ୍‌କୁ ରାଜ୍ୟର ଅଧିକରୁ ଅଧିକ କ୍ରିକେଟ୍‌ପ୍ରେମୀଙ୍କ ନିକଟରେ ପହଞ୍ଚାଇବା ପାଇଁ JioHotstarùe National OTT Broadcast Gaõ Tarang TVùe Linear Broadcast ହେବ। ସେପଟ୍ମ୍ବର ୨୯ ତାରିଖ, ଅର୍ଥାତ୍ ଫାଇନାଲ୍ ଦିନରେ ଗ୍ରାଣ୍ଡ ଫାଇନାଲ୍ ପୂର୍ବରୁ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ୍ ମଧ୍ୟ ଆୟୋଜିତ ହେବ। ୬ଟି ଫ୍ରାଞ୍ଚାଇଜି, ୧୭ଟି ପ୍ରତିଯୋଗିତାମୂଳକ ମ୍ୟାଚ୍? ଏବଂ ନିଜ ପ୍ରତିଭା ପ୍ରମାଣ କରିବାକୁ ପ୍ରସ୍ତୁତ ଯୁବ କ୍ରିକେଟର— Odisha T20 League CM Trophy ୨୦୨୬ କେବଳ ଏକ ଘରୋଇ T20 ଟୁର୍ଣ୍ଣାମେଣ୍ଟ ନୁହେଁ, ଏହା ଓଡ଼ିଶାର ନୂଆ ପିଢ଼ିର କ୍ରିକେଟରଙ୍କ ପାଇଁ ବଡ଼ ସ୍ୱପ୍ନ ଦେଖିବା ଏବଂ ଉଚ୍ଚସ୍ତରୀୟ କ୍ରିକେଟ୍ ଆଡ଼କୁ ପ୍ରଥମ ପଦକ୍ଷେପ ନେବାର ଏକ ବଡ଼ ମଞ୍ଚ।

## ଅନ୍ତର୍ଜାତୀୟ ଫୁଟବଲ୍‌ରୁ ଅବସର ନେଲେ ଲିଓନେଲ ମେସି

# ଆର୍ଜେଣ୍ଟିନା ଜର୍ସିରେ ଶେଷ ହେଲା ଏକ ସ୍ୱର୍ଣ୍ଣିମ ଯୁଗ

ବିଶ୍ୱ ଫୁଟବଲ୍‌ର ଅନ୍ୟତମ ମହାନ ଖେଳାଳି ଲିଓନେଲ ମେସି ଆର୍ଜେଣ୍ଟିନା ଜାତୀୟ ଦଳରୁ ନିଜର ଅବସର ଘୋଷଣା କରିଛନ୍ତି। ୨୦୨୬ ଫିଫା ବିଶ୍ୱକପ୍ ଫାଇନାଲ୍ ପରେ ଅନେକ ଦିନର ଚିନ୍ତାପ୍ରକଟ ପରେ ସେ ଏହି ନିଷ୍ପତ୍ତି ନେଇଥିବା ଏକ ଭାବବିହ୍ୱଳ ପୋଷ୍ଟ ଜରିଆରେ ସ୍ପଷ୍ଟ କରିଛନ୍ତି। ସୋସିଆଲ ମିଡିଆରେ ଏକ ବାର୍ତ୍ତା ସେୟାର କରି ୩୯ ବର୍ଷୀୟ ମେସି ଲେଖିଛନ୍ତି, "ଏହି ନିଷ୍ପତ୍ତି ମୋତେ ଭିତରୁ ବହୁତ କଷ୍ଟ ଦେଇଛି, କିନ୍ତୁ ଏହା ହିଁ ସଠିକ୍ ସମୟ। ମୋ ପାଖରେ ଯାହା କିଛି ଥିଲା, ମୁଁ ଜାତୀୟ ଦଳ ପାଇଁ ସବୁକିଛି ସମର୍ପିତ କରିସାରିଛି।" ଏହା ସହ ନୂଆ ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ପାଇଁ ସେ ଏହି ପଦକ୍ଷେପ ନେଇଥିବା ପ୍ରକାଶ କରିଛନ୍ତି।



**ମେସିଙ୍କ ଆନ୍ତର୍ଜାତୀୟ କ୍ୟାରିୟରର ମୁଖ୍ୟ ସଫଳତା:**

**୨୦୭ଟି ମ୍ୟାଚ୍:** ଆର୍ଜେଣ୍ଟିନା ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବାର ରେକର୍ଡ।

**୧୨୫ ଟି ଗୋଲ୍:** ଜାତୀୟ ଦଳ ପାଇଁ ସର୍ବକାଳୀନ ସର୍ବାଧିକ ଗୋଲଦାତା।

**ବିଶ୍ୱକପ୍ ବିଜେତା (୨୦୨୨):** ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ୨୦୨୨ରେ ଆର୍ଜେଣ୍ଟିନାକୁ ବିଶ୍ୱବିଜେତା କରାଇଥିଲେ।

**ଆମେରିକା (୨୦୨୧, ୨୦୨୪):** ଦୁଇଟି କୋପା ଆମେରିକା ଟ୍ରୋଫି ସହ ୨୦୨୨ରେ ଫାଇନାଲିସିମା ଟାଇଟଲ୍ ହାସଲ। ମେସିଙ୍କ ଏହି ଅବସର ସହ ଆର୍ଜେଣ୍ଟିନା ଫୁଟବଲର ଏକ ୨୦ ବର୍ଷର ସ୍ୱର୍ଣ୍ଣିମ ଅଧ୍ୟାୟର ଅନ୍ତ ଘଟିଲା। ଜାତୀୟ ଦଳରୁ ଅବସର ନେଇଥିଲେ ବି ସେ କ୍ଲବ୍ ଫୁଟବଲ୍‌ରେ ଇଣ୍ଟର ମିଆମି ପାଇଁ ଖେଳିବା ଜାରି ରଖିବେ।




Executive Editor : **M.M. RAM**
Editor : **MUKESH RAM**

**Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002**
**Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003**

କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ